

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୫ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 FEBRUARY 2022

Vol.No. 33 ■ No. 44 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୧୬ ତାରିଖରେ ବଡ଼ ନେତାଙ୍କର ହେବ ଭାଗ୍ୟ ପରୀକ୍ଷା



ନୂଆଦିଲ୍ଲୀ, ୧୪/୦୨ : ବୁଧବାରଠାରୁ ଆରମ୍ଭ ହେବ ପଂଚାୟତ ନିର୍ବାଚନ ୨୦୨୨ର ମହାପର୍ବ । କାରଣ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ହେବ ମତଦାନ । ଏଥିପାଇଁ ସୋମବାର ସଂଧ୍ୟା ସୁଦ୍ଧା ଶେଷ ହୋଇଛି ପ୍ରଚାର । ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାକୁ ଶେଷ ପ୍ରୟାସ କରିଛନ୍ତି ପ୍ରାର୍ଥୀ ଓ ସମର୍ଥନରେ ଛିଡା ହୋଇଥିବା ରାଜନୈତିକ ଦଳ । ଅସଲ ଲଢେଇ ହେବ, ଯେତେବେଳେ ଭୋଟର ନିଜ ପସନ୍ଦର ପ୍ରାର୍ଥୀ ଦେଖି ମତଦାନ କରିବେ । କୁହାଯାଉଛି ଜିଲ୍ଲା ପରିଷଦ ଦଖଲ ହେବ ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ପତିଆରାର ମାପକାଠି । ଦଳୀୟ ଚିହ୍ନରେ ଜିଲ୍ଲା ପରିଷଦ ପ୍ରାର୍ଥୀ ଲଢୁଥିବାରୁ ସିଧାସଳଖ ଦାୟିତ୍ୱରେ ଥିବା ନେତାଙ୍କ ମୂଲ୍ୟାୟନ ହେବ । ସେଥିପାଇଁ ସବୁ କଳ କୌଶଳ ଲଗାଇ ଦେଇଛନ୍ତି ବିଜେଡି ନେତା । ପ୍ରଥମ ପର୍ଯ୍ୟାୟରେ ଭୋଟକୁ ଯାଉଥିବା ବରଗଡ ଜିଲ୍ଲାର ଭଟଲିରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ନେତୃତ୍ୱର ମୂଲ୍ୟାୟନ ହେବ । ବୌଦ୍ଧର କଂଟାମାଳରେ ମନ୍ତ୍ରୀ ପଦ୍ମନାଭ ବେହେରା, କଟକ ମାହାଙ୍ଗାରେ ମନ୍ତ୍ରୀ ପ୍ରତାପ ଜେନା, ଗଞ୍ଜାମ ଦିଗପହଣ୍ଡିରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଯାଜପୁରରେ ବିଧାୟକ ତଥା ବିଜେଡି ସାଂଗଠିନକ ସଂପାଦକ ପ୍ରଣବ ପ୍ରକାଶ ଦାସଓ ଧର୍ମଶାଳାରେ ପ୍ରଣବ ବଳବନ୍ତରାୟଙ୍କ ପତିଆରାର ପରୀକ୍ଷା ହେବାକୁ ଯାଉଛି । ରାଜ୍ୟ ସରକାରଙ୍କ ବିକାଶ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ମାଧ୍ୟମ କରି ଗାଁ ଗାଁରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସମର୍ଥନ ଯୋଗାଡ କରିଛନ୍ତି ବିଜେଡି ନେତା, ମନ୍ତ୍ରୀ । ହେଲେ ଗତଥର ଭଳି ଏଥର ମଧ୍ୟ ନିର୍ବାଚନୀ ପ୍ରଚାର ମୈଦାନକୁ ଓହ୍ଲାଇ ନାହାନ୍ତି ବିଜେଡି ସୁପ୍ରିମୋ । ତଥାପି ଦଳୀୟ ପ୍ରାର୍ଥୀ କିମ୍ବା ସମର୍ଥିତ ସରପଂଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ରଣନୀତି ପ୍ରସ୍ତୁତି ଓ ପ୍ରଚାରରେ ହେଳା କରିନାହାନ୍ତି ସ୍ଥାନୀୟ ବିଧାୟକ ଓ ନେତା । ଜିଲ୍ଲା ପରିଷଦ ନିର୍ବାଚନ ପାଇଁ ବିରୋଧୀ ବିଜେପି ଓ କଂଗ୍ରେ ଅପେକ୍ଷା ବିଜେଡି ଭଲ ସ୍ଥିତିରେ ଥିବା ପରି ଦେଖାଯାଉଛି । ବିଜେଡିକୁ ବିରୋଧୀଙ୍କ ପଟୁ ଯେତିକି ଭୟ ନାହିଁ, ନିଜ ଦଳରୁ କଂଟା ସାଜିଥିବା ବିଦ୍ରୋହୀଙ୍କ ▶▶ପୃଷ୍ଠା ୭

## ମତଦାନରେ ରେକର୍ଡ କଲା ଗୋଆ, ୟୁପି ଓ ଉତ୍ତରାଖଣ୍ଡ



ନୂଆଦିଲ୍ଲୀ, ୧୪/୦୨ : ଗୋଆ ଓ ଉତ୍ତରାଖଣ୍ଡ ବିଧାନସଭା ପାଇଁ ମତଦାନ ବେଶ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ସେହିପରି ଉତ୍ତର ପ୍ରଦେଶରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ କୌଣସି ପ୍ରକାରର ଅପ୍ରତିକର ପରିସ୍ଥିତି ଦେଖିବାକୁ ମିଳିନି । ଆଜି ଏହି ରାଜ୍ୟଗୁଡ଼ିକର ମୋଟ ୧୬୫ ବିଧାନସଭା ଆସନ ପାଇଁ ଭୋଟ ପଡ଼ିଛି । ୩୮,୮୨୩ ପୋଲିଂ ଷ୍ଟେସନକୁ ଲୋକମାନେ ଯାଇ ନିଜ ପସନ୍ଦର ପ୍ରାର୍ଥୀମାନଙ୍କୁ ଭୋଟ ଦେଇଛନ୍ତି । ଭୋଟ ଶେଷ ସହ ପ୍ରାର୍ଥୀମାନଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଯାଇଛି । ଆସନ୍ତା ୧୦ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇଛି । ଗୋଆ ଓ ଉତ୍ତରାଖଣ୍ଡ ବିଧାନସଭା ପାଇଁ ଗୋଟିଏ ପର୍ଯ୍ୟାୟରେ ସମସ୍ତ ଆସନଗୁଡ଼ିକ ପାଇଁ ଆଜି ମତଦାନ ଶେଷ ହୋଇଛି । ସନ୍ଧ୍ୟା ୬ଟା ସୁଦ୍ଧା ଗୋଆରେ ରେକର୍ଡ ସଂଖ୍ୟକ ମତଦାନ ହୋଇଛି । ଏଠାରେ ୭୮.୯୪% ଲୋକ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ପୂର୍ବ ନିର୍ବାଚନ ଗୁଡ଼ିକ ଅପେକ୍ଷା ଏଥର ଅଧିକ ସଂଖ୍ୟକ ଲୋକ ଭୋଟ ଦେଇଛନ୍ତି । ସେହିପରି ଉତ୍ତରାଖଣ୍ଡରେ ୫୯.୬୧% ଓ ଉତ୍ତରପ୍ରଦେଶରେ ୬୨.୫୨% ଭୋଟିଂ ରେକର୍ଡ କରାଯାଇଛି । ସନ୍ଧ୍ୟା ୬ଟା ପରେ ମଧ୍ୟ ବିଭିନ୍ନ ସ୍ଥାନରେ ଲୋକମାନେ ଧାଡ଼ିରେ ଛିଡ଼ା ହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବାରୁ ଭୋଟିଂ ପ୍ରତିଶତ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି । ଆଜି ଗୋଆର ସମସ୍ତ ୪୦ ଓ ଉତ୍ତରାଖଣ୍ଡର ୭୦ ଆସନ ପାଇଁ ଭୋଟ ପଡ଼ିଛି । ସେହିପରି ଉତ୍ତର ପ୍ରଦେଶର ୫୫ଟି ଆସନ ପାଇଁ ଲୋକମାନେ ମତାଧିକାର ସାବ୍ୟସ୍ତ କରିଛନ୍ତି । ସୋମବାର ଅନୁଷ୍ଠିତ ଭୋଟିଂ ବେଳେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଓ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ସେମାନଙ୍କ ପରିବାର ଲୋକଙ୍କ ସହ ଯାଇ ଭୋଟ ଦେଇଛନ୍ତି । ଧାମି ଓ ତାଙ୍କ ପତ୍ନୀ ପୋଲିଂ ବୁଥକୁ ବିଜେପିର ଉତ୍ତରୀୟ ପକାଇ ଭୋଟ ଦେଇଥିବାରୁ ଏହାକୁ ନେଇ ବିବାଦ ଦେଖାଯାଇଛି । ଗୋଆ ରାଜ୍ୟପାଳ ପିଏସ୍ ଶ୍ରୀଧରନ ପିଲାଇ ପତ୍ନୀ ରୀତା ଶ୍ରୀଧରନଙ୍କ ▶▶ପୃଷ୍ଠା ୭

### ରାଜ୍ୟରେ ଆଉ ୨୦ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୯୦୪ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୬ ଜଣ ରହିଥିବା ବେଳେ ଯାଜପୁର ଜିଲ୍ଲାରୁ ୪ଜଣ ଅଛନ୍ତି । ସେହିପରି କଟକ ଓ ପୁରୀ ଜିଲ୍ଲାରୁ ୨-୨ ଜଣ ରହିଥିବା ବେଳେ ଭଦ୍ରକ, ଢେଂକାନାଳ, ଜଗତସିଂହପୁର, କେନ୍ଦ୍ରାପଡା, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।

### ସବୁ ନଗର ନିଗମ ଆସନ ପୋଛି ନେଲା ଟିଏମସି

କୋଲକାତା, ୧୪/୦୨ (ନି.ପ୍ର): ପୁଣିଥରେ ପୌର ନିର୍ବାଚନରେ ବାଜିମାତ କରିଛି ପଶ୍ଚିମବଙ୍ଗର କ୍ଷମତାସୀନ ଟିଏମସି । ଫେବୃଆରୀ ୧୨ରେ ସମସ୍ତ ୪ ନଗର ନିଗମ ଆସନରେ ହୋଇଥିବା ନିର୍ବାଚନରେ ଟିଏମସି ପ୍ରାର୍ଥୀମାନେ ବିଜୟ ହୋଇଛନ୍ତି । ଟିଏମସି ପ୍ରାର୍ଥୀମାନେ ବିଧାନନଗର, ▶▶ପୃଷ୍ଠା ୭

## ଚୀନ୍ ଉପରେ ପୁଣି ଡିଜିଟାଲ ଷ୍ଟ୍ରାଇକ୍, ୫୪ଟି ଆପ୍ ବ୍ୟାନ୍



ନୂଆଦିଲ୍ଲୀ, ୧୪/୦୨ : ଚୀନ୍ ଉପରେ ପୁଣି ଡିଜିଟାଲ ଷ୍ଟ୍ରାଇକ୍ କଲେ କେନ୍ଦ୍ର ସରକାର । ଦେଶରେ ପୁଣି ବ୍ୟାନ ହେଲା ୫୪ଟି ଚାଇନିଜ୍ ଆପ୍ । ବ୍ୟାନ ହୋଇଥିବା ଆପ୍ ମଧ୍ୟରେ ରହିଛି ସୁଇଟ ସେଲ୍ଫି ଏଚ୍‌ଡି, ବ୍ୟୁ ଟି କ୍ୟାମେରା-ସେଲ୍ଫି କ୍ୟାମେରା ଆପ୍, ଆପ୍ଲକ୍, ଇକ୍ୟୁଲାଇଜର, ବାସ୍ ବୁଷ୍ଟର ଆପ୍, ଡୁଆଲ ସ୍ପେସ୍ ଲାଇଟ୍, କ୍ୟାମ୍ କାର୍ଡ, ଭାଇଭା ଭିଡିଓ ଏଡିଟର । ଏହି ଆପ୍ ଗୁଡ଼ିକ ଦେଶର ସୁରକ୍ଷା ପ୍ରତି ବିପଦ ବୋଲି ଦର୍ଶାଇ କେନ୍ଦ୍ର ସରକାର ଏହି ୫୪ଟି ଆପ୍ ବ୍ୟାନ କରିଛନ୍ତି । ଇଲୋକଟ୍ରୋନିକ୍ସ ଏବଂ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ କରାଯାଇଛି । ୨୦୨୦ ଜୁନ୍ ମାସଠାରୁ କେନ୍ଦ୍ର ସରକାର ୨୨୪ଟି ଚାଇନିଜ୍ ସୋଶାଲ ମିଡିଆକୁ ନିଷିଦ୍ଧ କରିସାରିଲେଣି । ଏହି ଆପ୍ ମଧ୍ୟରେ ଟିକ୍‌ଟକ୍, ସେୟାରଇଟ୍, ଉଇ ଚାର୍ଟ, ହେଲୋ, ଲାଇକି, ୟୁସି ନ୍ୟୁଜ୍, ବିଗୋ ଲାଇମଭ୍, ୟୁସି ବ୍ରାଉଜ୍, ଇଏସ୍ ଏକ୍ସପ୍ଲୋରର ଏବଂ ଏମଆଇ କମ୍ୟୁନିଟି ଭଳି ଲୋକପ୍ରିୟ ଡିଜିଟାଲ ମଡିଆ ରହିଛି । ମିଳିଥିବା ସଳୂଚନା ଅନୁଯାୟୀ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟିକରିଥିବା ୫୨ ରଟି ଆପ୍ ଗୁଡ଼ିକୁ ପୂର୍ବରୁ ବ୍ୟାନ୍ ରାଯାଇଥିଲା । କିନ୍ତୁ ଉକ୍ତ କମ୍ପାନୀ ଗୁଡ଼ିକୁ ଚାଲାକି କରି ନୂଆ ନାମରେ ବାଜାରକୁ ଆସିଥିଲେ । ପରେ ସେହି ଆପ୍ ଗୁଡ଼ିକ ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ପୁଣି ଥରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅଧିକାଂଶ ଆପ ଗୁଡ଼ିକ ମାଧ୍ୟମରେ ୟୁଜରଙ୍କ ତଥ୍ୟ ଚୀନ ହାତକୁ ଯାଉଥିଲା । ଏହି ଆପ୍ ଗୁଡ଼ିକୁ ପ୍ଲେ-ଷ୍ଟୋରରୁ ହଟାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## ଗୃହରାଷ୍ଟ୍ର ମନ୍ତ୍ରୀଙ୍କର ସଂପୃକ୍ତି ଓ ଗୋପନୀୟ ଗସ୍ତର ତଦନ୍ତ ଦାବିକଲା କଂଗ୍ରେସ

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ଶିକ୍ଷୟତ୍ରୀ ମମିତା ମେହେର ହତ୍ୟାକାଣ୍ଡରେ ପୋଲିସ ଚାର୍ଜସିଟ ଦେଇଛି । ଏହି ହତ୍ୟାକାଣ୍ଡରେ ବିବାଦୀୟ ଥିବା ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ନାହିଁ । ତାହାହେଲେ ପୋଲିସ କେବଳ ଦୁଇଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ଘଟଣାରେ ଜଡ଼ିତ ଥିବା ସେକ୍ସକାଣ୍ଡାଲ ଯାହା ହତ୍ୟାର କାରଣ ସେ ସଂପର୍କରେ ତଦନ୍ତ ନକରି ଦୋଷୀଙ୍କୁ ଖସାଇଦେବା ଯୋଜନା କରିଛି ବୋଲି ଅଭିଯୋଗ କରିଛି କଂଗ୍ରେସ । ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ନିର୍ବାଚନ ଗଣମାଧ୍ୟମ ମୁଖ୍ୟ ତଥା ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ କେବଳ ସଂପୃକ୍ତି ନୁହେଁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଖସାଇଦେବା ଓ ଘଂଟଘୋଡ଼ାଇବା ପଛରେ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କର ଭୂମିକା ସଂଦେହଜନକ ଥିବା ଅଭିଯୋଗ ହୋଇଥିଲା । ହତ୍ୟାର କାରଣ ମହାଲିଙ୍ଗ କଲେଜରେ ଚାଲୁଥିବା ସେକ୍ସକାଣ୍ଡାଲ ଓ ଏହି ସ୍କାଣ୍ଡାଲରେ ପ୍ରତିଭାଶାଳୀ ଲୋକଙ୍କର ସଂପୃକ୍ତି ସଂପର୍କରେ ପୋଲିସ ଠିକ୍ ଭାବେ ତଦନ୍ତ କରିନାହିଁ । ଆଜି ମନ୍ତ୍ରୀଙ୍କର ରାୟପୁରରୁ ଚଣ୍ଡିଗଡ଼ ଗସ୍ତର ଏକ ଭିଡିଓ ଜାରି କରି ତାଙ୍କ ଠାରୁ ସ୍ପଷ୍ଟିକରଣ ମାଗିଛନ୍ତି କଂଗ୍ରେସ ମୁଖପାତ୍ର ଶ୍ରୀ ମହାପାତ୍ର । ପୁନଶ୍ଚ ଶ୍ରୀ ମହାପାତ୍ର କହିଲେ ଯେ ଅକ୍ଟୋବର ୮ ତାରିଖରେ ମମିତାର ହତ୍ୟା ହୋଇଛି । ୯ ତାରିଖରେ ପରିବାରର ଅଭିଯୋଗକୁ କେଗାଁ ଥାନା ଗ୍ରହଣ କରୁନାହିଁ । ୧୧ ତାରିଖରେ ମନ୍ତ୍ରୀ ଭବାନୀ ପାଟଣା ପଂହଚିଲେ । ▶▶ପୃଷ୍ଠା ୭

### ଶପଥ ନେଲେ ଓଡିଶା ହାଇକୋର୍ଟର ୩ ବିଚାରପତି

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ଓଡ଼ିଶା ହାଇକୋର୍ଟରେ ନବ ନିଯୁକ୍ତ ୩ ଜଣ ବିଚାରପତି ଶପଥ ଗ୍ରହଣ କରିଛନ୍ତି । ଶପଥ ନେଇଥିବା ବିଚାରପତିମାନେ ହେଲେ ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଓ ଜଷ୍ଟିସ ମୁରାହରି ଶ୍ରୀରମଣ । ହାଇକୋର୍ଟ ନୂଆ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ. ମୁରଲୀଧର ତିନି ନୂଆ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ହାଇକୋର୍ଟର ସମସ୍ତ ବିଚାରପତିଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ । ତିନି ନୂଆ ବିଚାରପତିଙ୍କ ନିଯୁକ୍ତି ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ସଂଖ୍ୟା ୨୧ରେ ପହଂଚିଛି । ଗତ ଜାନୁଆରୀ ୨୯ରେ ସୁପ୍ରିମକୋର୍ଟ କଲେଜିୟମ ୪ ଜଣଙ୍କ ନାଁକୁ ମଞ୍ଜୁରୀ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ବିଚାରପତି ଭାବେ ନିଯୁକ୍ତି ଦେବାକୁ ଗତ ସପ୍ତାହରେ ଆଇନ ମନ୍ତ୍ରାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

## ମୋଦିଙ୍କ ପାଇଁ ଅଟକିଲା ଚନ୍ନିଙ୍କ ବିମାନ



ନୂଆଦିଲ୍ଲୀ, ୧୪/୦୨ : ନିର୍ବାଚନ ପ୍ରଚାର ପାଇଁ ବଡ଼ ବଡ଼ ଦଳର ମୁଖିଆମାନେ ଆକାଶ ପଥରେ ଧୂଆଁଧାର ଗସ୍ତ କରୁଛନ୍ତି । ବିମାନ ଉଡ଼ାଣକୁ ନେଇ ଏକ ରୋଚକ ରାଜନୈତିକ ବାଦବିବାଦ ସାମ୍ନାକୁ ଆସିଛି । ମୋଦିଙ୍କ ବିମାନ ପାଇଁ ଅଟକିଲା ଚନ୍ନିଙ୍କ ବିମାନ । ସୋମବାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣ ଜିତ ସିଂ ଚନ୍ନିଙ୍କ ହେଲିକପ୍ଟରକୁ ଉଡ଼ାଣ ପାଇଁ ଅନୁମତି ମିଳିନି । ପ୍ରଧାମମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମାନ ଚଳପ୍ରଚଳ ନେଇ ଚଣ୍ଡିଗଡ଼ରେ ରାଜେନ୍ଦ୍ର ପାର୍କକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି । ଫଳରେ ଚନ୍ନିଙ୍କ ହେଲିକପ୍ଟରକୁ ଟେକ୍ ଅଫ୍ ପାଇଁ ଅନୁମତି ଦିଆଯାଇ ନାହିଁ । ପଞ୍ଜାବର ହୋସିରାପୁରରେ ଏକ ନିର୍ବାଚନ ରାଲିରେ ଚନ୍ନି ଗସ୍ତ କରିବାର ଥିଲା । ଉକ୍ତ ରାଲିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । କିନ୍ତୁ ହୋସିରାପୁରକୁ ରାହୁଲ ଗାନ୍ଧୀଙ୍କ ବିମାନକୁ ଅନୁମତି ଦିଆଯାଇଛି । ଏହାରି ମଧ୍ୟରେ ପ୍ରଧାମନ୍ତ୍ରୀ ମୋଦି ଜଳନ୍ଧରରେ ଏକ ନିର୍ବାଚନ ରାଲିରେ ଯୋଗ ଦେଇଛନ୍ତି । ପଞ୍ଜାବର ପୂର୍ବତନ କଂଗ୍ରେସ ମୁଖ୍ୟ ସୁନୀଲ ଜଖର କହିଛନ୍ତି ଯେ, ହୋସିରାପୁରକୁ ଚନ୍ନିଙ୍କର ଗସ୍ତ କାର୍ଯ୍ୟକ୍ରମ ଥିଲା । କିନ୍ତୁ ତାଙ୍କ ହେଲିକପ୍ଟରକୁ ଅନୁମତି ଦିଆ ନଯିବା ଲଜ୍ଜାଜନ ବିଷୟ । ଯଦି ଏହି ଘଟଣାକୁ ନିର୍ବାଚନ କମିଶନ ଗୁରୁତର ସହ ନ ନିଅନ୍ତି ତେବେ ନିର୍ବାଚନ ଗୁଡ଼ିକ ଏକ ଫାର୍ଶ ବୁଝିବାକୁ ପଡ଼ିବ ବୋଲି ସେ କହିଛନ୍ତି । ଫେବୃଆରୀ ୨୦ରେ ପଞ୍ଜାବ ନିର୍ବାଚନ ହେବ । ମାର୍ଚ୍ଚ ୧୦ରେ ଗଣତି ହେବ । ଏଠାରେ ଶାସକ ଦଳ କଂଗ୍ରେସ ପାଇଁ ଏଥର ଶିରୋମଣି ଅକାଳି ଦଳ, ଆମ ଆଦମୀ ପାର୍ଟି, ବିଜେପି ଏବଂ ଏହାର ମେଣ୍ଟ ଲୋକ କଂଗ୍ରେସ ମୁଖ୍ୟ ପ୍ରତିଦ୍ୱନ୍ଦୀ ହୋଇଛନ୍ତି ।

## ଲାବଣ୍ୟ ଆତ୍ମହତ୍ୟା ମାମଲାର ସିବିଆଇ ଯାଂଚ ଉପରେ ରୋକ୍‌କୁ ସୁପ୍ରିମକୋର୍ଟର ନା

ନୂଆଦିଲ୍ଲୀ, ୧୪/୦୨ (ନି.ପ୍ର): ସୁପ୍ରିମକୋର୍ଟ ତାମିଲନାଡୁର ଲାବଣ୍ୟର ଆତ୍ମହତ୍ୟା ମାମଲାରେ ସିବିଆଇ ଯାଂଚ ଉପରେ ରୋକ ଲଗାଇବାକୁ ନା କରିଦେଇଛି । ତାମିଲନାଡୁ ସରକାରଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ମାମଲାକୁ ନେଇ ମାଡ୍ରାସ ହାଇକୋର୍ଟରେ ଆବେଦନ ଦାୟର କରିଥିବା ଆବେଦନକାରୀ ଏବଂ ସିବିଆଇକୁ ମଧ୍ୟ ନୋଟିସ୍ ଜାରି କରିଛି । ସୁପ୍ରିମ୍‌କୋର୍ଟ ଦୁଇପକ୍ଷକୁ ଚାରି ସପ୍ତାହରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି । କୋର୍ଟ କହିଛନ୍ତି ଯେ ଏହି ଷ୍ଟେଜରେ ଆମ ପକ୍ଷରୁ ସିବିଆଇ ଯାଂଚରେ ଦଖଲ ଦେବା ଠିକ୍ ନୁହେଁ । ତାମିଲନାଡୁ ସରକାର ଏହି ମାମଲାର ସିବିଆଇ ଯାଂଚର ମାଡ୍ରାସ ହାଇକୋର୍ଟର ଆଦେଶ ବିରୋଧରେ ଆବେଦନ ଦାୟର କରିଛନ୍ତି । ଲାବଣ୍ୟାର ପରିବାର ତାମିଲନାଡୁ ପୋଲିସ୍ ଉପରେ ମାମଲାର ଲିପା ପୋଛାର ଅଭିଯୋଗ ଲଗାଇଥିଲା । ୧୭ବର୍ଷର ଲାବଣ୍ୟ ନିଜ ସ୍କୁଲରେ ଖ୍ରୀଷ୍ଟିଆନ ହେବା ପାଇଁ ଚାପ ବନାଇବା ଅଭିଯୋଗ ଲଗାଇ ଆତ୍ମହତ୍ୟା କରିଥିଲା ।

## ଡାକ୍ତର କହି ୧୪ ମହିଳାଙ୍କୁ ବିବାହ କରିଥିବା ଠକ ଗିରଫ



ଭୁବନେଶ୍ୱର, ୧୪/୦୨ (ନି.ପ୍ର): ଡାକ୍ତର ପରିଚୟ ଦେଇ ୧୪ଜଣ ମହିଳାଙ୍କୁ ବିବାହ କରିଥିଲେ । ଏଭଳି ଜଣେ ଠକକୁ ଗିରଫ କରିଛି ମହିଳା ଥାନା ପୋଲିସ୍ । ଗିରଫ ଅଭିଯୁକ୍ତ ହେଲା ରମେଶ ଚନ୍ଦ୍ର ସ୍ୱାଇଁ ଓରଫ ଡକ୍ଟର ବିଭୁ ପ୍ରକାଶ ସ୍ୱାଇଁ । ଠକ ଜଣକ କେବଳ ଓଡିଶାରେ ନୁହେଁ ଅନ୍ୟ ରାଜ୍ୟର ମହିଳାମାନଙ୍କୁ ମଧ୍ୟ ବିବାହ କରିଛି ଏବଂ ଲକ୍ଷାଧିକ ଟଙ୍କା ଠକିଛି । ଆଜି ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ୍ ନାମଂଜୁର ହେବାରୁ ତାକୁ ବିଚାରବିଭାଗୀୟ ହାଜତକୁ ପଠାଯାଇଛି । ଡିସିପି ଉମାଶଙ୍କର ଦାଶ କହିଛନ୍ତି କମିଶନରେଟ୍ ପୋଲିସ ଦିଲ୍ଲୀର ଜଣେ ସ୍କୁଲ ଶିକ୍ଷୟତ୍ରୀ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ ଯେ ଅଭିଯୁକ୍ତ ତାଙ୍କୁ ଗତ ୨୦୧୮ ମସିହାରେ ନୂଆଦିଲ୍ଲୀର ଆର୍ଯ୍ୟ ସମାଜ ମଣ୍ଡଳ, ଜନକପୁରୀରେ ବିବାହ କରିଥିଲେ ଏବଂ ବିବାହ ପରେ ତାଙ୍କୁ କିଛିଦିନ ପାଇଁ ଭୁବନେଶ୍ୱର ଆଣି ରଖିଥିଲେ । ପରେ ସେ ଜାଣିବାକୁ ପାଇଥିଲେ ଯେ ସେହି ବ୍ୟକ୍ତି ଜଣକ ତାଙ୍କୁ ନିଜର ମିଥ୍ୟା ପରିଚୟ ଦେଇଛନ୍ତି ଏବଂ ଏହା ପୂର୍ବରୁ ଅନେକ ମହିଳାଙ୍କୁ ମଧ୍ୟ ସେ ବିବାହ କରିଛନ୍ତି । ତେଣୁ ସେ ମହିଳା ଥାନାରେ ଏତଲା ଦାଏର କରିଥିଲେ । ଏହି ତଥ୍ୟ ଆଧାରରେ ଅଭିଯୁକ୍ତକୁ ଗିରଫ କରିବା ପାଇଁ ସ୍ପେସାଲ ସ୍କ୍ୱାଡ୍ ସହାୟତାରେ ଟିମ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ଖଣ୍ଡଗିରିର ଏକ ଭଡାଘରରୁ କାବୁ କରାଯାଇ ଗିରଫ କରାଯାଇଛି । ଅଭିଯୁକ୍ତ କୌଣସି ଗୋଟିଏ ସ୍ଥାନରେ ନ ରହି ଦେଶର ବିଭିନ୍ନ ସ୍ଥାନକୁ ଯାଉଥିଲେ ଏବଂ ଅଧିକାଂଶ ସମୟରେ ଗୁଆହାଟୀ (ଆସାମ)ରେ ଅନ୍ୟ ଜଣେ ପତ୍ନୀଙ୍କ ସହ ରହୁଥିଲେ । ଅଭିଯୁକ୍ତ ଜଣକ ନିଜକୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ବିଭାଗର ଡେପୁଟି ▶▶ପୃଷ୍ଠା ୭

## ମରାମତି ପରେ ଉଡ଼ନ୍ତା ପୋଲ ତଳ ଆଉ ଜବରଦଖଲକୁ ନଯାଉ

ବାଲେଶ୍ୱର,୧୪/୦୨ (ନି.ପ୍ର): ଉତ୍ତମ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଖୁବ କମଦିନରେ ନିର୍ମିତ ରାଜ୍ୟ ତଥା ଦେଶର ବହୁ ଉଡ଼ନ୍ତା ପୋଲ ଓ ପୋଲ ଭୁଶୁଡ଼ି ଯାଉଥିବା ବେଳେ ସିଭିଲ ସୋସାଇଟିର ଦୀର୍ଘ ଦଶବର୍ଷର ଲଗାତର ଉଦ୍ୟମରୁ ବାଲେଶ୍ୱର ଉଡ଼ନ୍ତା ପୋଲ ଏବେ ସୁରକ୍ଷିତ ଅବସ୍ଥାକୁ ଆସି ପାରିଛି ବୋଲି କର୍ମକର୍ତ୍ତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଉଠା ଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂମ୍ପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ପରମାନନ୍ଦ ପଣ୍ଡା, ସୀତାରାମ ପ୍ରଧାନ, ସୁଦର୍ଶନ ଦାସ ପ୍ରମୁଖ ଏଥିରେ ଯୋଗଦେଇ ମରାମତିର କେତେକ ତ୍ରୁଟି ଓ ଗୁଣବତ୍ତା ସମ୍ପର୍କରେ ସୂଚନା ଦେଇଥିଲେ । ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ପଶ୍ଚିମ ପାର୍ଶ୍ୱର ନିମ୍ନ ମାନର କାର୍ଯ୍ୟ ପ୍ରତି ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ଧ୍ୟାନଦେବା ଅତ୍ୟନ୍ତ ଜରୁରୀ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ପୋଲ ତଳେ ଉଚ୍ଛେଦ ବ୍ୟବସାୟୀମାନେ ପୁଣି ବେଆଇନ ଦଖଲ କରିବା ନେଇ ସୋସାଇଟି କର୍ମକର୍ତ୍ତମାନେ ଆଶଙ୍କା ପ୍ରକାଶ କରିଛନ୍ତି । ତେଣୁ ଏଥିପ୍ରତି ମରାମତି ପରେ ପୋଲ ତଳକୁ ପୌରପରିଷଦ ପକ୍ଷରୁ ଗାଡ଼ିପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଦ୍ଧାରଣ କରିବା ଓ ଜନସାଧାରଣଙ୍କ ଯାତାୟତ ପାଇଁ ଅଦାଲତ ସମ୍ମୁଖ ପୋଲ ତଳେ ରାସ୍ତାକୁ ନବୀକରଣ କରିବା, ଅନ୍ୟ ସ୍ଥାନମାନଙ୍କରେ ସୌନ୍ଦର୍ଯ୍ୟକରଣ ନିମିତ୍ତ ସବୁଜ ଅଞ୍ଚଳ ସୃଷ୍ଟି କରିବା ଉଚିତ ବୋଲି ସିଭିଲ ସୋସାଇଟି ଓ ଓକିଲ ସଂଘ ଜିଲା ପ୍ରଶାସନକୁ ପ୍ରସ୍ତାବ ଦେଇଛି । ବାଲେଶ୍ୱରର ସଚେତନ ଜନଗଣ, ବୃହତର ସ୍ୱାର୍ଥଦୃଷ୍ଟିରୁ ଓଡ଼ିଶାର ଏହି ପ୍ରଥମ ଉଡ଼ନ୍ତା ପୋଲର ଭବିଷ୍ୟତ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ସିଭିଲ୍ ସୋସାଇଟି ପକ୍ଷରୁ ନିବେଦନ କରାଯାଇଛି । ଉକ୍ତ ମରାମତି କାର୍ଯ୍ୟପାଇଁ ଦୀର୍ଘ ୧୦ବର୍ଷର ଦାବି ଓ ଗଣତାନ୍ତ୍ରିକ ଆନ୍ଦୋଳନରେ ସହଯୋଗ କରିଥିବା ଜନସାଧାରଣଙ୍କୁ ସିଭିଲ୍ ସୋସାଇଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ତେବେ ଉଡ଼ନ୍ତା ପୋଲର ମରାମତି ପାଇଁ ଓଡ଼ିଶା ହାଇକୋର୍ଟରେ ୨୩ଟି ଓ ସର୍ବୋଚ୍ଚ ଅଦାଲତରେ ଏବେ ବି ୪ଟି ମୋକଦ୍ଦମା ବିଚାରାଧୀନ ଅଛି । ଉକ୍ତ ମୋକଦ୍ଦମାରେ ଆବେଦନକାରୀ ବ୍ୟବସାୟୀମାନେ ସିଭିଲ ସୋସାଇଟିକୁ ପକ୍ଷଭୁକ୍ତ କରିଥିବାରୁ ମୋକଦ୍ଦମା ବାବଦରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ସମୂହ ସ୍ୱାର୍ଥରକ୍ଷା ପାଇଁ ସୋସାଇଟି କେବେ ପଛକୁ ହଟିନାହିଁ । ଆଗାମୀ ଦିନରେ ଏହିଭଳି ଜନ ସ୍ୱାର୍ଥରକ୍ଷା ପାଇଁ ଏହି ସଙ୍ଗଠନ ତା'ର ଉଦ୍ୟମ ଜାରି ରଖିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ବେହେରା, ଗଗନ କୁମାର ସେଠୀ, ରମଣୀ ରଂଜନ ଦାସ, ଧୀରଜ କୁମାର ଦାସ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, କୁନାନନ୍ଦ ମିଶ୍ର, ନିରଞ୍ଜନ ପରିଡ଼ା, ଅଜିତ କୁମାର ବରାଳ, ଅଭୟ ଦାସ, ଶରତ ଚନ୍ଦ୍ର ଦଳାଇ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# କବିତା ଓ ପାର୍ବତୀ ପାଇଁ ଇରମ ପଂଚାୟତରେ ପ୍ରଚାର କଲେ ବିଧାୟକ



ବାସୁଦେବପୁର,୧୪/୨ (ନି.ପ୍ର): ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଇରମ ପଞ୍ଚାୟତ ରେ ନିର୍ବାଚନ ପ୍ରଚାର ଜୋରଦାର ଚଳାଇଛନ୍ତି । ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ କବିତା ନାୟକ ଙ୍କୁ ଖୋଲା ବହି ଚିହ୍ନ ରେ ଓ ସମିତି ସଭ୍ୟା ପ୍ରାର୍ଥୀନୀ ପାର୍ବତୀ ବେଜ ଙ୍କୁ କେଟିଲି ଚିହ୍ନ ରେ ଭୋଟ ଦେବା ପାଇଁ ବିଧାୟକ ଶ୍ରୀ ରାଉତରାୟ ଲୋକ ମାନଙ୍କୁ ନିବେଦନ କରିଥିଲେ । ଏଥି ସହିତ ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ଯଦୁ ନାଥ ନାୟକ ଙ୍କୁ ଶଙ୍ଖ ଚିହ୍ନ ରେ ଭୋଟ ଦେଇ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠା କୁ ଶକ୍ତ କରିବାକୁ କହିଥିଲେ । ଏହି ନିର୍ବାଚନ ପ୍ରଚାର ର ସାଧାରଣ ସଭାରେ ଇରମ ର ସରପଂଚ ପ୍ରଫୁଲ୍ଲ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୋଗ ଦେଇଥିଲେ ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ନାୟକ ଓ ବାସୁଦେବପୁର ସତ୍ୟ ସାଇ ଆଇ ଟି ଆଇ ର ନିର୍ଦ୍ଦେଶକ ଅକ୍ଷୟ ମହାପାତ୍ର । ଆଦର୍ଶ ଗ୍ରାମ ପଞ୍ଚାୟତ ରକ୍ତତୀର୍ଥ ଇରମ କୁ ଆଗାମୀ ଦିନରେ ଓଡ଼ିଶାର ସବୁଠୁ ସୁନ୍ଦର ପଂଚାୟତରେ ପରିଣତ କରିବା ପାଇଁ ଉଦବୋଧନ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଅତୀତରେ ସର୍ବଦା ଇରମ ର ଉନ୍ନତି ପାଇଁ ଚିନ୍ତା କରୁଥିଲେ । ସ୍ୱାଧୀନତା ସଂଗ୍ରାମର ପବିତ୍ର ମାଟି,ସହିଦର ମାଟି,ରକ୍ତଭିଜା ମାଟି ରକ୍ତତୀର୍ଥ ଇରମ ଭାରତ ଇତିହାସ ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ।

# ୨୭ ନଂ ଜୋନ୍ ଜିଲ୍ଲାପରିଷଦ ନିର୍ବାଚନରେ ବିଜେଡି ବହୁ ଆଗରେ : ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦିତା

ସାଲେପୁର,୧୪/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେଡିର ଗଡ କୁହାଯାଉଥିବା ୨୭ ନଂ ଜିଲ୍ଲାପରିଷଦ ଜୋନ୍ ରେ ବିଜେଡି ପ୍ରାର୍ଥୀ ସବୁକ୍ଷେତ୍ରରେ ଆଗୁଆ ରହିଥିବା ଜଣାଯାଇଛି । ନିର୍ବାଚନ ପାଖେଇ ଆସୁଥିଲା ବେଳେ ଏହି ଜୋନ୍ ରେ ବିଜେପି ଓ କଂଗ୍ରେସ ଦଳର ପ୍ରାର୍ଥୀ ବିଜେଡି ପ୍ରାର୍ଥୀଙ୍କ ସହିତ ପ୍ରତିଦ୍ୱନ୍ଦିତା କରିବା ପାଇଁ ଯୋରଦାର ଉଦ୍ୟମ ଜାରୀ ରଖିଛନ୍ତି । ଯଦି ଏହି ଜୋନର ବିଭିନ୍ନ ପଂଚାୟତରେ ଅସନ୍ତୁଷ୍ଟ ବିଜେଡି ସମର୍ଥକମାନେ ଦଳ ବିରୋଧି କାର୍ଯ୍ୟ କରିବେ ତାହାହେଲେ ଏଠାରେ ନିର୍ଶ୍ଚିନ୍ତ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବ ବୋଲି ରାଜନୈତିକ ବିଶାରଦମାନେ ମତ ପ୍ରକାଶ କରିଛନ୍ତି । ଏହି ଜୋନ୍ ରେ ନରେନ୍ଦ୍ରପୁର, ଝାଡେଶ୍ୱରପୁର, ବନ୍ଧକାଟିଆ, ନଗସପୁର, ଦାଉଦପୁର, ଜମରା ,ଓରତି, କେରିଲୋ ଓ ତରତଶାସନ ମୋଟ୍ ୭ ଟି ପଂଚାୟତର ୧୩୫ ୱାର୍ଡକୁ ନେଇ ଗଠିତ । ଏଠାରେ ଭୋଟରଙ୍କ ସଂଖ୍ୟା ୩୮,୨୨୬ ରହିଥିବା ବେଳେ ୨୦୧୭ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଗୀତାଞ୍ଜଳୀ ପଣ୍ଡା ୪୩୨୮ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରିଥିଲେ । ଏଥର ବିଜୁ ଜନତା ଦଳ ପକ୍ଷରୁ ଓରତି ଗ୍ରାମପଂଚାୟତର ଯୁବ ସରପଂଚ ଭୂପତି ଭୂଷଣ ଷଣ୍ଢଙ୍କୁ ପ୍ରାର୍ଥୀ କରାଯାଇଛି । ସେ ପାଂଚ ବର୍ଷ ସରପଂଚ ରହି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲା ବେଳେ ବେଶ୍ ଲୋକ ପରିଚୟ ସୃଷ୍ଟି କରିଛନ୍ତି । ସେହିପରି ବିଜେପି ପକ୍ଷରୁ ଏଥର ନୂତନ ଭାବେ ଦେବଦତ କରଙ୍କୁ ପ୍ରାର୍ଥୀ କରାଯାଇଅଛି । ଶ୍ରୀ କର ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ଛାତ୍ର ନେତା ଭାବେ କାର୍ଯ୍ୟ କରି ବହୁ ଦିନ ହେବ ବିଜେପିରେ ଯୋଗଦେଇ ରାଜନୀତିରେ ରହିଛନ୍ତି । ସେ ଜଣେ ଯୁବ ପ୍ରାର୍ଥୀ ହୋଇଥିବାରୁ ଭୋଟରମାନେ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିବା ଜଣାଯାଇଛି । ସେହିପରି କଂଗ୍ରେସ ଦଳ ତରଫରୁ ଜମରା ପଂଚାୟତର ଯୁବ ଇଂଜିନିୟର କାମାକ୍ଷାପ୍ରସାଦ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଅଛି । ଶ୍ରୀ ମହାନ୍ତି ମଧ୍ୟ ଏଥର ନୂଆ କରି ପ୍ରାର୍ଥୀ ହୋଇଥିବାରୁ ବିଜୟର ଆଶା ନେଇ ଭୋଟରମାନଙ୍କ ପାଖକୁ ଯାଉଥିବା ଜଣାଯାଇଛି । ତେବେ ଏହି ଜୋନ୍ ରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ରଙ୍କ ଦବଦବା ଥିବା ବେଳେ ତାଙ୍କ କର୍ମୀଙ୍କୁ ପ୍ରାର୍ଥୀ ଓ ଦଳୀୟ ନେତାମାନେ ଅଣଦେଖା କରୁଥିବାରୁ ଏହି କର୍ମୀମାନେ କି ଭୂମିକା ଗ୍ରହଣ କରିବେ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

## ଗଞ୍ଜାମ ଜିଲ୍ଲାର ଗର୍ବ ଓ ଗୌରବ କୁନିଝିଅ ହର୍ଷିତା

ଗଞ୍ଜାମ,୧୪/୨ (ନି.ପ୍ର): ଆଜିକାଲି ବହୁ ଶିଶୁ ପିଲାବେଳୁ ନିଜର ବିଚକ୍ଷଣ ବୁଦ୍ଧି ଯୋଗୁଁ ପ୍ରଶଂସିତ ହୋଇଥାନ୍ତି । ଏପରି ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ଶିଶୁମାନଙ୍କୁ ସେମାନଙ୍କ ପ୍ରତିଭା ପାଇଁ ଇଣ୍ଡିଆ ବୁକ ରେକର୍ଡ ତରଫରୁ ପୁରସ୍କୃତ କରାଯାଇଛି । ଏହିପରି ଜଣେ ଶିଶୁକନ୍ୟା ହେଲେ ପିତଳ ନିବାସୀ ଇଂ.ହେମନ୍ତ କୁମାର ମହାନ୍ତି ଓ ଇଂ.ମହ୍ଲାର ମହାନ୍ତିଙ୍କ ଏକ ବର୍ଷ ୧୦ ମାସର ଝିଅ ହର୍ଷିତା ମହାନ୍ତି । ସେ ବୟସରେ ବେଶ୍ ଛୋଟ ହୋଇଥିଲେ ମଧ୍ୟ ବହୁପ୍ରତିଭାର ଅଧିକାରୀ ଅଟନ୍ତି । ଶିଶୁଟି ଅତିସୁନ୍ଦର ଭାବେ ରାଇମ୍ କହିବା ସହ ବିଭିନ୍ନ ଅକ୍ଷର ଓ ଚିତ୍ର ଅତି ସହଜ ଭାବେ କହିପାରୁଛି । ସେହିପରି ପଶୁପକ୍ଷୀଙ୍କ ନାମଓଜାତୀୟ ପଶୁପକ୍ଷୀଙ୍କ ନାମ ଆଦି କହିପାରୁଛି । ଏଥିପାଇଁ ହର୍ଷିତାଙ୍କୁ ଇଣ୍ଡିଆ ବୁକ୍ ଅଫ ରେକର୍ଡ ସମ୍ମାନ ସୂଚକ ପଦକସହ ମାନପତ୍ର ଓ ଏକ ପୁସ୍ତକ ପ୍ରଦାନ କରାଯାଇଛି ।ଶିଶୁ କନ୍ୟାର ଏପରି ପ୍ରତିଭାକୁ ନେଇ ତାଙ୍କ ଜେଜେବାପା ସାମ୍ବାଦିକ ହରେକୃଷ୍ଣମହାନ୍ତି,ଏବଂ ପଣିଜେଜେବାପା ବରିଷ୍ଠ ସାମ୍ବାଦିକ ଡା. ହୃଷୀକେଶ ମହାନ୍ତି,ଗୋସେଇଁ ମାଁ ଝୁନୁପଟ୍ଟନାୟକ, ଅଜା ପ୍ରଭାତ କୁମାର ପାତ୍ର ଓ ଆଈ ରଜନୀ ପାତ୍ର ଖୁସିବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ହର୍ଷିତାଙ୍କ ଏପରି ପ୍ରତିଭାକୁ ନେଇ ପିତାମାତାଙ୍କ ମନରେ ମଧ୍ୟ ପ୍ରବଳ ଉତ୍ସାହ ପରିଲିକ୍ଷିତ ହୋଇଛି । ଭବିଷ୍ୟତରେ ଶିଶୁଟି କିପରି ଅଧିକରୁ ଅଧିକ ସମ୍ମାନର ଅଧିକାରୀ ହୋଇପାରିବ ସେଥିନେଇ ଚେଷ୍ଟା ଜାରୀ ରହିବ ବୋଲି ଉଭୟ ପିତାମାତା କହିଛନ୍ତି ।

# ଆରଏସପି କର୍ମଚାରୀଙ୍କୁ କୋଭିଡ ସମୟର ସୁବିଧା ମିଳିନଥିବା ଅଭିଯୋଗ ଆଣିଲା ସଂଗଠନ

ରାଉରକେଲା,୧୪/୨ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ୧୫୦୦ ଶ୍ରମିକଙ୍କୁ ୨୦୨୦ ମସିହାରେ କୋଭିଡ ସମୟରେ ୱାର୍କ ଫ୍ରମ ହୋମ ନିୟମ ଅନୁଶାରେ ମଇ ଦିବସକୁ ନେଇ ଯେଉଁ ଗୋଟିଏ ଦିନର ଛୁଟୀ ଓ ସେ ବାବଦର ଦରମା ଆଜି ଯାଏ କାରଖାନା କର୍ତ୍ତୃପକ୍ଷ ଦେଇ ନାହାନ୍ତି ବୋଲି ଅଭିଯୋଗ କରିଛି ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ । ଏନେଇ ଏହି ସଂଗଠନ ତରଫରୁ ସ୍ଥାନୀୟ ଆରଏଲସି ଠାରେ ଗତ ୨୮ /୯/୨୧ରେ ଏକ ବିବାଦ କରାଯାଇଥିଲା । ଏନେଇ ଚଳିତ ମାସ ୧୧ ତାରିଖରେ ଆରଏଲସି ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିଛନ୍ତି ବୋଲି ଶ୍ରମିକ ନେତା ରମେଶ ଚନ୍ଦ୍ର ସାହୁ ଜଣାଇଛନ୍ତି । କୁହାଯାଇଛି ଯେ, ୨୦୨୦ ମସିହାରେ କରୋନାର ପ୍ରକୋପ ଅଧିକ ଥିବା ବେଳେ ସରକାରଙ୍କର ନିୟମ ହୋଇଥିଲା ଅଳ୍ପ ସଂଖ୍ୟକ କର୍ମଚାରୀ ଅଫିସରଙ୍କୁ ନେଇ କାମ କରାଯାଉ, ସେହି ନିୟମକୁ ଆରଏସପି ମଧ୍ୟ ପାଳନ କରିଥିଲା, ସେହି ଅନୁଶାରେ କିଛି କର୍ମଚାରୀ ମାନେ ଡ୍ୟୁଟୀକୁ ଆସୁଥିଲେ ଓ ଅନ୍ୟ ମାନେ ଘରୁ ରହି କାମ ଚଳାଉଥିଲେ । ତେବେ ସେହି ସମୟରେ ପ୍ରତି ଶ୍ରମିକର ସାପ୍ତାହୀକ ଛୁଟୀ ସହ ସେ ସମୟରେ ପଡିଥିବା ଶ୍ରମ ଦିବସକୁ ନେଇ କିଛି ଶ୍ରମିକ ସୁବିଧା ପାଇ ସାରିଥିବା ବେଳେ ଆଜିଯାଏ ୧୫୦୦ ଶ୍ରମିକଙ୍କୁ ସେହି ସୁବିଧାରୁ ବଂଚିତ ରଖାଯାଇଛି । ଅର୍ଥାତ ଗୋଟିଏ ଦିନର ଛୁଟୀ ସୁବିଧା ସେମାନଙ୍କୁ ଏଯାଏ ମିଳିନାହିଁ । ଯଦି ଏହି ଶ୍ରମିକମାନେ ୱାର୍କ ଫ୍ରମ ହୋମ ନିୟମକୁ ପାଳନ କଲେ ସରକାର ଓ ଆରଏସପିର ଆଦେଶକୁ ପାଳନ କଲେ ତେବେ ସେମାନେ ଭୁଲ କଲେ କେଉଁଠି ? ସେମାନଙ୍କୁ ଆଜିଯାଏ ସେ ସୁବିଧାରୁ କାହିଁକି ବଂଚିତ ରଖାଯାଇଛି ବୋଲି ଶ୍ରମିକ ସଂଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି ।

# ନାଟ୍ୟକାର ଓ ନିର୍ଦ୍ଦେଶକ ସୁଶାନ୍ତଙ୍କ ରାଜନୀତି ନିଶା

ବାସୁଦେବପୁର,୧୪/୨ (ନି.ପ୍ର): ବାସୁଦେବପୁର ବ୍ଲକ ର ଆନ୍ଦୋଳା ପଂଚାୟତରେ ବିଜେପି ସମର୍ଥିତ ସରପଂଚ ପ୍ରାର୍ଥୀ ସୁଶାନ୍ତ ଦାସ ଚଳିତ ବର୍ଷ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ରେ ଖୋଲା ଛତା ଚିହ୍ନ ରେ ଛିଡା ହୋଇ ନିର୍ବାଚନ ପ୍ରଚାର କରୁଛନ୍ତି । ଓଡ଼ିଶାର ଯୁବ ପିଢ଼ି ର ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ମାନଙ୍କ ମଧ୍ୟରେ ସେ ଅନ୍ୟତମ । ସାହିତ୍ୟ , ଶିକ୍ଷା ଓ କଳା ସଂସ୍କୃତି କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଛି । ପଂଚାୟତରେ ଥିବା ଅନେକ ସମସ୍ୟା କୁ ସୁଶାନ୍ତ ନିର୍ବାଚନ ରେ ବିଜୟ ଲାଭ କଲେ ନିର୍ଶ୍ଚିତ ପୁରଣ କରିବେ ବୋଲି ମତ ରଖିଛନ୍ତି । ସମିତି ସଭ୍ୟା ପ୍ରାର୍ଥୀନୀ ମିତାରାଣୀ କୁଅଁର ମଧ ବସ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି ।



# ୨୫ ନଂ ଜୋନ୍‌ରେ ତ୍ରିମୁଖୀ ଲଢେଇ : ଆଗରେ ଅଛନ୍ତି ବିଳାସ ଭୋଇ

ସାଲେପୁର,୧୪/୨ (ନି.ପ୍ର): କଟକ ଜିଲ୍ଲା ନିର୍ଶ୍ଚିନ୍ତକୋଇଲି ବ୍ଲକର ୨ ନଂ ତଥା କଟକ ଜିଲ୍ଲାପରିଷଦର ୨୫ ନଂ ଜୋନ୍ ରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି । ଏହି ଜୋନ୍ ରେ ତିନି ପ୍ରମୁଖ ଦଳର ପ୍ରାର୍ଥୀମାନଙ୍କର ତତ୍ପରତା ବଢୁଥିବା ବେଳେ ଭୋଟରମାନଙ୍କର ନୀରବତା ରାଜନୈତିକ ନେତାମାନଙ୍କୁ ଆଶଙ୍କାରେ ପକାଇଛି । ଏହି ଜୋନ୍ ରେ କଟକ ସଦର ନିର୍ବାଚନ ମଣ୍ଡଳୀର ନେମାଳ, ତିଳକଣା, ସାନ୍ତପୁର, ବନ୍ଧୁପୁର, ପାଳଦା, ଜନାର୍ଦ୍ଦନପୁର, କଳମିଶ୍ର ଆଦି ୭ ଟି ପଂଚାୟତ ରହିଥିବା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର କେନ୍ଦୁପାଟଣା ଓ କୋଲଣପୁର ୨ ଟି ପଂଚାୟତ ମୋଟ୍ ୯ ଟି ପଂଚାୟତ ରହିଛି । ଏହି ୯ ଟି ପଂଚାୟତରେ ମୋଟ୍ ଭୋଟର ସଂଖ୍ୟା ୩୦,୨୩୨ ରହିଥିବା ବେଳେ ଗତ ୨୦୧୭ ନିର୍ବାଚନରେ ଏହି ଜୋନ୍ ରୁ ବିଜେଡି ପ୍ରାର୍ଥୀ ସୁଭଦ୍ରା ଦାସ ୨୨୨୫ ଖଣ୍ଡ ଭୋଟରେ ବିଜୟ ଲାଭ କରିଥିଲେ । ବିଜେପି ପ୍ରାର୍ଥୀ ମଧ ଏହି ଜୋନ୍ ରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲେ । ହେଲେ ଚଳିତ ନିର୍ବାଚନରେ ତ୍ରିମୁଖୀ ଲଢେଇ ହେବାର ବହୁ ସମ୍ଭାବନା ଦେଖାଦେଇଛି । ଯଦିଓ କଂଗ୍ରେସ ଦଳର କୌଣସି ମୁଣ୍ଡିଆଳ ନେତା ଏହି ଜୋନ୍ ରେ ନାହାଁନ୍ତି ତଥାପି କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ଜଣେ ଦିନମଜୁରୀଆ କ୍ଷେତ୍ରବାସୀ ନାୟକଙ୍କ ଶିକ୍ଷିତ ପୁଅ ଦିବାକର ନାୟକଙ୍କୁ ବହୁ ଭୋଟର ପସନ୍ଦ କରୁଥିବା ଜଣାଯାଇଛି । ବିଜେପି ପକ୍ଷରୁ ଜଣେ ପୁରୁଖା ରାଜନେତା ତଥା କଟକ ଜିଲ୍ଲା ବିଜେପି କମିଟିର ସଂପାଦକ ବିବେକାନନ୍ଦ ବେହେରା ପ୍ରାର୍ଥୀ ହୋଇଛନ୍ତି । ସେ କଂଗ୍ରେସ ସମର୍ଥନରେ ୧୯୯୭ ମସିହାରେ ଅବିଭକ୍ତ କେନ୍ଦୁପାଟଣା ପଂଚାୟତରେ ସରପଂଚ ଭାବେ ନିର୍ବାଚିତ ହୋଇଥିଲା ବେଳେ ୨୦୦୦ ରୁ ୨୦୧୨ ପର୍ଯ୍ୟନ୍ତ ୧୨ ବର୍ଷ କାଳ ବ୍ଲକ କଂଗ୍ରେସ କମିଟିର ସଭାପତି, ପରବର୍ତ୍ତୀ ସମୟରେ ୨୦୧୨ ରୁ ୨୦୧୫ ତିନି ବର୍ଷ ଧରି ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସଂପାଦକ ଏବଂ ୧୯୮୨ ରୁ ୧୯୮୯ ପର୍ଯ୍ୟନ୍ତ ୭ ବର୍ଷ ଧରି କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟିର ଉପାଧ୍ୟକ୍ଷ ଭାବେ ରହି ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରି ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି । ଶ୍ରୀ ବେହେରା ୨୦୧୮ ମସିହାରେ ବିଜେପିରେ ଯୋଗଦେଇ ଶାରଦା ପ୍ରଧାନ ଓ ଦିଲ୍ଲୀପ ମଲ୍ଲିକଙ୍କ ନେତୃତ୍ୱରେ ସକ୍ରିୟ ରାଜନୀତିରେ ରହିଥିବାରୁ ଏହି ଜୋନ୍ ରୁ ସେ ବିଜୟଲାଭ କରିବା ପାଇଁ ଆଶା ରଖିଛନ୍ତି । ସେହିପରି ଏହି ଜୋନ୍ ରେ ବିଜେଡି ଦଳରୁ ଜଣେ ଯୁବ ଇଂଜିନିୟର ବିଳାସ ଚନ୍ଦ୍ର ଭୋଇ ନୂତନ ଭାବେ ରାଜନୀତିରେ ପ୍ରବେଶ କରି ପ୍ରାର୍ଥୀ ହୋଇଛନ୍ତି । ଶ୍ରୀ ଭୋଇ ଛାତ୍ର ଜୀବନରୁ ବିଜେଡି ରାଜନୀତିରେ ସଂପୃକ୍ତି ହୋଇ ଏ ଅଂଚଳର ଲୋକମାନଙ୍କର ସୁଖ ଦୁଃଖରେ ସହଭାଗିତା ହୋଇଥିବାରୁ ନବୀନ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତରେ ଲୋକଙ୍କୁ ଅବଗତ କରାଇ ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ଆଶା ରଖିଛନ୍ତି ।

## ଅବହେଳିତ ଅବସ୍ଥାରେ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି

ଗଞ୍ଜାମ,୧୪/୨ (ନି.ପ୍ର): ଭଗବାନ ଗୌତମ ବୁଦ୍ଧଙ୍କର ପ୍ରତିମୂର୍ତିଟି ବ୍ରହ୍ମପୁର ମୁନିସିପାଲିଟି କର୍ପୋରେସନ ଗେଷ୍ଟହାଉସ ପଛପଟ ବାଉଣ୍ଡ୍ରି ଭିତରେ ( ଜ । ତ । ୟ କଂଗ୍ରେସ,ବାପୁଜୀଭବନ) ରୋଡରେ ଅବସ୍ଥାପିତ । ଉକ୍ତ ମୂର୍ତିଟି ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଛି । ଏହି ମୂର୍ତିଟିର ଚତୃପାର୍ଶ୍ୱରେ ଲଟାବୁଦା ଘେରି ରହିଛି ଏବଂ ଏହାର ଗ୍ରିଲଗେଟ ଭଙ୍ଗା ରୁଜାହୋଇ ଥିବା ଯୋଗୁଁ ଅବାଧ ପ୍ରବେଶର ଦ୍ୱାହି ଦେଇ ଅପରିଷ୍କାର ହେବା ସ୍ୱାଭାବିକ୍ । ଆମେ ସମସ୍ତେ ଜାଣିଛନ୍ତି, ଦେଶବିଦେଶରେ ବୁଦ୍ଧଦେବଙ୍କୁ ଭଗବାନ ସ୍ୱରୂପ ପୂଜ୍ୟ ପୁଜା କରାଯାଉଛି, ଯାହାକି ବୌଦ୍ଧଧର୍ମର ପ୍ରତୀକ ମଧ । ତେଣୁ ତୁରନ୍ତ ଏହାର ପୁନଃଉଦ୍ଧାର ଦିଗରେ ପଦକ୍ଷେପ ନେବାକୁ ବ୍ରହ୍ମପୁର ମୁନିସିପାଲିଟି କର୍ପୋରେସନ କମିସନରଙ୍କ ନିକଟରେ ଦାବି ହୋଇଛି ।

## ବରଗାଁଠାରେ ଶ୍ରୀ ଶ୍ରୀ ମଧୁମଙ୍ଗଳ ରାସଲୀଳା ଅନୁଷ୍ଠିତ

ନୂଆପଡ଼ା,୧୪/୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବରଗାଁ ଠାରେ ମାଘ ମାସ କୃଷ୍ଣ ପକ୍ଷ ସାତ ଦିନ ବ୍ୟାପି ପାଳିତ ହୋଇଥାଏ ରାସଲୀଳା ପର୍ବ । ଏହି ପର୍ବରେ କୃଷ୍ଣଙ୍କ ଲୀଳା ଅନୁଷ୍ଠିତ ହୋଇଥାଏ । ବିଶେଷ କରି କୃଷ୍ଣ ଙ୍କ ବାଲ୍ୟ ଲୀଳା ରେ ଶିଶୁ କଳାକାର ମାନେ ଅଭିନୟ କରିଥାନ୍ତି । ସାତ ଦିନ ବ୍ୟାପି ଅନୁଷ୍ଠତ ରାସ ଲୀଳାରେ କୃଷ୍ଣ ଙ୍କ ଅଭା ଶକା, ବାତ୍ସଲ୍ୟ ମମତା, ଦଧିମନ୍ଥନ, ତୃତୀୟ ଦିବସରେ କୋ କୋ ଲୀଳା ଅନ୍ୟତମ ଅଟେ । ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତି ବିଜୟ ଉପରେ ଆଧାରିତ ଅଟେ । ଏହି ଶ୍ରୀ ଶ୍ରୀ ମଧୁ ମଙ୍ଗଳ ରାସଲୀଳା ଦୀର୍ଘ ୩୦୦ ବର୍ଷ ପୂରଣ ପର୍ବ ଅଟେ । ଆଜି ବି ଏହି ପର୍ବ ପାଳିତ ହେଇ ଆସୁଅଛି । ଦୃଢ଼ ବିଶ୍ୱାସ ଅଛି ଯେ କଳାକାର ମାନେ ଦୀର୍ଘାୟୁ ହୋଇଥାନ୍ତି । ୧୦୦ ବର୍ଷ ଆଉ ମିଳିଥିବା ଅନେକ ଉଦାହରଣ ରହିଅଛି ।

# ଘୁ. ଉଦୟଗିରି ତହସିଲଦାରଙ୍କ ମନମୁଖୀ ଶାସନ

କନ୍ଧମାଳ ,୧୪/୨ (ନି.ପ୍ର): ଚଳିତ ବର୍ଷ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନେ ନିଜର ଭୋଟ ଭିକ୍ଷା କରିବା ପାଇଁ ବିଭିନ୍ନ ପ୍ରକାର ମାଧ୍ୟମ ସ୍ଥିର କରିଥିବା ବେଳେ କିଏ ବ୍ୟାନର ତ କିଏ ପୋଷ୍ଟର ଓ ପୁସିଙ୍ଗ କାର୍ଡ ବ୍ୟବହାର କରି ଭୋଟର ମାନଙ୍କର ମନକୁ ଜିତିବା ପାଇଁ ଗାଁର ଉପର ଭାଗରେ ବ୍ୟାନର ପୋଷ୍ଟର ମାରିଥିବା ବେଳେ କନ୍ଧମାଳ ଜିଲ୍ଲା ଘୁ. ଉଦୟଗିରି ତହସିଲଦାର ଗାଁ ଗାଁରେ ବୁଲି ବୁଲି ବ୍ୟାନର ଚିରି ଦେଉଥିବା ଦେଖିବାକୁ ମିଳୁଛି । ଗୋଟିଏ ପଟେ ପ୍ରଶାସନ ଦ୍ୱାରା ନିର୍ବାଚନ ପାଇଁ କୌଣସି ନୀତି ନିୟମ ଗୁଡ଼ିକର ପ୍ରଚାର କରାଯାଇନଥିବା ବେଳେ ଏପରି ପ୍ରାର୍ଥୀମାନଙ୍କ ବ୍ୟାନର ଚିରୁଥିବା ଦେଖିବାକୁ ମିଳିଛି । ଅପର ପକ୍ଷରେ ପ୍ରାର୍ଥୀମାନେ ନିଜର ବ୍ୟାନର ଗୁଡ଼ିକ ଗାଁର ଉପର ଭାଗରେ ନିୟମ ଉଲ୍‌ହଙ୍ଗନ ନକରି ମାରିଥିବା ବେଳେ ତହସିଲଦାର ଚିରୁଥିବାକୁ ଅଂଚଳବାସୀ ଓ ପ୍ରାର୍ଥୀମାନେ ବିରୋଧ କରିଛନ୍ତି । ଆଦିବାସୀ ଅଧୁଷିତ ଅଂଚଳରେ ଆଦିବାସୀ ଦଳିତଙ୍କ ପ୍ରତି ସଂରକ୍ଷଣ ଓ ଅଣସଂରକ୍ଷଣ ଥିବା ହେତୁ ଆଦିବାସୀ ଦଳିତ ପ୍ରାର୍ଥୀମାନେ ନାମାଙ୍କନ ପଞ୍ଜିକରଣ କରିଥିବା ଦେଖିବାକୁ ମିଳିଛି । ନିଜର ଦୁଃଖ କଷ୍ଟରେ ନିଜ ପାଇଁ ବ୍ୟାନର ତିଆରି କରି ଭୋଟ ପାଇବା ପାଇଁ ଖଣ୍ଡେ ଖଣ୍ଡେ ଗାଁ ମୁଣ୍ଡରେ ମାରିଥିବା ବେଳେ ଜିଲ୍ଲାର ଜଣେ ପ୍ରଶାସନିକ ଅଧିକାରୀ ଙ୍କର ଏପରି କାର୍ଯ୍ୟ ଯୋଗୁଁ ସମସ୍ତ ପ୍ରର୍ଥୀଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳୁଛି । କୌଣସି ରାସ୍ତା ପାର ନ କରି କିମ୍ବା ସରକାରଙ୍କ ସମ୍ପତି ସ୍ଥାନରେ ବ୍ୟାନର ମାରି ନଥିବା ପ୍ରାର୍ଥୀମାନେ ଉପସ୍ଥାପନା କରିଛନ୍ତି । ଘୁ. ଉଦୟଗିରି ବ୍ଲକର ଆଠଟି ପଂଚାୟତରେ ଏପରି ଅନ୍ୟାୟ କ'ଣ ପାଇଁ କରାଯାଉଛି । ଅନ୍ୟ ବ୍ଲକ ଗୁଡିକରେ ସମସ୍ତ ବ୍ୟାନର ଗୁଡ଼ିକ ସୁରକ୍ଷିତ ଭାବରେ ରହିଥିବା ଅଭିଯୋଗ କରିଛନ୍ତି । ଘୁ. ଉଦୟଗିରି ବ୍ଲକର ସରପଂଚ, ସମିତି ସଭ୍ୟ/ ସଭ୍ୟା ଓ ଜିଲ୍ଲା ପରିଷଦ ପ୍ରାର୍ଥୀ ମାନେ ବ୍ୟାନର ଗୁଡ଼ିକ ତିଆରି କରିଥିବା ମୂଲ୍ୟ କିଏ ଦେବେ ବୋଲି ଅଭିଯୋଗ କରିଥିବା ବେଳେ ଅଂଚଳବାସୀ ମଧ ଅଭିଯୋଗ କରିଛନ୍ତି ।

## ଶ୍ୱଶୁର ଘର ସମ୍ମୁଖରେ ମହିଳାଙ୍କ ଧାରଣା

ପାରଳାଖେମୁଣ୍ଡି,୧୪/୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ତପସ୍ୱିନୀଙ୍କ ମାମଲା ଭଳି ପଡ଼ୋଶୀ ଜିଲ୍ଲା ଗଜପତିରେ ସାମ୍ନାକୁ ଆସିଛି ଅନ୍ୟ ଜଣେ ବଧୂଙ୍କ ପାରିବାରିକ ବିବାଦ ମାମଲା । ଦୀର୍ଘ ୬ ବର୍ଷ ଧରି ବିବାହ ପରେ ମନିଷା ନାମକ ଜଣେ ବିବାହିତା ମହିଳା ଏବେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ମଧ୍ୟରେ ଥିବା ନିଲାମା ମନ୍ଦିର ପଛଭାଗ ଏସକେସିଜି କଲେଜ ନିକଟରେ ରହୁଥିବା ଶ୍ୱଶୁର ଘର ସମ୍ମୁଖରେ ଦୁଇ ଦିନ ଧରି ଧାରଣାରେ ବସିଛନ୍ତି । ହେଲେ ମନିଷାଙ୍କ ଶ୍ୱଶୁର ଘର ଲୋକେ ତପସ୍ୱିନୀଙ୍କ ଶ୍ୱଶୁର ଘର ଲୋକଙ୍କ ଭଳି କବାଟ ବନ୍ଦ କରି ଘର ମଧ୍ୟରେ ଲୁଚି ରହିଛନ୍ତି । ଅନ୍ୟପକ୍ଷରେ ନବବଧୂଙ୍କ ଅଭିଯୋଗକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବ୍ରହ୍ମପୁରଠାରୁ ବିଶାଖାପାଟଣା ଓ ଉପାନ୍ତ ଅଂଚଳର ରେଳଷ୍ଟେସନଗୁଡ଼ିକର ଓଡ଼ିଆ ନାମକରଣ ଦାବି

ଗଞ୍ଜାମ,୧୪/୨ (ନି.ପ୍ର): ସ୍ଥାନୀୟ ଉତ୍କଳ ଆଶ୍ରମ ସଭା କକ୍ଷରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖାର ସାଧାରଣ ସଭା ସଭାପତି ଡ଼. ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ବିଶ୍ୱ ପ୍ରସିଦ୍ଧ ସୁଗାୟିକା ଭାରତ ରତ୍ନ ଲତା ମଙ୍ଗେସକରଙ୍କ ଦେହାନ୍ତରେ ଗଭୀର ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଏବଂ ସମ୍ମିଳନୀର କୋଷାଧ୍ୟକ୍ଷ ତଥା ବିଶିଷ୍ଟ ସଂଗଠକ ସ୍ୱର୍ଗତ ନରସିଂହ ପାଣିଗ୍ରାହୀଙ୍କ ସ୍ମୃତି ଚାରଣ କରି ଆତ୍ମାର ସଦଗତି କାମନା କରାଯାଇଥିଲା । ଏହି ଅବସରରେ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ବିବରଣୀ ପାଠକରି ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ପ୍ରସଙ୍ଗ କ୍ରମେ ଓଡ଼ିଶା ର ସମସ୍ତ ଉପାନ୍ତ ଅଂଚଳରେ ଥିବା ଆନ୍ଧ୍ର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଇତ୍ୟାଦି ରାଜ୍ୟର ଉପାନ୍ତ ଜିଲ୍ଲା ଓ ଓଡ଼ିଆ ଅଧୁଷିତ ଅଂଚଳର ରେଳଷ୍ଟେସନ ଗୁଡ଼ିକରେ ପୂର୍ବରୁ ଥିବା ଓଡ଼ିଆ ନାମକରଣ ଉଚ୍ଛେଦ କରାଯାଇଥିବାରୁ ଏହାର ତୀବ୍ର ପ୍ରତିବାଦ କରାଯାଇଥିଲା । ଏଥିନିମନ୍ତେ ସମ୍ମିଳନୀର କେନ୍ଦ୍ର କମିଟି ସମେତ ଓଡ଼ିଶାର ଅନ୍ୟାନ୍ୟ ଉପାନ୍ତ ଜିଲ୍ଲା କମିଟି ତରଫରୁ ରେଳ ବିଭାଗ ନିକଟରେ ଦାବି ଉପସ୍ଥାପନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସମ୍ମିଳନୀର ଗଞ୍ଜାମ ଜିଲ୍ଲା ତରଫରୁ ବ୍ରହ୍ମପୁର ଠାରୁ ବିଶାଖାପାଟଣା, ରାୟଗଡ଼ା ଠାରୁ ବିଜୟନଗରମ, କୋରାପୁଟ ଠାରୁ କୋତବାଲସା, ବିଶାଖାପାଟଣା ଏବଂ ଗୁଣପୁର ଠାରୁ ନୌପଡା ଇତ୍ୟାଦି ଷ୍ଟେସନ ଗୁଡ଼ିକର ଶୁଦ୍ଧ ଭାବରେ ଓଡ଼ିଆ ନାମକରଣ କରାଯିବା ପାଇଁ ବିଶାଖାପାଟଣା ରେଳ ମଣ୍ଡଳ ପରିଚାଳକଙ୍କ ସମେତ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପରିଚାଳକ, ଭୁବନେଶ୍ୱର ପୂର୍ବ ଉପକୂଳ ରେଳବାଇ ମୁଖ୍ୟ ପରିଚାଳକ, ଅଶ୍ୱିନୀ ବୈଷ୍ଣବ ମନ୍ତ୍ରୀ ଭାରତୀୟ ରେଳ ବିଭାଗ, ବିଭାଗୀୟ ରେଳ ସଚିବ, କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଏଥି ସହିତ ପାଲାସା ଠାରୁ ଭୁବନେଶ୍ୱର ଯାତାୟାତ କରୁଥିବା ଯାତ୍ରୀବାହୀ ରେଳ ପୂର୍ବରୁ ଉତ୍କଳ ସମ୍ମିଳନୀ ଯାତ୍ରୀବାହୀ ରେଳ' ନାମରେ ନାମିତ କରାଯାଇ ଚଳାଚଳ କରୁଥିଲା । ଏହାକୁ ପୁନଃ ନାମକରଣ କରିବାକୁ ଗତ ୨୦୧୯ ଉତ୍କଳ ସମ୍ମିଳନୀ ତରଫରୁ ଦାବି କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଏହା ସମାଧାନ ହୋଇନଥିବାରୁ ପୁନଃ ନାମକରଣ କରିବାକୁ ଦାବି କରାଗଲା ।

## ବଡ଼ଦାଣ୍ଡରେ ବେତାର ଦିବସ ପାଳିତ

ପୁରୀ,୧୪/୨ (ନି.ପ୍ର): ରେଡ଼ିଓରେ ଗୀତ ଶୁଣିବା ମନକୁ ଆନନ୍ଦ ଦିଏ । ଅନ୍ଧଟିଏ ମଧ ରେଡ଼ିଓ ଶୁଣିଥାଏ । ରେଡ଼ିଓର ଇତିହାସ ବହୁ ପୁରୁଣା । ଆଜି ପାଳନ ହେଉଛି ବିଶ୍ୱ ରେଡ଼ିଓ ଦିବସ । ଏହି ଉପଲକ୍ଷେ ବଡ଼ଦାଣ୍ଡର ମରଚିକୋଟ ଛକରେ ରେଡ଼ିଓ ପ୍ରେମୀମାନେ ଏକାଠି ହୋଇ ରେଡ଼ିଓ ପୂଜା କରିବା ସହ ଫୁଲମାଳ ଦେଇ ଧୂପ, ଦୀପ ଦେଇଥିଲେ । ଆଧୁନିକତାର ଛାପରେ ମଣିଷ ଡ଼ିଜିଟାଲ ଯୁଗରେ ପହଂଚିଛି ତଥାପି ରେଡ଼ିଓର ଆଦର କମିନାହିଁ । ଯେଉଁଠାକୁ ବିଦ୍ୟୁତ୍ ସଂଯୋଗ ନାହିଁ, ଚିଲିକା ମଝିରେ ଡ଼ଙ୍ଗାରେ ମଧ ରେଡ଼ିଓର ଶୁଣି ହେଉଛି । ରେଡ଼ିଓର ଶବ୍ଦ କାନକୁ ସୃତି ମଧୁର । ବାଳକୃଷ୍ଣ ମହାପାତ୍ର, କୁମୁଦିନୀ ପାଢ଼ୀ, ଜଗନ୍ନାଥ ପାଢ଼ୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ବଡ଼ଦାଣ୍ଡରେ ଯାଉଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ କିଛି ସମୟ ଅଟକି ଏହି ଦିବସକୁ ସମ୍ମାନ ଜଣାଇଥିଲେ ।

# ଗୁଆଗଡ଼ିଆ ପଂଚାୟତରେ ନିର୍ବାଚନ ପ୍ରଚାର



ବାସୁଦେବପୁର,୧୪/୨ (ନି.ପ୍ର): ବାସୁଦେବପୁର ବ୍ଲକର ଗୁଆଗଡ଼ିଆ ପଂଚାୟତରେ ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ ହରେକୃଷ୍ଣ ସେଠୀ ଖୋଲା ଛତା ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ୧୯୯୦ ମସିହାରେ ସେ ଭାରତୀୟ ସୈନ୍ୟ ବାହିନୀ ରେ ଚାକିରୀ ଆରମ୍ଭ କରିଥିଲେ ଏବଂ ୨୦୨୦ ରେ ସି ଆଇ ଏସ ଏଫ ରୁ ଅବସର ନେଇ ବର୍ତ୍ତମାନ ରାଜନୀତି ରେ ଅଂଶ ଗ୍ରହଣ କରି ସମାଜସେବା କରୁଛନ୍ତି । କରନା ସମୟରେ ରାସ ବିହାରୀ ହାଇସ୍କୁଲରେ ଲୋକମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ । ଅନେକ ଜନ ହିତକର କାର୍ଯ୍ୟ କରିଛନ୍ତି ହରେକୃଷ୍ଣ । ଗୁଆଗଡ଼ିଆ ପଂଚାୟତରେ ଭୋଟର ଭାଇଭଉଣୀ ମାନେ ମୋତେ ବିଜୟୀ କଲେ ମୁଁ ନିର୍ଶ୍ଚିତ ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବି ବୋଲି ଶ୍ରୀ ସେଠୀ ମତ ପ୍ରକାଶ କରିଥିଲେ । ଏହି ତ୍ରିସ୍ତରୀୟ ନିର୍ବାଚନ ରେ ବିଶ୍ୱାସ, ଭରସା ଓ କଠିନ ପରିଶ୍ରମ କୁ ପାଥେୟ କରି ଶ୍ରୀ ସେଠୀ ଆଗେଇ ଚାଲିଛନ୍ତି ।

# ସୁବୋଧଙ୍କ ନିର୍ବାଚନ ପ୍ରଚାର

ବାସୁଦେବପୁର,୧୪/୨ (ନି.ପ୍ର): ବାସୁଦେବପୁର ବ୍ଲକର ଚୁଡାମଣି ପଂଚାୟତରେ ସମିତି ସଭ୍ୟ ଭାବେ ସ୍ୱାଧୀନ ପ୍ରାର୍ଥୀ ସୁବୋଧ ମହାପାତ୍ର ଚଷମା ଚିହ୍ନ ରେ ନିର୍ବାଚନ କରୁଛନ୍ତି । ପଂଚାୟତ ର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଗାଁ କୁ ଗାଁ ବୁଲି ଭୋଟର ଭାଇ ଭଉଣୀ ମାନଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଉଛନ୍ତି । ମୁଁ ବିଜୟ ଲାଭ କଲେ ଅଧୁରା କାର୍ଯ୍ୟ କୁ ସମ୍ପୂର୍ଣ୍ଣ କରିବି ବୋଲି ପ୍ରକାଶ କରିଛନ୍ତି ।



# ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ଫେବୃଆରୀ ୧୫, ୨୦୨୨


## ଭାଲକା ତୀର୍ଥ

ଗୁଜୁରାଟର ଭେରାଓ୍ୱାଲରେ ଭାଲକା ତୀର୍ଥ ଅବସ୍ଥିତ । ସୌରାଷ୍ଟ୍ର ଅନ୍ତର୍ଗତ ଏହି ଅଞ୍ଚଳକୁ ପ୍ରଭାସ କ୍ଷେତ୍ର କୁହାଯାଏ । କିମ୍ବଦନ୍ତି ଅନୁଯାୟୀ ଏଠାରେ ଶ୍ରୀକୃଷ୍ଣ ଅଦୃଶ୍ୟ ହେବା ସହ ଦ୍ୱାପର ଯୁଗ ଶେଷ ହୋଇଥିଲା ଏବଂ କଳିଯୁଗ ଆରମ୍ଭ ହୋଇଥିଲା । ପୁରାଣରେ ଏହାକୁ 'ଶ୍ରୀକୃଷ୍ଣ ନିଜଧାମ ପ୍ରସ୍ଥାନ ଲୀଳା' କୁହାଯାଇଛି । 'ମହାଭାରତ' ଯୁଦ୍ଧର ଶେଷ ପର୍ଯ୍ୟାୟରେ ଦୁର୍ଯ୍ୟୋଧନଙ୍କ ମୃତ୍ୟୁର ଦିନକୁ ପୂର୍ବରୁ ଶ୍ରୀକୃଷ୍ଣ, ଗାନ୍ଧାରୀଙ୍କୁ ଭେଟି ସମବେଦନା ଜଣାଇଥିଲେ । ଶ୍ରୀକୃଷ୍ଣ ଚାହିଁଥିଲେ ଯୁଦ୍ଧ ବନ୍ଦ କରାଇପାରିଥାଆନ୍ତେ ଏବଂ ତାଙ୍କ ପୁଅମାନଙ୍କ ଜୀବନ ରକ୍ଷା ହୋଇପାରିଥାଆନ୍ତା ବୋଲି ଗାନ୍ଧାରୀ ବିଶ୍ୱାସ କରୁଥିଲେ । ତେବେ, ଶ୍ରୀକୃଷ୍ଣ ଜାଣିଶୁଣି ତାହା କରି ନ ଥିବାରୁ, ଛତିଶ ବର୍ଷ ପରେ






ଯଦୁବଂଶୀମାନେ ଲୋପପାଇଯିବେ ବୋଲି ସେ ଅଭିଶାପ ଦେଇଥିଲେ । ସେତେବେଳକୁ ଯଦୁବଂଶୀମାନେ ଅଧର୍ମୀ ଓ ଉଦ୍ଧତ ହୋଇସାରିଥିଲେ । ତେଣୁ, ଶ୍ରୀକୃଷ୍ଣ ମଧ୍ୟ ନିଜ ବଂଶର ବିଲୋପନ ଚାହୁଁଥିଲେ । ଗାନ୍ଧାରୀଙ୍କ ଅଭିଶାପକୁ ଟାଳିବା ପାଇଁ କୌଣସି ଉଦ୍ୟମ ନ କରି ସେ 'ତଥାସ୍ତୁ' କହିଥିଲେ । ଛତିଶ ବର୍ଷ ପରେ ବଳରାମ ଯୋଗ ବଳରେ ଶରୀର ତ୍ୟାଗ କରିଥିଲେ । ଯଦୁବଂଶୀମାନେ ପରସ୍ପର ସହ ଲଢି ଧ୍ୱଂସ ହୋଇଥିଲେ ଏବଂ ଶ୍ରୀକୃଷ୍ଣ ଭାଲକାସ୍ଥିତ ବନରେ ବିଶ୍ରାମ ନେଉଥିବା ବେଳେ ଜରା ଶବରର ତୀରରେ ପ୍ରାଣ ହରାଇଥିଲେ ବା ମର୍ତ୍ତ୍ୟଲୋକ ତ୍ୟାଗ କରିଥିଲେ । ଖ୍ରୀଷ୍ଟ ପୂର୍ବ ୩୧୦୨ ଫେବୃଆରୀ ୧୭ ତାରିଖରେ ତାହା ଘଟିଥିଲା । ବୋଲି କିଛି ଶାସ୍ତ୍ରଜ୍ଞ ବିଶ୍ୱାସ କରନ୍ତି । ସୋମନାଥ ମନ୍ଦିରଠାରୁ ଚାରି କିଲୋମିଟର ଦୂରରେ ଭାଲକା ତୀର୍ଥ ଅବସ୍ଥିତ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଅମୃତଭଣ୍ଡା ଅନେକ ଔଷଧୀୟ ଗୁଣରେ ଭରପୂର । ଉଭୟ କଞ୍ଚା ଓ ପାଚିଲା ଅମୃତଭଣ୍ଡା ଶରୀର ପାଇଁ ଉପକାରୀ । ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ମଧୁମେହ ଓ ହୃଦ୍‌ରୋଗରୁ ରକ୍ଷା ମିଳେ । ଯକୃତ ସୁସ୍ଥ ରହେ । ଶରୀରରେ ଅଦରକାରୀ ମେଦ କମାଇବାରେ ଅମୃତଭଣ୍ଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନିୟମିତ ଅମୃତଭଣ୍ଡା ଖାଇଲେ ବଦହଜମି, କୋଷ୍ଠକାଠିନ୍ୟ, ଅର୍ଶ କିମ୍ବା ତରଳ ଝାଡା ସମସ୍ୟା ହୁଏ ନାହିଁ । ଏହା ରୋଗ ପ୍ରତିରୋଧୀ । ଶ୍ୱାସରୋଗୀ ଅମୃତଭଣ୍ଡା ଖାଇବା ଦ୍ୱାରା ଏହା ବଢେ । ଘରୋଇ ଉପଚାର ଭାବେ କିମ୍ବା ଗଳା ସମସ୍ୟା ଥିଲେ କଞ୍ଚା ଅମୃତଭଣ୍ଡା ରସରେ ମହୁ ଫେଣ୍ଟି ସେବନ କରନ୍ତୁ, ଉପଶମ ମିଳିବ । ଏହାର ବୃନ୍ତରେ କଳା ଦାଗ ପଡିବାକୁ ଦିଏ ନାହିଁ । ଫେସ୍ ପ୍ୟାକ୍ ଭାବେ ବ୍ୟବହାର କରିପାରିବେ । ଏହା ଦ୍ୱାରା ମୁହଁର ଉଜ୍ଜଳତା ବଢିଥାଏ ।



## କୋଳି ଖାଇ ଜଙ୍ଗଲରେ ୩୪ ଦିନ

ପେରୁର ଘନ ଜଙ୍ଗଲରେ ୩୪ ଦିନ ନିଖୋଜ ରହିବା ପରେ କଲମ୍ବିଆର ଜଣେ ମହିଳା ଓ ତାଙ୍କର ୧୦, ୧୨ ଓ ୧୪ ବର୍ଷ ବୟସର ତିନି ସନ୍ତାନଙ୍କ ସନ୍ଧାନ ମିଳିଛି । ସେମାନେ ଜଙ୍ଗଲରେ ମଞ୍ଜି, ପତ୍ର ତଥା ବେରୀ ଖାଇ ଜୀବନ ବଞ୍ଚାଇଥିବା କହିଛନ୍ତି । ପେରୁ-କଲମ୍ବିଆ ସୀମାବର୍ତ୍ତୀ ଏକ ସ୍ଥାନରେ ମହିଳାଙ୍କ ସ୍ୱାମୀ ରହୁଥିଲେ । ସ୍ୱାମୀଙ୍କୁ ଫେରାଇ ଆଣିବା ପାଇଁ ସେ ତିନି ପିଲାଙ୍କ ସହ ଯାଇଥିଲେ । ଜଙ୍ଗଲରେ ସେମାନେ ଭୟଭୀତ ହୋଇ ବାଟବଣା ହୋଇଗଲେ । ତାଙ୍କ ସ୍ୱାମୀ ସେମାନଙ୍କୁ ନ ପାଇ ନିଖୋଜ ରିପୋର୍ଟ ଦେଇଥିଲେ । ଜଙ୍ଗଲ ନିକଟରେ ଥିବା ଗାଁ ଲୋକଙ୍କ ସଂସ୍ପର୍ଶରେ ଆସିବା ପରେ ସେମାନଙ୍କ ସନ୍ଧାନ ମିଳିଥିଲା ।

## ଏକ ମରୁଭୂମିର ଜୈବ ବିବିଧତା



ଦକ୍ଷିଣ ଆଫ୍ରିକାରୁ ନାମ୍ବିଆ ପର୍ଯ୍ୟନ୍ତ ବ୍ୟାପ୍ତ ସକ୍ୟୁଲେଣ୍ଟ କାରୁ ପୃଥିବୀର ଏକମାତ୍ର ମରୁଭୂମି ଯେଉଁଠି ଅନେକ ଦୁର୍ଲଭ ଫୁଲଗଛ ତଥା ଜୀବଜନ୍ତୁ ଦେଖାଯାଆନ୍ତି । ୬,୩୦୦ ପ୍ରକାର ଗଛ ସମେତ ଜଙ୍ଗଲୀ ଫୁଲ ତଥା ପ୍ରାୟ ଏକ ହଜାର ଦୁର୍ଲଭ ପ୍ରଜାତି ବୃକ୍ଷ ଏଠାରେ ରହିଛି । ଗୁଣ୍ଡୁଚି ମୂଷା ଭଳି ଦେଖାଯାଉଥିବା 'ଗ୍ରାସ୍ ମାଉସ୍', କ୍ଷୁଦ୍ର 'ଭାନ୍ ଜିଲ୍ ମାଫିଆ, ଗୃହପାଳିତ ପଶୁ ଓ ଔଷଧୀୟ ବୃକ୍ଷ ହେବାର ଆଶଙ୍କା ବଢିବା ଯୋଗୁ ଏହାର ସୁରକ୍ଷା ପାଇଁ ବିଶେଷଜ୍ଞମାନଙ୍କୁ ଆମନ୍ତ୍ରଣ କରାଯାଉଛି । ମରୁଭୂମିର ଏକ-ତୃତୀୟାଂଶ କାକ୍ଟସ୍ ଜାତୀୟ ଗଛ ଓ ଘିକୁଆଁରୀରେ ଭରପୂର । ଉପରେ ନକାରାତ୍ମକ ପ୍ରଭାବ ପଡୁଛି । ଏବେ ଏହାର ମାତ୍ର ୨-୩ ପ୍ରତିଶତ ଇଲାକା ସୁରକ୍ଷିତ । ଅବଶିଷ୍ଟ ଇଲାକା ପଶୁମାନଙ୍କ ଚାରଣକ୍ଷେତ୍ର ପାଲଟିଛି । ମରୁଭୂମିର ଦୁର୍ଦ୍ଦଶା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।



## ଇ-ୱେଷ୍ଟ୍ ବିନ୍

ୱେଷ୍ଟ୍ ମ୍ୟାନେଜମେଣ୍ଟ୍, ବିଶେଷକରି ଇ-ୱେଷ୍ଟ୍ ମ୍ୟାନେଜମେଣ୍ଟ୍ ଏକ ବଡ ସମସ୍ୟା । ଲୋକମାନେ ସାଧାରଣ ଅଳିଆଆବର୍ଜନା ଓ ଇ-ୱେଷ୍ଟ୍ ମଧ୍ୟରେ ଫରକ୍ ହଠାତ୍ ବୁଝି ପାରି ନଥାନ୍ତି । ଲୋକଙ୍କୁ ଇ-ୱେଷ୍ଟ୍ ବାବଦରେ ସଚେତନ କରିବା ପାଇଁ ଦିଲ୍ଲୀର ନୋଏଡାରେ ଇ-ଡଷ୍ଟବିନ୍ ବ୍ୟବସ୍ଥା ହୋଇଛି । ଏହି ଡଷ୍ଟବିନ୍‌ରେ ଲୋକେ ଭଙ୍ଗା ମୋବାଇଲ୍ ଫୋନ୍, ସିଡି ପ୍ଲେୟାର୍, ବ୍ୟାଟେରି, ଟିଭି ରିମୋଟ୍, ଲାପ୍‌ଟପ୍ ଆଦି ଇଲେକ୍ଟ୍ରନିକ୍ ଆବର୍ଜନା ପକାଇବେ । ନୋଏଡାର ପ୍ରାୟ ୨୩ ଟି ସ୍ଥାନରେ ଇ-ୱେଷ୍ଟ୍ ବିନ୍ ରଖାଯାଇଛି । ଇ-ୱେଷ୍ଟ୍ ମ୍ୟାନେଜମେଣ୍ଟ ଅଥରିଟି ଏକ ଏଜେନ୍ସି ସହ ଚୁକ୍ତି କରିଛି । ଲୋକମାନେ ପ୍ଲାଷ୍ଟିକ୍ କଭର୍ ଥିବା ତାରରୁ ତମ୍ବା ବାହାର କରି ପ୍ଲାଷ୍ଟିକ୍‌କୁ ପୋଡି ଦିଅନ୍ତୁ । ସେଥିରୁ ନିର୍ଗତ ଧୂଆଁ ଅତି ବିଷାକ୍ତ । ଏଣିକି ନୋଏଡାରେ ତାହା ହେବ ନାହିଁ ।




## ପ୍ରଦୂଷଣ କାରଣରୁ ହେଉଛି ହାଡ ରୋଗ

ନିକଟରେ ହୋଇଥିବା ଅନୁଧ୍ୟାନରୁ ଜଣାପଡିଛି, ବାୟୁ ପ୍ରଦୂଷଣ କାରଣରୁ ୬୫% ରୁ ଅଧିକ ଲୋକ ହାଡ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ବାର୍ସିଲୋନା ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ୍ ହେଲ୍‌ଥର ତଥ୍ୟ ଅନୁସାରେ, ୪୦ବର୍ଷ ଅତିକ୍ରାନ୍ତ ପରେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଥାଏ । ଏହା ସହ ପ୍ରଦୂଷଣର ସ୍ତର ବଢୁଥିବା କାରଣରୁ ସବୁଠୁ ଶୀଘ୍ର ଆମ ହାଡ ହିଁ ଦୁର୍ବଳ ହୁଏ । ବର୍ତ୍ତମାନ ସମୟରେ ଯୁବକମାନେ ମଧ୍ୟ ବିଭିନ୍ନ ହାଡ ରୋଗରେ ଆକ୍ରାନ୍ତ ହେଉଥିବାର ଦେଖାଯାଉଛି ।






◆ କ୍ଷୀର ଓ ଦୁଗ୍ଧ ଜାତୀୟ ନିୟମିତ ଭାବେ ନିଜ ଡାଏଟ୍‌ରେ ସାମିଲ କରନ୍ତୁ । ସବୁଜ ପନିପରିବା ଯେପରି ବନ୍ଧାକୋବି, ଫୁଲକୋବି, ବ୍ରୋକୋଲି ପ୍ରସ୍ତୁତ ବ୍ୟଞ୍ଜନ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

◆ ସାଲମନ୍ ମାଛ, ଅଣ୍ଡା ଚିକେନ୍ ସପ୍ତାହକୁ ୨-୩ ଥର ଖାଇବା ସହ ଦୈନିକ ସୂର୍ଯ୍ୟକିରଣରେ ଚଲାବୁଲା କରନ୍ତୁ । ନଚେତ୍ ପାର୍କରେ ପ୍ରାତଃଭ୍ରମଣ କରନ୍ତୁ । ମଧ୍ୟ ହାଡ ସମସ୍ୟା ଉତ୍ପନ୍ନ ହୋଇଥାଏ ।

## ଇ-ସ୍କୁଟର ସମ୍ବନ୍ଧୀୟ ୫ ଟିପ୍ସ

ଇଲେକ୍ଟ୍ରିକ୍ ଗାଡି ଯୁଗ ଆରମ୍ଭ ହୋଇଯାଇଛି । ଆପଣଙ୍କ ସାଙ୍ଗ କିମ୍ବା ପଡୋଶୀ ଇ-ଭେଇକଲ୍ କିଣୁଛନ୍ତି ଦେଖି ନିଜେ କିଣିବା ଠିକ୍ ନୁହେଁ । ଇ-ଭେଇକଲ୍ କିଣିବା ପୂର୍ବରୁ ଭଲଭାବେ ଜାଣି ରଖନ୍ତୁ ଆପଣଙ୍କ ପାଇଁ ଏହି ଗାଡିର ଆବଶ୍ୟକତା କେତେ । ସବୁ ଦିନ ଦୂରକୁ ଯିବାକୁ ପଡେ କି ? ଏଭଳି ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେଇ ଗାଡି କିଣନ୍ତୁ । ଆଜିର ଯୁଗରେ ଇଲେକ୍ଟ୍ରିକ୍ ଗାଡି ଉପରେ ଅଧିକ ଗୁରୁତ୍ୱ ସିଆଯାଉଛି । ସରକାର ମଧ୍ୟ ଏପରି ଯାନ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛନ୍ତି । ଭାରତୀୟ ବଜାରରେ ଅଟୋମୋବାଇଲ୍ ଇଣ୍ଡଷ୍ଟ୍ରିର ଦିଗ୍‌ଗଜ କମ୍ପାନୀ ସମେତ ନୂଆକରି ଆରମ୍ଭ ହୋଇଥିବା 'ଷ୍ଟାର୍ଟ-ଅପ୍' କମ୍ପାନୀଗୁଡିକ ଇଲେକ୍ଟ୍ରିକ୍ ଗାଡି ଲଂଚ କରିଛନ୍ତି । ଏଥିରେ ଇଲେକ୍ଟ୍ରିକ୍ ସ୍କୁଟରଠାରୁ ଆରମ୍ଭ କରି ବାଇକ୍ ଓ କାର୍ ମଧ୍ୟ ରହିଛି । ଏଥି ମଧ୍ୟରୁ ଇଲେକ୍ଟ୍ରିକ୍ ସ୍କୁଟରର ବ୍ୟବହାର ସର୍ବାଧିକ । ଏହାର ମୂଲ୍ୟ ପେଟ୍ରୋଲ ଚାଳିତ ଦୁଇଚକିଆ ଯାନଠାରୁ ଅଧିକ । ହାଇଟେକ୍ ଫିଚର୍ସ ରହିଲେ ଗାଡିର ଦାମ୍ ନିଜର ଆବଶ୍ୟକତାକୁ ଭଲଭାବେ ତର୍ଜମା କରନ୍ତୁ ଓ ତା'ପରେ କିଣନ୍ତୁ । ଇ-ସ୍କୁଟର କିଣିବାକୁ ଭାବୁଥିଲେ ନିମ୍ନୋକ୍ତ ଜରୁରୀ ଜିନିଷ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ସର୍ବ ପ୍ରଥମେ ଇଲେକ୍ଟ୍ରିକ୍ ଗାଡିର ରେଞ୍ଜ୍ ଜାଣିବା ଉଚିତ୍ । ରେଞ୍ଜ୍ ଅର୍ଥ ଏହାର ବ୍ୟାଟେରୀ ଥରେ ଫୁଲ୍ ଚାର୍ଜ ହେବା ପରେ କେତେ ଦୂର ପର୍ଯ୍ୟନ୍ତ ଯାଇପାରିବେ । ଇଲେକ୍ଟ୍ରିକ୍ ସ୍କୁଟର କିମ୍ବା କୌଣସି ବାହନ କିଣିବା ପୂର୍ବରୁ ଜାଣି ରଖନ୍ତୁ ଆପଣ ଦିନକୁ କେତେ ଦୂରକପୁ ଯିବେ । ଏହା ପରେ ଦେଖନ୍ତୁ ଯେଉଁ ସ୍କୁଟର କିଣୁଛନ୍ତି ତାହା ଆପଣଙ୍କ ପାଇଁ କେତେ ଉପଯୋଗୀ । ମାର୍କେଟ୍‌ରେ ୬୦ରୁ ୧୨୦ କିଲୋମିଟ ରେଞ୍ଜ୍ ଥିବା ସ୍କୁଟର ଅଛି । ଇଲେକ୍ଟ୍ରିକ୍ ଗାଡିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଉଛି



ବ୍ୟାଟେରୀ । ଯେତେ ଅଧିକ ୱାଟ୍‌ର ବ୍ୟାଟେରୀ ରହିବ ଗାଡି ସେତେ ଦୂର ପର୍ଯ୍ୟନ୍ତ ଯିବା ସହ ଅଧିକ ଚାର୍ଜ ଗ୍ରହଣ କରିବ । ଏହା ଛଡା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ବିଶେଷ ଧ୍ୟାନ ଦେବେ । ତାହା ହେଉଛି ଗାଡିଟି ୱାଟର୍ ପ୍ରୁଫ୍ ଓ ଶକ୍ ପ୍ରୁଫ୍ କି ନୁହେଁ । ଏହା ସହ ବ୍ୟାଟେରୀ ରିପ୍ଲେସ୍ ସୁବିଧା ଉପଲବ୍ଧ କି ନାହିଁ । ପେଟ୍ରୋଲ, ଡିଜେଲ୍ ଦ୍ୱାରା ଚାଲୁଥିବା ଗାଡିରେ କୌଣସି ପ୍ରକାର ତ୍ରୁଟି ଦେଖାଦେଲେ ତାକୁ ଯେକୌଣସି ଗ୍ୟାରେଜ୍‌ର ମେକାନିକ୍ ପାଖକୁ ନେଇ ସଜଡା ଯାଇପାରେ । କିନ୍ତୁ ଇଲେକ୍ଟ୍ରିକ୍ ଗାଡି ସହିତ ଏପରି ହୋଇ ପାରିବ ନାହିଁ । ଇଲେକ୍ଟ୍ରିକ୍ ଗାଡିରେ କୌଣସି ପ୍ରକାରର ତ୍ରୁଟି ଦେଖାଦେଲେ ତାକୁ ଠିକ୍ କରିବା ପାଇଁ କେବଳ ନିର୍ଦ୍ଦିଷ୍ଟ ସର୍ଭିସ୍ ସେଣ୍ଟରକୁ ହିଁ ନେବାକୁ ପଡିବ । ଏଭଳି ସ୍ଥିତିରେ ଯେକୌଣସି ଇଲେକ୍ଟ୍ରିକ୍ ସ୍କୁଟର କିମ୍ବା ଅନ୍ୟ ଇ-ଗାଡି କିଣିବା ପୂର୍ବରୁ କମ୍ପାନୀରେ ସର୍ଭିସ୍ ପଲିସି ଓ ୱାରେଣ୍ଟି ସମ୍ପର୍କରେ ଭଲଭାବେ ଜାଣନ୍ତୁ । କମ୍ପାନୀ ସ୍ପେୟାର ପାର୍ଟ ତିଆରି କରେ କି ନାହିଁ ସେ କଥା ବି ଭଲ ରୂପେ ବୁଝନ୍ତୁ ।

## ଛାତ ନଥିବା ହୋଟେଲ

ସ୍ୱିଜରଲ୍ୟାଣ୍ଡର ସୁନ୍ଦର ସୁଉଚ୍ଚ ପାହାଡ ଉପରେ ଛାତ ନଥିବା ହୋଟେଲ ଖୋଲୁଛି । ସାଧାରଣ ହୋଟେଲ ଭଳି ଗ୍ରାହକ ଏଠାରେ ସମସ୍ତ ସୁବିଧା ସୁଯୋଗ ପାଇବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି । ହୋଟେଲର ନାମ 'ନୁଲ୍ ଷ୍ଟର୍ନ' । ସ୍ୱିଜରଲାଣ୍ଡର ଦୁଇ ଜଣ ଯୁବକ ଫ୍ରାଙ୍କ ଓ ପାଟ୍ରିକ୍ ରିକ୍‌ଲିନ ମିଶି ଏହି ହୋଟେଲ ନିର୍ମାଣ କରିଥିଲେ । ହୋଟେଲଟିର ଚାହିଦା ବଢିବା କାରଣରୁ ସ୍ୱିଜରଲାଣ୍ଡରେ ଥିବା ବିଭିନ୍ନ ପାହାଡରେ ଏବେ ଏହିପରି ହୋଟେଲ ଖୋଲିବାକୁ ଲାଗିଲାଣି । ହୋଟେଲରେ ରହିବା ପାଇଁ ୨୫୦ ଡଲାର ଦେବାକୁ ପଡିଥାଏ ।

## ଫେଶନରେ ଶଲ୍

ଶୀତର ଉଷୁମ ସ୍ପର୍ଶ ଯେ କେବଳ ଡିଜାଇନର ଜ୍ୟାକେଟ୍ କିମ୍ବା ସ୍ୱେଟରରୁ ମିଳିଥାଏ, ତା'ନୁହେଁ । ବରଂ କାରୁକାର୍ଯ୍ୟପୂର୍ଣ୍ଣ ଶଲରେ ଆବୃତ ହେବା ମଧ୍ୟ ଏବର ଫେଶନରେ ଅନ୍ତର୍ଭୁକ୍ତ ହୋଇଛି । କାଶ୍ମୀରରୁ ଜନ୍ମଲାଭ କରିଥିବା ଶଲ୍ ଏବେ ବିଶ୍ୱସ୍ତରରେ ଆଦୃତ ହୋଇଛି । ପଶମିନା ଓ କାଶ୍ମୀର ଶଲର ଲୋକପ୍ରିୟତା ଭାରତ ସହ ବିଶ୍ୱସ୍ତରରେ ମଧ୍ୟ ଶୀର୍ଷରେ ଅଛି । ଶାଢି ସହ ଶଲ୍ ଘୋଡାଇହେଲେ ତାହା ମହିଳାଙ୍କ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରିଥାଏ । ଏବେର କର୍ମଜୀବୀ ମହିଳାମାନେ ଜିନ୍ସ - ଟିସାର୍ଟ ସହ ଶଲ୍ ବ୍ୟବହାର କରୁଥିବାର ଦେଖାଯାଉଛି । ଦିଲ୍ଲୀରେ ଥଣ୍ଡାର ପ୍ରକୋପ ସର୍ବାଧିକ ଥିବାବେଳେ କର୍ମଜୀବୀ ମହିଳାଙ୍କ ମତରେ ସେଠାରେ ଶଲ ହେଉଛି ସର୍ବୋତ୍ତମ ଫେଶନ୍ । ଅନ୍-ଲାଇନ୍ ସାଇଟ୍ ସହ ଦୋକାନରେ ମଧ୍ୟ ଭିବିନ୍ନ ଡିଜାଇନର ଶଲ୍ ଉପଲବ୍ଧ ହେଉଛି । ୬୦୦ ଟଙ୍କାରୁ ଆରମ୍ଭ କରି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଶଲ୍ ବିକ୍ରି ହେଉଥିବାର ମତ ମିଳିଛି । ତେବେ ଶୀତରେ ହାଲକା ରଙ୍ଗର ଶଲ୍ ବ୍ୟବହାର କରିବା ପରିବର୍ତ୍ତେ ଗାଢ ରଙ୍ଗର ଶଲ୍ ପିନ୍ଧିବା ଉଚିତ ।



## ରାତିରେ ଟଏଲେଟ୍ ଯିବା ଅପରାଧ

ଟଏଲେଟ୍ ଯିବା ସେଠାରେ ଏକ ଅପରାଧ । ସ୍ୱିଜରଲାଣ୍ଡର ଏହି ଅଜବ ନିୟମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ । ତେବେ ଏହା ସେଠାକାର ସ୍ୱୀକୃତିପ୍ରାପ୍ତ ନିୟମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ । ତେବେ ଏହା ସେଠାକାର ସ୍ୱୀକୃତିପ୍ରାପ୍ତ ନିୟମ ବା ପରମ୍ପରା ହୋଇ ନଥିବା ବେଳେ ର୍ନିଦ୍ଦିଷ୍ଟ କେତେକ ଅଞ୍ଚଳରେ ଏହା ପ୍ରଚଳିତ ହୋଇଥାଏ । ତେବେ ରାତିରେ ଗାଧୋଇବା ବା ଲାଟିନ୍‌ରେ ଫ୍ଲସ୍ ବ୍ୟବହାର କଲେ ଏଠାରେ ଜରିମାନା ଦେବାର ବ୍ୟବସ୍ଥା ମଧ୍ୟ ରହିଛି । କାରଣ ରାତି ସମୟରେ ସମସ୍ତେ ବିଶ୍ରାମ ନେଉଥିବାରୁ ଗାଧୋଇଲେ ବା ଟଏଲେଟ୍ ଯାଇ ଫ୍ଲସ୍ କଲେ ଏହାର ଶବ୍ଦରେ ବାୟୁ ପ୍ରଦୂଷିତ ହେବା ସହ ନିଦ୍ରାରେ ବ୍ୟାଘାତ ଘଟିଥାଏ । ତେଣୁ ଏଠାରେ ରାତିରେ ଟଏଲେଟ୍ ଯିବା ଏକ ଅପରାଧ ବୋଲି ଲୋକେ କହିଥାଆନ୍ତି । ହେଲେ ଥୋମାସ୍ ଓବରେଲ ନାମକ ସ୍ୱିଜରଲାଣ୍ଡର ଜଣେ ଓକିଲଙ୍କ ମତ ଅନୁଯାୟୀ, ର୍ନିଦ୍ଦିଷ୍ଟ କେତେଜଣ ଘର ମାଲିକ ଏହି ନିୟମ ପ୍ରଚଳନ କରିଛନ୍ତି । ଏମାନଙ୍କର ଭଡାରେ ଲାଗିଥିବା ଘରେ ପାଣି କମ୍ ଖର୍ଚ୍ଚ କରିବା ଲାଗି ଏମାନେ ଏମିତି ନିୟମ କରିଥିବା ବେ କହିଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୋଭିଡ୍ କଟକଣା...

ମହାମାରୀ କୋଭିଡ୍-୧୯ର ତୃତୀୟ ଲହର ଆରମ୍ଭରେ ପ୍ରଚଳନ କରାଯାଇଥିବା ଅନେକଗୁଡ଼ିଏ କଟକଣାମୂଳକ ପଦକ୍ଷେପକୁ ଆନ୍ତର୍ଜାତିକ ସ୍ତରର ୮୨ଟି ଦେଶର ଯାତ୍ରୀମାନଙ୍କ ପାଇଁ କୋହଳ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତାଙ୍କର ନୂଆ ମାର୍ଗଦର୍ଶିକା ବା ଗାଇଡଲାଇନସ୍‌ରେ। ଏହି ମାର୍ଗଦର୍ଶିକା ଫେବୃଆରୀ ୧୪ ତାରିଖ ଅର୍ଥାତ ଆଜିଠାରୁ ଲାଗୁ ହୋଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଯାତ୍ରୀମାନେ ଏଣିକି ବାଧ୍ୟତାମୂଳକ ସାତଦିନିଆ କ୍ୱାରେନଣ୍ଟାଇନ୍‌ରେ ରହିବାର ଆବଶ୍ୟକତା ନାହିଁ, ବରଂ ସେମାନେ ସେମାନଙ୍କଠାରେ କୋଭିଡର ଲକ୍ଷଣ ପ୍ରକାଶ ପାଉଛି କି ନାହିଁ, ସେଥିପାଇଁ ୧୪ ଦିନ ପର୍ଯ୍ୟନ୍ତ ଆତ୍ମ-ନିରୀକ୍ଷଣରେ ରହିବେ। ପୁନଶ୍ଚ, କୋଭିଡ୍ ବାବଦରେ ସେମାନଙ୍କ ନିକଟରେ ବିକଳ୍ପ ଭାବରେ ରହିଛି- ସେମାନେ ଯାତ୍ରା କରିବା ତାରିଖର ୭୨ ଘଂଟା ଭିତରେ ଆର୍‌ଟି-ପିସିଆର ପରୀକ୍ଷା କରାଇ ଥିବାର ନେଗେଟିଭ୍ ପ୍ରମାଣପତ୍ର କିମ୍ବା ନିହାତି କମ୍‌ରେ ଟିକାର ଦୁଇଗୋଟିଯାକ ଡୋଜ୍ ନେଇଥିବାର ପ୍ରମାଣପତ୍ର ପ୍ରଦାନ କରିବେ। ଏହିସବୁ ମାର୍ଗଦର୍ଶିକା ସେହିସବୁ ଦେଶଗୁଡ଼ିକର ଯାତ୍ରୀମାନଙ୍କ ନିମନ୍ତେ ପ୍ରଯୁଜ୍ୟ, ଯେଉଁମାନଙ୍କ ସହିତ ଭାରତ ଆଦାନାପ୍ରଦାନ ବା ଯାତାୟାତର ଚୁକ୍ତି ସମ୍ପନ୍ନ କରିଛି ଏବଂ ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଯୁକେ, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଇତ୍ୟାଦି ବା ଯେଉଁସବୁ ରାଷ୍ଟ୍ରରୁ ଭାରତକୁ ଏବଂ ଭାରତରୁ ସେହିସବୁ ରାଷ୍ଟ୍ରକୁ ଉଲ୍ଲେଖନୀୟ ପରିମାଣରେ ଗମନାଗମନ ଲାଗି ରହିଥାଏ। ଏହି ମାର୍ଗଦର୍ଶିକା ଜାରି କରାଯାଇଛି ଭାରତରେ କୋଭିଡର ତୃତୀୟ ଲହର ଥମି ଆସିବା ପରେ ଏବଂ ଅନେକ ଦେଶରେ ଏହାର ସଂକ୍ରମଣର ହାର କମି ଯାଇଥିବାର ଦେଖାଯିବା ପରେ। ଏହା ପୂର୍ବରୁ ଭାରତ ଡିସେମ୍ବର ୧୫ ତାରିଖଠାରୁ ଆନ୍ତର୍ଜାତିକ ବିମାନ ସେବା ପୁନର୍ବାର ଆରମ୍ଭ କରିବାକୁ ଉଦ୍ୟମ କରିଥିଲା, କିନ୍ତୁ ଓମିକ୍ରନ୍ ଭାରିଆଂଟ ଯୋଗୁଁ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଥିଲା। ସେ ଯାହାହେଉ, ଏହିସବୁ ପଦକ୍ଷେପ ସ୍ୱାଗତଯୋଗ୍ୟ ହେବାର ଅନ୍ୟତମ କାରଣ ହେଉଛି, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଭାଷାରେ- କେନ୍ଦ୍ର ଏବଂ ରାଜ୍ୟମାନଙ୍କର ସରକାରମାନେ ମାନି ନେଇ ସାରିଲେଣି ଯେ 'ଅପ୍ରତିରୋଧ ଢ଼ଙ୍ଗରେ ଏଣିକି ଅର୍ଥନୀତିକ କାର୍ଯ୍ୟକଳାପଗୁଡ଼ିକୁ ଆରମ୍ଭ କରି ଦିଆଯିବା ଉଚିତ୍। ନୂଆ ନିୟମଗୁଡ଼ିକ ଅନେକ ଦେଶର ଲୋକଙ୍କୁ ଭାରତକୁ ସ୍ୱଳ୍ପକାଳୀନ ଗସ୍ତରେ ଆସିବା ନିମନ୍ତେ ଉତ୍ସାହିତ କରିବ, ଯାହା ବାଧ୍ୟତାମୂଳକ ସାତଦିନିଆ କ୍ୱାରେଣ୍ଟାଇନ୍ ନିୟମ ଯୋଗୁଁ ସେମାନଙ୍କୁ ନିରୁତ୍ସାହିତ କରୁଥିଲା। ଏହା ମଧ୍ୟ ଦେଶର ପର୍ଯ୍ୟଟନ ଶିଳ୍ପକୁ ପୁନଃ ଶକ୍ତିଶାଳୀ କରିବ, ଯଦିଓ ପର୍ଯ୍ୟଟନ ଋତୁର ଅଧିକାଂଶ ଭାଗ ଅତିବାହିତ ହୋଇସାରିଲାଣି। ଉଲ୍ଲେଖଯୋଗ୍ୟ ଯେ ପର୍ଯ୍ୟଟନ ଶିଳ୍ପର ହିସାବ ଅନୁସାରେ କୋଭିଡ୍-୧୯ ମାର୍ଚ୍ଚ ୨୦୨୦ରୁ ବର୍ତ୍ତମାନ ସୁଦ୍ଧା ୧୫୦ କୋଟି ଆନ୍ତର୍ଦ୍ଦେଶୀୟ ଏବଂ ୨.୭ କୋଟି ବର୍ହିଦେଶୀୟ ପର୍ଯ୍ୟଟକ ଲାଭ କରୁଥିଲା, ଯେଉଁଥିରେ ଏହି ନୂଆ କୋହଳ ନୀତି ପୁନର୍ଜୀବନ ସଂଚାର କରିବା ଆଶା କରାଯାଉଛି। ସ୍ୱାଭାବିକ ଜୀବନ ଯାତ୍ରା ଉପରୁ କଟକଣା ହଟାଇବା ଗୋଟିଏ ପକ୍ଷରେ ସ୍ୱାଗତଯୋଗ୍ୟ ହୋଇଥିବାବେଳେ କୋଭିଡ୍ କଟକଣାକୁ ସମ୍ପୂର୍ଣ୍ଣ ରୂପେ ପାସୋରି ଯାଇ ବେପରୁଆ ହୋଇଯିବାକୁ କୌଣସି ପ୍ରକାରେ ସମାନ ଦୃଷ୍ଟିରେ ଦେଖାଯାଇପାରିବ ନାହିଁ। ଆମ ଭିତରେ ଏବେ ସୁଦ୍ଧା ଅନେକ ଲୋକ ଅଛନ୍ତି, ଯେଉଁମାନେ ବିଶ୍ୱାସ କରନ୍ତି ଯେ ମହାମାରୀର କରାଳ ଛାୟା ଏବେ ବି ଆମ ପଛରେ ଅଛନ୍ତି, ଯେଉଁମାନେ ବିଶ୍ୱାସ କରନ୍ତି ଯେ ମହାମାରୀର କରାଳ ଛାୟା ଏବେ ବି ଆମ ପଛରେ ରହିଛି, ଆଉ ସେଥିପାଇଁ ମାସ୍କ ପରିଧାନ ସମେତ ସବୁ କଟକଣାକୁ ପାଳନ କରାଯିବା ଉଚିତ୍। ନିକଟରେ ମହାରାଷ୍ଟ୍ର ସରକାର ସୂଚନା ପ୍ରଦାନ କରିଛନ୍ତି ଯେ ରାଜ୍ୟକୁ ସମ୍ପୂର୍ଣ୍ଣ ଭାବରେ ମାସ୍କ ପରିଧାନ ମୁକ୍ତ ଘୋଷଣା କରିବା ନିମନ୍ତେ ବିଶେଷଜ୍ଞମାନଙ୍କର ପରାମର୍ଶ ଲୋଡ଼ା ଯାଇଛି। ଏପରି ପଦକ୍ଷେପ ନେବାପାଇଁ ରାଜ୍ୟ ସରକାରଙ୍କ ନିକଟରେ ବଳିଷ୍ଠ କାରଣ ମଧ୍ୟ ରହିଛି, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ତୃତୀୟ ଲହର ଯେତେବେଳେ ଶିଖରରେ ପହଂଚିଥିଲା, ମୁମ୍ବାଇରେ ସେତେବେଳେ ସଂକ୍ରମଣ ହାର ୨୫ ପ୍ରତିଶତରୁ ଏକ ପ୍ରତିଶତକୁ ଖସି ଆସିଥିଲା। ପୁଣି ଯୁକେକୁ ମିଶାଇ ବିଦେଶର ଅନେକ ରାଷ୍ଟ୍ର ମଧ୍ୟ ମାସ୍କ ପରିଧାନକୁ କୋଭିଡ୍ ନିୟମର ଏକ ଅଂଶ ଭାବରେ ଗ୍ରହଣ କରିବାରୁ ଦୂରେଇ ଯିବାକୁ ଅନ୍ୟତମ କାରଣ ଭାବରେ ଦର୍ଶାଯାଇଛି।

# ଦକ୍ଷ



ଅଜୟ କୁମାର ବେହେରା

ପାରିବା ପଣିଆଁ ବ୍ୟକ୍ତି ହିଁ ଏହି ଶବ୍ଦର ଅଧିକାରୀ। ତେବେ ସଂସାରରେ ଏତେ ବିଷୟ ଏତେ ବିଦ୍ୟା ଏତେ ବୃତ୍ତି ଅଛି ଏପାଇଁ ଅଲଗା ଅଲଗା 'ଦକ୍ଷ' ପଣିଆଁରେ ଆସିପାରିଥାନ୍ତି। ସବ୍ ଜାନତା ମନୁଷ୍ୟ ବି ପ୍ରକୃତରେ ଦକ୍ଷରେ ଗଣତି ହୋଇ ନପାରନ୍ତି। ସାଧାରଣ ଜ୍ଞାନ ଓ ସୌଦାଗରୀ ଜ୍ଞାନ ପୁଣି ଠକିବା ଟାଳଟୁଳ କରି ସମୟ ଟାଳି ଘଟଣାର ଦକ୍ଷତା ରହିବା ପ୍ରାକରକର ଜ୍ଞାନ ମଧରେ କାର୍ଯ୍ୟ ପ୍ରଣାଳୀର ପ୍ରତ୍ୟକ୍ଷରେ ଦକ୍ଷ ଚିହ୍ନଟ ହୋଇପାରନ୍ତି। ବିଶେଷ ଜ୍ଞାନୀ ଅନୁଭବରୁ ହିଁ ଦକ୍ଷ ପରେ ଅତି ଦକ୍ଷରେ ଆସିପାରିଛି। ମୂଳରୁ ଚୁଳ ସମସ୍ତେ ପ୍ରୟୋଗରେ ବିଭିନ୍ନ ପର୍ଯ୍ୟାୟରେ ଲାଗି ରହିଲେ ଏକ କାର୍ଯ୍ୟ ସାଧିତ ହୋଇପାରେ ନ ହେଲେ ଅଧାପନ୍ତରିଆ ଧନ୍ଦା ହୋଇଯାଏ। ଏକ ବିଦ୍ୟା ଦକ୍ଷମାନେ ସମୟର ମୂଲ୍ୟ ପାଆନ୍ତି। ମାତ୍ର ସମୟ ଏମିତି ହୋଇଗଲାଣି ଦକ୍ଷ ନ ହୋଇ ଦକ୍ଷତାର ଜାଲି ପ୍ରଚାରରେ ଜଣେ ଦକ୍ଷ ପଦବୀ ହାସଲ କରି ବସିଲେଣି। ପୁଣି ଦକ୍ଷ ବି ଅତିଦକ୍ଷ ପାଇଁ ଲାଳାୟିତ ହୋଇ ଅଧିକ ଜ୍ଞାତା ହୋଇ ସୁନାମ ଓ ବଡ଼ ପଦ ଆଶାୟୀ ଦିଗକୁ ଧାଇଁଲେଣି। ଅପାଳକ ରାଇଜରେ ବିଜୁଳି ଲକ୍ଷେ ଟଙ୍କା ପରି ଏବେ ସମସ୍ତେ କନ୍ୟାଟିଏ ହେଉ ବରଟିଏ ଖୋଜିଲା ବେଳେ ଦେଖୁଛନ୍ତି ଜାତକର ପରିଚିତ ଚିଠାରେ ନିଶ୍ଚେ କମ୍ପ୍ୟୁଟର ପାଠର କିଛି ହାସଲ ବର୍ଣ୍ଣନା ଲେଖା ରହିଛି। ପାଠର ପଢ଼ା ଧାରଣା ନଥିବା ବ୍ୟକ୍ତିମାନେ ବରଟି କମ୍ପ୍ୟୁଟର ପଢ଼ିଛି କନ୍ୟାଟି କମ୍ପ୍ୟୁଟର ପଢ଼ିଛି ଧରି ବିବାହ ପାଇଁ ଏକ ଗୌରବ ଉପକ୍ରମ ଭାବୁଛନ୍ତି। ପ୍ରକୃତରେ ପାଠରୁ ପଢ଼ା ଧାରଣା କାରୀ ବିଦ୍ୟାର ଗଭୀରତା ଜାଣିପାରନ୍ତି ମାତ୍ର ବିବାହ କାର୍ଯ୍ୟର ଘଟକ ସଂସ୍ଥା କେମିତି ଏହା ଜାଣିବେ?

ଇଞ୍ଜେକ୍ସନ ଫୋଡ଼ିବା, ବ୍ଲଡ଼ ପ୍ରେସର ମାପିବା, ନିଶ୍ୱାସରେ ଅକ୍ସିଜେନ ମାପିବା, ଜ୍ୱର ତାପ ମାପିବା ଏପରି କର୍ମ ଡାକ୍ତରଙ୍କ ଏକ କର୍ମ। ମାତ୍ର ଏସବୁ କରିବାଲୋକ କେବେ ଡାକ୍ତର ନୁହଁନ୍ତି କି ଔଷଧ ଦୋକାନୀ କେବେ ରୋଗର ନିଦାନ ଜାଣି ନାହାଁନ୍ତି। କୌଣସି ଫାର୍ମାସିଷ୍ଟଙ୍କ ସାର୍ଟିଫିକେଟରେ ସେ ଦୋକାନ ଚଳାଉଛନ୍ତି ଏପରି ବୁଝିବା ନିହାତି ଦରକାର ଏମାନେ ଦକ୍ଷ କେବେ ନୁହଁନ୍ତି। ଟିଉସନ ଶିକ୍ଷକ ଓ ବିଦ୍ୟାଳୟର ଶିକ୍ଷକ ଦୁଇଜଣ।

ସମୟର ମୂଲ୍ୟାୟନ କରି ପେଟ ପୋଷିବା ଧନ୍ଦା ଧରିଛନ୍ତି ମାତ୍ର ବିଦ୍ୟାଳୟ ଶିକ୍ଷକ ଛାତ୍ରଛାତ୍ରୀଙ୍କ ମନସ୍ତତ୍ୱ ଜାଣି, ସିଲାବସ ଅନୁସାରେ ବଛାଇକରା ପାଠକୁ ସାମୁହିକ ଭାବରେ ଏକ ବିଷୟ ଶ୍ରେଣୀରେ ପଢ଼ାଇ ଛାତ୍ରଙ୍କ ମନରେ ବିଷୟ ପ୍ରତି ଆଗ୍ରହ ସୃଷ୍ଟିକରି ଅନେକ ପ୍ରଶ୍ନ ଛାତ୍ରଙ୍କ ମନରେ ଉଦ୍ରେକ କରି ବିଷୟଟିକୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଇ ଭବିଷ୍ୟତ ପ୍ରସ୍ତୁତିରେ ରଖାନ୍ତି ଯାହା ଯେଉଁ ପ୍ରକାର ପ୍ରଶ୍ନର ସେମାନେ ଉତ୍ତର ପରେ ଦେଇପାରନ୍ତି। ପାଠ ବିଷୟ ସମସ୍ୟା ପର ଜୀବନରେ ଜୀବନଯାତ୍ରାରେ ବି ସେ ସମସ୍ୟା ଆସିପାରେ ତାହା ସମାଧାନ ତହିଁରେ ଶିକ୍ଷା ପ୍ରକୃତିରେ ଥାଏ। ମାତ୍ର ଟିଉସନ ଶିକ୍ଷକଙ୍କୁ ପିଲାଙ୍କର ଗୁରୁଜନ କେବଳ ପାଠ୍ୟ ବିଷୟରେ କେମିତି ଅଧିକ ନମ୍ବର ରଖି ପାସ କରି ହେବ ଏହା ହିଁ ତାଗିଦରେ ରଖନ୍ତି। ଯାହା ପ୍ରସଙ୍ଗଭିତ୍ତିକ ପାଠ ପଢ଼ାର ମାର୍ଗ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ହୋଇନଥାଏ ବା ଛାତ୍ରକୁ ଭ୍ରମ ସଂଶୋଧନ କରିବାକୁ ସମୟ ଦିଅନ୍ତି ନାହିଁ। ଏସବୁରୁ ତର୍ଜମା କଲେ ଏକ ବିଷୟରେ ପ୍ରବେଶ ପାଇଁ ଅନୁକରଣ କରି ଶିକ୍ଷିତ ଲୋକ ଅଦକ୍ଷ, ଅଦକ୍ଷ ବହୁଦିନ ଅନୁକରଣ କରି କିଛି ଅନୁଭବ ଓ ପରିସ୍ଥିତି ପଡ଼ି ଅର୍ଦ୍ଧଦକ୍ଷ, ତାପରେ ଦକ୍ଷ ସ୍ତରକୁ ବିଭିନ୍ନ ପରୀକ୍ଷା ଓ ସମସ୍ୟାରେ ପଡ଼ି ଆସିଥାନ୍ତି।

ପାଠପଢ଼ାରେ ଶିକ୍ଷକ, ପାଠପଢ଼ା ଠିକ ଭାବରେ କରୁଛନ୍ତି କି ନାହିଁ ଏ ପାଇଁ ତଦାରଖକୁ ନିରୀକ୍ଷକ ମୁତୟନ ଅଛନ୍ତି। ଏସବୁଥିରେ ଅନୁଭୂତିକୁ ବିଦ୍ୟା ପ୍ରବୀଣ ବ୍ୟକ୍ତିମାନେ ଅତି ଦକ୍ଷରେ ରହିଛନ୍ତି। ଏକ ପରିବାରେ ଏକ ପ୍ରକାର ତରକାରୀ ବହୁଜନ ରୋଷେଇ କଲେ ବି ଏକ ପ୍ରକାର ସ୍ୱାଦବାସ୍ନା କେବେ ହୋଇ ନପାରେ। ତେବେ ଯଦି କେହି ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବାରେ ନିତ୍ୟଥିବ ତେବେ ସେ ଏପରି ଭାବରେ ବ୍ୟବଧାନ କେବେ ପାଇନପାରେ। ପ୍ରକୃତରେ ଶ୍ରୀମନ୍ଦିରର ସୁପକାର ସେବାୟତମାନେ ମହାଦକ୍ଷ। ଔଷଧ ନିର୍ମାଣ, ରୋଗ ପ୍ରତିରୋଧ ରୋଗ ଆରୋଗ୍ୟ ଉଦ୍ଦେଶ୍ୟରେ ପ୍ରସ୍ତୁତ କରନ୍ତି। ମାତ୍ର ଦକ୍ଷ ରସାୟନବିତ୍ ଡାକ୍ତର ରୋଗୀ ଦେହରେ ଏହା କ'ଣ ପାର୍ଶ୍ୱ ପ୍ରତିକ୍ରିୟା କରିପାରେ ଓ ଏହାପର ରୋଗୀର ପ୍ରାଣ ସଂଶୟ କାଳେ ହୋଇପାରେ ଏହାକୁ ଭଲ ଭାବରେ ତର୍ଜମା କରି ପ୍ରୟୋଗ ଦିଗ ଖୋଜନ୍ତି। ସବୁ ସ୍ତରରେ ଏମିତି ଅଦକ୍ଷ, ଅର୍ଦ୍ଧଦକ୍ଷ, ଦକ୍ଷ, ଅତି ଦକ୍ଷ ଓ ମହାଦକ୍ଷ ସ୍ତର ଅଛି। 'ଦକ୍ଷ' ଏକ ବ୍ୟକ୍ତି ଥିଲେ, ସେ ବହୁ କନ୍ୟାଙ୍କର ଜନ୍ମଦାତା ହେଲେ ସମୁଦ୍ରଙ୍କୁ ଖୁସି କରାଇ କାର୍ଯ୍ୟ ହାସଲ କରିବାରେ ସେ ଅପାରଗ ହେଲେ। ସତୀ ତାଙ୍କର ବଡ଼ ଝିଅ ତାଙ୍କୁ ଓ ତାଙ୍କର ସ୍ୱାମୀ ଶିବଙ୍କୁ ଏକ ମନୋଜ୍ଞ ଯଜ୍ଞ କାର୍ଯ୍ୟକୁ ନିମନ୍ତ୍ରଣ ନକରି, ସାନ ଝିଅ ଜ୍ୱାଇଁଙ୍କୁ ବରଣ ନିମନ୍ତ୍ରଣ କରି ଏପରି ଭୁଲ କଲେ, ଶେଷରେ ଅଘଟଣ ଘଟିଲା ଦକ୍ଷଙ୍କର ମୁଣ୍ଡ ଗଲା। ଛାଗ ମୁଣ୍ଡ ସଂଲଗ୍ନରେ ସେ ସଂସାରରେ ପରିଚିତ ରହିଲେ ଜ୍ୟେଷ୍ଠା କନ୍ୟାଙ୍କୁ ଅକାଳ ଅଗ୍ନୀଦଗ୍ଧରେ ପ୍ରାଣ ହରାଇବାକୁ ପଡ଼ିଲା। ଜ୍ୱାଇଁ ମୃତଦାର ହେଲେ। ସେ ଖାଲି 'ଦକ୍ଷ' ନାମଧାରୀ ନଥିଲେ ପ୍ରଜାପତି ବି ଥିଲେ। ପ୍ରଜାପତି ଅର୍ଥ ଅନେକ ପ୍ରଜାଙ୍କ ପାଳନ କର୍ତ୍ତା। ରାଜା, ପ୍ରଶାସକ ଏମିତି ନାମ ନଥିଲେ ବି ଦକ୍ଷ ପ୍ରଶାସକ ଡାକ ଅଛି, ହେଲେ ସମସ୍ତଙ୍କୁ କେମିତି ତୋଷ କରିହେବ, ଏକଥା ଏକ ସାଧନା ଏହା ସେହି 'ଦକ୍ଷ ପଦବୀ', କର୍ତ୍ତା ହୁଏତ ଜାଣି ପାରୁନଥିବେ। ସର୍ବତୋଷ ହେଉଛି ଦୈବୀ କଳା, ମାନବଙ୍କୁ ମାଧବ ପରି ସେବା କଲେ ସାଧନା ପୂର୍ଣ୍ଣ ହେବ। ସେବା ରହିତ ପରେ ବି ତାଙ୍କୁ ସମସ୍ତେ ସମ୍ମାନ ଜଣାଇବେ ହିଁ ଜଣାଇବେ।

❤ଅରୁଣୋଦୟ ନଗର,
କଟକ,
ମୋ: ୯୪୩୭୦୩୧୨୫୩

# ଜନ ମାନସିକତା ଓ ଗଣତନ୍ତ୍ରର ହତ୍ୟା



ପ୍ରଦୀପ୍ତ ଆଚାର୍ଯ୍ୟ

ସାରା ବିଶ୍ୱରେ ଭାରତବର୍ଷ ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ସରକାର ଗଠନ ନିମନ୍ତେ ପ୍ରତିନିଧି ଚୟନର ସାମ୍ବିଧାନିକ କ୍ଷମତା, ସାଧାରଣ ଲୋକଙ୍କ ହସ୍ତରେ ନ୍ୟସ୍ତ। ସରକାର ଗଠନ କରୁଥିବା ଜନ ପ୍ରତିନିଧି ମାନେ କିପରି ଏକଛତ୍ରବାଦୀ ନହୋଇ, ମନମୁଖୀ ଶାସନ ନକରିବେ, ସେଥିପାଇଁ ଗଣତନ୍ତ୍ର ଶାସନ ପ୍ରବର୍ତ୍ତୀତ। ଗଣତନ୍ତ୍ର ଶାସନ ଲୋକ ମାନଙ୍କ ପାଇଁ ଏବଂ ଲୋକ ମାନଙ୍କ ଦ୍ୱାରା। ଲୋକ ମାନେ ପ୍ରତିନିଧି ନିର୍ବାଚିତ କରିବେ ଏବଂ ନିର୍ବାଚିତ ପ୍ରତିନିଧି ଦେଶର ନାଗରିକଙ୍କ ମଙ୍ଗଳାର୍ଥେ କାର୍ଯ୍ୟ କରିବେ। ଯଦି ସରକାର ଲୋକହିତକର କାର୍ଯ୍ୟ କରି ନପାରି, ଲୋକ ମାନଙ୍କର ବିଶ୍ୱାସ ଭାଜନ ହୋଇ ନପାରେ, ତେବେ ମତଦାନ ପଦ୍ଧତିରେ ଲୋକମାନେ ସରକାର ପରିବର୍ତ୍ତନ କରି ପାରିବେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଜଣେ ସଚ୍ଚୋଟ୍ ଜନ ପ୍ରତିନିଧି ଚୟନ କରିବା କ୍ଷମତା କଣ ଲୋକ ମାନଙ୍କ ହାତରେ ଅଛି? ଯେଉଁ ମାନେ ନିର୍ବାଚିତ ହେଉଛନ୍ତି, ସେମାନେ ସମସ୍ତେ କଣ ଦୁର୍ନୀତିମୁକ୍ତ ଏବଂ ସେବା ଓ ତ୍ୟାଗ ମନୋଭାବାପନ୍ନ? ଯଦି ନୁହନ୍ତି, ସେମାନେ କିପରି ଭାବରେ ନିର୍ବାଚିତ ହେଉଛନ୍ତି? ଅନେକ ଅସମାହିତ ପ୍ରଶ୍ନ ଉଙ୍କିମାରେ ମନରେ, ଯାହାର ଉତର ଅନେକଙ୍କୁ ଜଣାଥିଲେ ମଧ୍ୟ, ସେମାନେ ନିରୁତର। ସାମାଜିକ ଗଣ ମାଧ୍ୟମରେ ପ୍ରଚାରିତ ହେଉଛି, ମଦ, ମାଂସ ଓ ଅର୍ଥ ଦ୍ୱାରା ପ୍ରଲୋଭିତ ନହୋଇ, ଉପଯୁକ୍ତ ପ୍ରାର୍ଥୀ ଚୟନ କରନ୍ତୁ। ଏହା କଣ ପ୍ରମାଣ କରୁନାହିଁ ଯେ, ନିର୍ବାଚନରେ ମଦ, ମାଂସ ଓ ଅର୍ଥ ର ବହୁଳ ବ୍ୟବହାର କରାଯାଉଛି ବୋଲି? ଏଇ କଣ ଗଣତନ୍ତ୍ର? ଦୂରଦର୍ଶନରେ ପ୍ରସାରିତ ନିଉଜ୍ ଫିଡଜ୍‌ରେ, ଜନୈକ ନିର୍ବାଚିତ ଜନପ୍ରତିନିଧି, ଟଙ୍କା ଆଉ ଟୋକା ଥିଲେ, ନିର୍ବାଚନ ବୈତରଣୀ ଅକ୍ଳେଶରେ ପାରି ହୋଇହେବ ବୋଲି ବକ୍ତବ୍ୟ ରଖିବାର ଦୃଶ୍ୟ ପ୍ରଦର୍ଶିତ ହେଉଥିଲା। ପବିତ୍ର ବିଧାନ ସଭା ଆଜି ରଙ୍ଗମଂଚ ଓ ରଣାଙ୍ଗନରେ ପରିଣତ ହୋଇଯାଇଛି। କିଏ ସେଠି ବ୍ରାହ୍ମଣ ବେଶରେ ଗଙ୍ଗାଜଳ ପକାଉଛି ତ, କିଏ ମାଇକି ଚଉକି ଭଙ୍ଗାରୁଜା କରୁଛି। ଏହା କଣ ସଫଳ ଓ ସୁସ୍ଥ ଗଣତନ୍ତ୍ରର ନିଦର୍ଶନ? ଦାର୍ଶନିକ ଏବଂ ରାଜନୈତିକ ସମୀକ୍ଷକ ମାନଙ୍କ ମତରେ, ସଫଳ ଗଣତନ୍ତ୍ର ନିମନ୍ତେ, ଶିକ୍ଷାର ପ୍ରସାର ଏକାନ୍ତ ଆବଶ୍ୟକ। ଶିକ୍ଷିତ ବ୍ୟକ୍ତି ମାନେ ହିଁ ଉପଯୁକ୍ତ ପ୍ରାର୍ଥୀ ଚୟନ କରି, ସୁଦୃଢ଼ ଗଣତାନ୍ତ୍ରିକ ସରକାର ଗଠନ କରିପାରିବେ। କିନ୍ତୁ ଯେତେବେଳେ ଶିକ୍ଷା ହାର କମ୍ ଥିଲା, ସେତେବେଳେ ଗଣତନ୍ତ୍ର ଶାସନ ଯେପରି ଶୃଙ୍ଖଳିତ ଥିଲା, ଶିକ୍ଷାର ହାର ବୃଦ୍ଧି ପାଇବା ପରେ, ତାହା କେଉଁ ସ୍ତରରେ ଉପନୀତ ହୋଇଛି, ତାହା କାହାରିକୁ ଅଜଣା ନାହିଁ। ଯେଉଁମାନେ ଅଧିକ ଶିକ୍ଷିତ, ଯେଉଁମାନେ ସରକାରଙ୍କର କାର୍ଯ୍ୟପାଳିକା ବିଭାଗର ଉଚ୍ଚ ପଦସ୍ଥ କର୍ମଚାରୀ, ସେମାନେ ଅଧିକ ଭ୍ରଷ୍ଟାଚାରୀ ଓ ଦୁର୍ନିତୀ ଗ୍ରସ୍ତ ବୋଲି, ପ୍ରତ୍ୟେକ ଦିନ ସମ୍ବାଦ ପତ୍ରର ପୃଷ୍ଠା ମଣ୍ଡନ କରୁଥବା ସମ୍ବାଦରୁ ସ୍ପଷ୍ଟ ଅନୁମେୟ। ଯନ୍ତ୍ରୀ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଠିକା ଶିକ୍ଷକ, ଅଙ୍ଗନବାଡୀ କର୍ମୀ, କନେଷ୍ଟବଳ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତି ଠୁଳ। ଏହା କଣ ଏକ ସୁସ୍ଥ ଗଣତନ୍ତ୍ରର ନିଦର୍ଶନ? ଗଣତନ୍ତ୍ରକୁ ହତ୍ୟାକରି ସମାଧି ଦିଆ ସରିଛି। ଜନ ମାନସିକତାର ବ୍ୟାପକ ପରିବର୍ତ୍ତନ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି, ଉତ୍କଟ ବେକାରୀ ସମସ୍ୟା, ନେତା ମାନଙ୍କର ଆକାଶ ତୋଳି ଦେବାର ମିଥ୍ୟା ପ୍ରତିଶୃତି, ପ୍ରାକ୍ ନିର୍ବାଚନୀ ହିଂସା ଏବଂ କୁହୁଡି ପହଁରୁଥିବା ଯୁବ ଗୋଷ୍ଠୀର ଦୁର୍ବାର ଉଦ୍ଦାମତା, ପରିସ୍ଥିତିକୁ ଅଧିକ ଜଟିଳ କରି, ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ନକଲି ସାମଗ୍ରୀ ଓ ନକଲି ପଦାଧିକାରୀଙ୍କ ସାଙ୍ଗକୁ, ବ୍ୟାପକ ଅପମିଶ୍ରଣ ଦ୍ୱାରା, ଆମ୍ଭେ ମୃତ୍ୟୁର ଶୀତଳ ଗହ୍ୱରକୁ ଧାବମାନ। ସୁସ୍ଥ ଜୀବନ ଯାପନ ଆଜି ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେକାରୀ କର୍ମବିମୁଖ ଯୁବକ ମାନେ, ଦେଶରେ ପ୍ରତ୍ୟେକ ବର୍ଷ ନିର୍ବାଚନ ହେଉ ବୋଲି ମତବ୍ୟକ୍ତ କରୁଛନ୍ତି। ମେଣ୍ଢା ମାନଙ୍କ ଲୋମରେ ପ୍ରସ୍ତୁତ କମ୍ବଳ, ମେଣ୍ଢା ମାନଙ୍କୁ ପ୍ରଦାନ କରି, ତୁଳନାତ୍ମକ ଭାବରେ, ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦାନୀ ବୋଲି, ଆତ୍ମ ପ୍ରଚାର ସୀମା ଲଙ୍ଘନ କରି ଯାଉଛି। ମେଣ୍ଢା ମାନେ ମଧ୍ୟ କମ୍ବଳ ପ୍ରାପ୍ତିର ଆଶାରେ, ଲୋମ ପ୍ରଦାନର କଷ୍ଟକୁ ଅଚିରେ ପାସୋରି ଦେଉଛନ୍ତି। ବର୍ତ୍ତମାନ ଗଣତନ୍ତ୍ରରେ ପ୍ରତିଶୃତି ନୁହେଁ, ପ୍ରାପ୍ତି ହିଁ ମୁଖ୍ୟ। ଏ ହାତରେ ଦିଅ, ସେ ହାତରେ ଭୋଟ ନିଅ। ଯଦି ସଂଖ୍ୟାଧିକ ନାଗରିକ ମାନଙ୍କର, ମାନସିକତା ଏଇୟା ହୁଏ, ତେବେ ଗଣତନ୍ତ୍ର ତିଷ୍ଠି ରହି ପାରିବ କି? ଦେଶର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନେ ମୃତବତ୍ ନିଷ୍କ୍ରିୟ। ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତୋଳନ କଲେ ବିପଦର ସମ୍ଭାବନା ସର୍ବାଧିକ। ଗୋଟିଏ ରାଷ୍ଟ୍ରରେ ଗଣତାନ୍ତ୍ରିକ ପଦ୍ଧତିରେ, ଏକ ଜନମଙ୍ଗଳ ସରକାର ଗଠନର ରାସ୍ତା ଧୀରେ ଧୀରେ ଅବରୁଦ୍ଧ ପ୍ରାୟ। ନିମ୍ନଗାମୀ ସାମାଜିକ ସ୍ଥିତିକୁ ଅବଲୋକନ କଲେ, ଗଣତନ୍ତ୍ରର ଭବିଷ୍ୟତ ଅନ୍ଧକାରାଚ୍ଛନ। ଯେଉଁ ଦିନ ପର୍ଯ୍ୟନ୍ତ ଯୁବଗୋଷ୍ଠୀ, ରୋଜଗାରକ୍ଷମ ନହୋଇ, ସ୍ୱାବଲମ୍ବୀ ହୋଇ ନପାରିଛନ୍ତି, ସେ ପର୍ଯ୍ୟନ୍ତ ଗଣତନ୍ତ୍ରର ସ୍ଥିତି ଦୁର୍ବଳ। ବ୍ୟାପକ ଜନ ସଚେତନତା ସୃଷ୍ଟି କରି, ଲୋକମାନଙ୍କର ମାନସିକତାକୁ ପରିବର୍ତ୍ତନ କରାଇ ନପାରିଲେ, ଗଣତନ୍ତ୍ର କ୍ରମେ ଏକଛତ୍ରବାଦରେ ପରିଣତ ହେବ, ଏହା ଅବଶ୍ୟମ୍ଭାବୀ।

❤ଶିକ୍ଷାବିତ, ଈଶାଣୀବ୍ରହ୍ମପୁର,
କଟକ
ମୋ-୬୩୭୧୫୯୩୨୨୦




## ଅନ୍ତର୍ମୁଖୀ ହୋଇଣ ନିତି

ଯୋଗୀ କୃପାସିନ୍ଧୁ ମୁନି



ସଦ୍‌ଗୁରୁ ପୟରେ ନିତି
ଥୋଇ ଶ୍ରଦ୍ଧା ଓ ଭକତି
ଲଭିବୁ ଶାନ୍ତି ପ୍ରଗତି ପରମଗତି
ଏ ଯେ ଗହନ ସଂସାର
ତ୍ୟାଗ ଅନ୍ଧ କୁସଂସ୍କାର
ମୋହ ମାୟା ବନ୍ଧନରୁ ହୋଇ ନିବୃତ୍ତି
ଏ ବର୍ହିଜଗତକୁ ତେଜି
ଅନ୍ତର ଜଗତେ ଭାଇ କର ବସତି ।
ତୁଟିବ ବିଷାଦ ଗତି
କାମନା ବାସନା ପ୍ରତି
ପ୍ରସନ୍ନ ବଦନ ହେଲେ ଖଣ୍ଡେ ବିପତ୍ତି
ମୂଢ଼ କ୍ଷିପ୍ତ ଓ ବିକ୍ଷିପ୍ତ ଚିତ୍ତ ହେଲେ ନିଷ୍ପତ୍ତି
ଏକାଗ୍ରେ ହୁଏ ନିରୋଧ ନିଶ୍ଚଳ ମତି
ଅନ୍ତର୍ମୁଖୀ ହୋଇଣ ନିତି
ଶୁଣିବୁ ନିନାଦ ବ୍ରହ୍ମେ ରଖି ପିରତି ।
ନାଶାଗ୍ରେ କରି ବସତି ମନ ପ୍ରାଣର
ସଂଗତି
ପ୍ରଣାୟାମେ ରହି ସଦା ସ୍ୱରୂପ ଚିନ୍ତି
ଆତ୍ମଜ୍ଞାନର ବିଭୂତି ଓଁକାର ବିନ୍ଦୁରେ ସ୍ଥିତି
ଧାରଣା ଧ୍ୟାନରେ ଲଭ ପରମ ଜ୍ୟୋତି
ଆତ୍ମାନନ୍ଦେ ରଖିଣ ମତି
କରଯୋଡ଼ି କୃପାସିନ୍ଧୁ କରେ ମିନତି ।

ଜୁଣବଳଦା, ଗୋଡ଼ିଖାଳ ଆଶ୍ରମ,
ବାଲେଶ୍ୱର

## ଏମିତି ସେ ପ୍ରେମ ..

ରାହାସ କୁମାର ବେହେରା



ବଇଁଶୀ ବାଜୁଛି ମଧୁର ମଧୁର
ରାଧା ପାଦେ ବାଜେ ଘୁଙ୍ଗୁର
ଯମୁନା ପାଣିର କଳ କଳ ନାଦ
ରଚେ କଳା କାହ୍ନୁ ହୁନ୍ଦର ।

ଦିଶେ ବୃନ୍ଦାବନ ସୁନ୍ଦର ସୁନ୍ଦର
କୃଷ୍ଣକୁ ଏସନ ଏଗାର
ପ୍ରେମେ ହୋଇ ବାଇ ନାଚେ
ଥେଇ ଥେଇ
ମାଇଁକୁ କରୁଛି ଆଦର ।

ଆକାଶରେ କଳା ଚାଦର ଚାଦର
ଘୋଟି ଆସେ ଘନ ଅନ୍ଧାର
ଲୁଚକାଳି ଖେଳ ଭାବ ଦିଆନିଆ
ରାଧାପାଇଁ ପଡେ ବିଚାର ।

ନିନ୍ଦାର ନାଗରା ଘଷର ଘଷର
ମନୁଆ କରିଛି ମନ୍ତର
ମାମୁଁ ଚନ୍ଦ୍ରସେଣା ଜଗିବସିଛି ଯେ
ଭଣଜାକୁ ଜର ଜବର ।

ନନ୍ଦ ଘରେ ପ୍ରଜା ନସର ପସର
ରାଧା ଲୁଚି ଆସି ହାଜର
କି' ମନ୍ତର ଫୁଙ୍କି ମଉଷଧି ଦେଲା
ଚାରିଆଡେ ହୁଏ ପ୍ରଚାର ।

ନଟ କପଟିଆ ନଟର ପଟର
ସୁବଳକୁ ଦିଏ ଖବର
ସାଙ୍ଗସାଥି ଡାକ ଗୋବର୍ଦ୍ଧନ ଯିବା
ଆଜି ପରା ଦୋଳ ଯାତର ।

ରାଇ ଦାମୋଦର ଅବିର ଅବିର
ଝୁଲେ ଦୋଳି ଲାଗେ ନଜର
ଦରଶନ କଲେ ଯୁଗଳ ମୂରତି
ରହେନାହିଁ ପାପ କାହାର ।

+ବାଲ୍ୟମ୍ବା ,ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ : ୯୪୩୮୧୧୪୩୬୮

## ଶୁଭ ସକାଳ

ସତ୍ୟଜିତ ସାହୁ



ସକାଳ ସୁରୁଜ ପହିଲି କିରଣେ
ନିଶି ହୁଏ ପରାଜୟ
ଯାଇଛି ରଜନୀ ଆସିଛି ଦିବସ
ସାଥେ ଧରି ନୂଆ ଲୟ ।
ଗଛ କୋରଡରୁ ବିହଙ୍ଗ ଉଡ଼ଇ
ଖାଦ୍ୟ ଅନ୍ୱେଷଣ ଆଶେ
ମଧୁ ମକ୍ଷୀ ପୁଣି ମଧୁ ସଂଚିବାକୁ
ବସେ ଯାଇ ଫୁଲ ପାଶେ ।
ସୁନ୍ଦର ଲାଗଇ ଘାସର ଗାଲିଚା
ପଡ଼ି ଶିଶିରର ବିନ୍ଦୁ
ସତେକି ଲାଗୁଛି ପୁନେଇ ଆକାଶେ
ଚନ୍ଦ୍ରମାର ଜ୍ୟୋସ୍ନା ସିନ୍ଧୁ ।
ସକଳ ଜଗତ ହୁଅଇ ତତ୍ପର
ଭାସ୍କରର ଆଗମନେ
କିଚିରି ମିଚିରି ପକ୍ଷୀର ଶବ୍ଦରେ
ଆନନ୍ଦ ଖେଳଇ ମନେ।
ରାତି ପାହାନ୍ତରୁ ସିନାହ ସାରିଣ
ନୂଆ ବୋହୂ ହୁଏ ସଜ
ଚଉରା ମୂଳରେ ଧୂପ ଦୀପ ଦେଇ
ମନେ ଭରିଦିଏ ତେଜ ।
ଗାଆଁର ସକାଳ ଅଟେ ମନଲୋଭା
ମନରେ ଭରେ ସେ ଖୁସି
ସକାଳ ସୋନ୍ଦର୍ଯ୍ୟେ
ବିଭୋର ହୋଇଣ
ଦିନ ବିତେ ହସି ହସି ।

+ଡିହଡୋଳ, ପରଜଙ୍ଗ
୯୬୬୮୬୧୨୬୮୮

## ସୁନା ସଂସାର

ଝରଣା ବାରିକ



ମୋ ଅନ୍ଧାର ଘରେ ଆଲୁଅର
ଦୀପାଳୀ ସିଏ,
ମୋ ଘରର ମେରୁଦଣ୍ଡ ସିଏ
ମୋ ଘରେ ପୂଜା ପାଉଥିବା
ଜୀବନ୍ତ ଦେବତା ସିଏ।

ଅଳି ଅଝଟ କରୁଥିବା ମୋର
କୁନି ପିଲା ଦୁଇଟି ସିଏ
ମୋ ଭଲ ମନ୍ଦ ପଚାରି ବୁଝୁଥିବା
ମୋ ଗୁରୁଜନ ସିଏ।

ଯାହାର ଆରାଧନା ପାଇଁ
ଦରକାର ପଡେ ନାହିଁ
ଫୁଲ, ଧୂପ ଘିଅ ଆଉ ସଳିତା।
ଯାହା ପାଖରେ ହାତ ଯୋଡ଼ି
ମାଳା ଜପି ଶହେ ଆଠ ମନ୍ତ୍ର ପଢି
ଦୁଃଖ ଜଣେଇ ବାକୁ ପଡେନାହିଁ।

ଯାହାଙ୍କୁ ମୋର ପରିବାରକୁ
ତୁମେ ହିଁ ସାହା ଭରଷା।
କହିବାକୁ ପଡେନାହିଁ।

ଯାହା ପାଇଁ ମୁଁ ବିନ୍ଦାସ
ଯାହା ପାଇଁ ମୁଁ ମୁକ୍ତ ଆକାଶର
ବିହଙ୍ଗିଟିଏ ପରି ଉଡିବୁଲେ
ଯାହା ପାଇଁ ମନରେ ଥାଏ
ଭୟ, ସମ୍ମାନ, ଆଉ ଭଲପାଇବା।
ସକାଳ ଚା ଟିଫିନ୍‌ରେ ଧୂପ ହୁଏ ତାଙ୍କର
ଭାତ, ଡାଲି, ଆଉ କ'ଣ ଟିକେ ଦେଇ
ମଧ୍ୟାହ୍ନ ନିତି ହୁଏ ତାଙ୍କର
ରାତିରେ ରୁଟି ସନ୍ତୁଳା
ସହିତ ଆଳତି ହୁଏ ତାଙ୍କର
ସିଏ ହିଁ ତ ମୋ ଘରର ପ୍ରକୃତ ଦେବତା।
ଯାହା ପାଇଁ ଆମ ପରିବାର ସୁରକ୍ଷିତ
ଯାହାଙ୍କ ହସରେ ପୁରି ଉଠେ ମୋ ଘର
ବୈକୁଣ୍ଠ ପୁର ଭଳି।

ହଁ ମାନ ଅଭିମାନ ତ ହୁଏ
କିନ୍ତୁ କ୍ଷଣିକ ପାଇଁ
କୁଆଡେ ଉଭେଇ ଯାଏ
ମୋ ନିରବତାରେ
ମୋ ନିରବତା ହିଁ ମୋର ଅସ୍ତ୍ର
ଯେତେବେଳେ ସିଏ ମୁହଁ ଖୋଲନ୍ତି
ମୁଁ ଚୁପ୍ ହେଇଯାଏ
ସିଏ ହିଁ ମୋର ବ୍ରହ୍ମ ଅସ୍ତ୍ର
ବୋଲି ମୁଁ ଭାବେ।

ଯୋଉଟାକି ମୋ ପରିବାରକୁ
ହସ ଖୁସିରେ ବାନ୍ଧି ରଖିଛି
ଗୋଟିଏ ସୂତାରେ।
ସିଏ ଆଉ କେହି ନୁହନ୍ତି
ସିଏ ମୋ ଶାଶୁ ଆଉ ଶ୍ୱଶୁର।
ଏଇତ ମୋରି ସୁନାର ସଂସାର।

+ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

# କବିତାମାଳା

## କବି ଆଖିରେ ଧନୀ ଦାସ

### ବୃନ୍ଦାବନ ଦାସ



ବିଭୋର ହେଲି ଦୁଃଖୀ ବି ହେଲି
କବି ପ୍ରେମାନନ୍ଦଙ୍କ କବିତାରେ ଧନୀ
ଦାସର ମୁହଁକୁ ଦେଖି,
ଅଜଣାତରେ
କେତେବେଳେ ବହିଗଲା
ଦୁଇଟୋପା ଲୁହ ତା' ପାଇଁ ।

କାହିଁ କେତେବର୍ଷ ତଳେ
ଦେଖିଥିଲି ଚା'ବାଲା
ଧନୀ ଦାସକୁ କଲେଜ ଛକରେ,
ଚା'କପ୍‌ର ବାମ୍ଫରେ
ତା' ଗୋରା ତକ୍ ତକ୍
ଉଜ୍ଜ୍ୱଳ ମୁହଁରେ ଝଲସୁଥାଏ
ସସ୍ନେହ ଆଭା ।

ଏମିତି ନୁହେଁ ଯେ
ଆଉକେବେ ଦେଖିନି ଧନୀ ଦାସକୁ
ଯିବା ଆସିବା ରାସ୍ତାରେ ....
ଯାହାଖାଲି ଖବର ରଖିନି
ଯେଝା ବାଟରେ ଯେଝା...
ସଂସାର ଜଞ୍ଜାଳରେ ବିତିଛି ଦିନ ।

ମାଟିକୁ ଛୁଇଁ
ସେଥିରୁ ଖୋଜୁଥିବା ସମ୍ପର୍କ
ମୁହଁକୁ ପଢି
ସେଥିରୁ ବୁଝୁଥିବା ଭାଷା
'ସାତଭାୟା'ର ଦରଦୀ କବି
ପୁଣି ନୂଆକରି ଚିହ୍ନେଇ ଦେଲେ
ଧନୀଛକରେ ଏକଦା ଗରମ ଚା'ର
ସୁଖ ବାଣ୍ଟୁଥିବା ସେଇ ମଣିଷର
ଅବୁଝା ଦୁଃଖକୁ ଅନ୍ତର୍ଦାହକୁ ଓ
ବେଳ ରତରତ ଖରାରେ
ସର୍ବଶେଷ ସୁଖପାଇଁ
ଅପେକ୍ଷାରତ
ଧନୀ ଦାସର ସେଇ ଉଦାସୀ ମୁହଁକୁ ।

ଏବେ ରୂପସୀ ତିନିମୁହାଁଣି
ଶୀତ ସଂଧ୍ୟାରେ
କୃତ୍ରିମ ଜହ୍ନର ସାମିୟାନା ତଳେ
ମେଲି ଦେଉଛି ତା' ଯୌବନ
ତା' ଶାଢ଼ିକାନିର ଝଲମଲ ଚନ୍ଦ୍ରାତପରେ
ଆଖି ଝଲସଉଛି,
ତା'ଖଟିରେ କବି ପ୍ରେମାନନ୍ଦ
ଶ୍ରୀଧର ହେମନ୍ତ ରଞ୍ଜନ ବାଇର
ଢିଙ୍କିଠୁଁ ଢେଙ୍କାନାଳ କବିତା ଚର୍ଚ୍ଚାରେ
ଧନୀଭାଇର ଉପସ୍ଥିତି ଯେ
କେଉଁ ଚରିତ୍ର ସାଜେ
କବିହିଁ ଜାଣନ୍ତି
ବିଚରା ଧନୀଭାଇ !
ବୁଝୁକି ନବୁଝୁ ଖାଲି ସ୍ମିତହସ ବିଞ୍ଚୁଥାଏ ।

କବି କରିପାରେ ସମୟକୁ ବ୍ୟବଚ୍ଛେଦ
କବି ପ୍ରେମାନନ୍ଦ ତେଣୁ
ପିନ୍ ପିନ୍ ଧୋତି-ଜାମା ମଙ୍କିକ୍ୟାପ ତଳୁ
ଅସଲ ଧନୀ ଦାସକୁ ଖୋଜି
ଛିଡା କରେଇଦିଅନ୍ତି
ତାଙ୍କ ନିଖୁଣ ଶବ୍ଦଶିଳ୍ପରେ ।

କେବେଠୁଁ ଭାଙ୍ଗିଗଲାଣି
ମେହନତି ମଣିଷ ଧନୀ ଦାସର
ତା' ଚାଳିଆର ଝାଟିମାଟି
ତା'ସଙ୍ଗେ ତା' ସଂସାର ବି
ଲେପଟେଇ ପଡିଛି
ସେ ଏବେ କେମିତି ଅଛି ?
ଧରି ପାରିଛି ତାକୁ ଏକା କବିଆଖି
ସମୟର ଧୋକାରେ
ସେ ଏବେ ଦୋକାନୀରୁ ଗରାଖ
ଚିହ୍ନି ପାରୁନି ତାକୁ ଯାହା
ସୁନ୍ଦରୀ ତିନିମୁହାଁଣୀ ... ।

ତା' ନାଁ'ରେ ଛକ 'ଧନୀଛକ' ।

ଆଜିର ପିଢି ଜାଣି ନାହାଁନ୍ତି ସିନା ତାକୁ
ଆଜି ବୟସର ଅପରାହ୍ନରେ
ବେଶି ବେଶି ସେ
ମନରେ ଜାଗା ମାଡି ବସେ ...
ବେଶି ବେଶି ସେ ନିଜର ଲାଗେ
ବେଶି ବେଶି ତା' ଦୁଃଖ
ଧନୀ ଛକର
ଷ୍ଟ୍ରିଟ୍ ଆଲୁଅରେ ଜକଜକ ଦିଶେ ସିନା
ସେ ହସୁଥାଏ ...
ଜଳୁ ବି ଥାଏ
ଉପରକୁ ଦିଶୁଥାଏ
ସୁଖୀ ମଣିଷଟିଏ ପରି !!

ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା-୭୫୪୨୮୯
ମୋ-୯୭୭୭୮୪୩୦୩୧

## ସଂପର୍କ

### ଭରତ ଚନ୍ଦ୍ର ଦାଶ



ଏମିତି
ଏକ ଶୁଭଲଗ୍ନରେ
କେବେ କେଉଁଠି
ସାହିତ୍ୟରେ ହେଉ
ଅବା ସହିତରେ ହେଉ
ସଂପର୍କରେ ବାନ୍ଧିହୋଇ ଯାଆନ୍ତି
ସତୀର୍ଥ ସମଧର୍ମୀମାନେ
କଥାବାର୍ତ୍ତା ଓ ଭାବର
ବିନିମୟରେ ଗଢି ଉଠେ
ସଂପର୍କର ସେତୁବନ୍ଧ
ଯାହା ପ୍ରୀତିସିକ୍ତ
ପ୍ରୀତିସିକ୍ତ ମୁହୂର୍ତ୍ତର
ଗୁଣଗାନ କରେ
ମିଳନ ଓ ବିଚ୍ଛେଦର
ଲକ୍ଷଣରେଖା ଟାଣେ
ଚମତ୍କାର ଚକ୍ଷୁର ସଂସ୍ପର୍ଶ
ଚିତ୍ତର ସମ୍ମୋହନ
ପ୍ରାଣର ଆକର୍ଷଣ ହିଁ
ବନ୍ଧନର ହେତୁ
ତନୁ ମନ ଓ ପ୍ରାଣର ।

ସଂପର୍କ
ଆପଣାଛାଏଁ ଗଢି ଉଠେ
କେହି ଚାହିଁଲେ କିମ୍ବା
ଧାଇଁଲେ କଣ ବାନ୍ଧି ପାରିବ
ସଂପର୍କର ସେତୁ ।
ମନଟିଏ ପ୍ରେମିଳ ମୁହୂର୍ତ୍ତରେ
ଖୋଜି ବସେ ତାର
ଇପ୍ସିତ ମନଟିଏ
ନିଜର ଅଗୋଚରେ
ଚୋରି ହୋଇଯାଏ ସେ
ସେ ଜାଣିବା ପୂର୍ବରୁ
ବନ୍ଧା ପଡିଯାଏ ଆପଣାଛାଏଁ
ତାର ସଂଜ୍ଞା ଖୋଜିଲେ ମିଳେନି
ପରିସରରୁ ଅପହୃତ ହୁଏ
ତାର ଆତ୍ମିକ ସତ୍ତା
ପରିଚୟ ଖୋଜେ ତାର
ତାର ଜନ୍ମ ଜାତକରେ
ଲଗ୍ନ ତିଥି ନକ୍ଷତ୍ରରେ
ପ୍ରେମ ରୂପରେ ହୁଏ
ପ୍ରତିଭାତ ଯାହା
କାଳରେ ଅକ୍ଷତ ।

ପ୍ରେମ
ପଣ୍ୟର ସାମଗ୍ରୀ ନୁହେଁ
ଭୋଗରେ ନୁହେଁ ବରଂ
ତ୍ୟାଗରେ ଜାଜ୍ଜ୍ୱଲ୍ୟମାନ
ଆତ୍ମିକ ଓ ଆଙ୍ଗିକ ସତ୍ତା
ପ୍ରେମର ଉତ୍ତରଣରେ
ଗଢାଯାଏ ଦ୍ୱିତୀୟ ସ୍ୱର୍ଗ
ଅମୃତମୟ ହୋଇ ଉଠେ
ମିଳନର ପର୍ବ
ଯାହା ଧରାରେ ଦୁର୍ଲ୍ଲଭ
ପୁଣି ସହୃଦୟ ସପ୍ରୀତ ସୁଲଭ ।

ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ସାରସ୍ୱତ ନିବାସ
ଗୌଡଦିଆ, ସିମୁଳିଆ,
ବାଲେଶ୍ୱର- ୭୫୬ ୧୨୬
(ମୋ)୯୪୩୭୩୭୨୧୬୬

## ପାରିବ'ତ !

### ସନ୍ତୋଷ କୁମାର ମେହେର

ପାରିବ'ତ
ଚିହ୍ନି ଦେଖ,
ମୋ ସମଗ୍ର ସତ୍ତାଟିକୁ ।
ପାରିବ'ତ
ଦେଖି ଦେଖ
ମୋ ସାମାନ୍ୟ ଅନ୍ୟମନସ୍କତାଟିକୁ ।
ପାରିବ 'ତ
ବୁଝାଇ ଦେଖ
ମୋ ଅବୁଝାମନଟିକୁ ।
ପାରିବ'ତ
ପରଖି ଦେଖ
ମୋ ସମଗ୍ର ବିଫଳତାଟିକୁ ।
ପାରିବ 'ତ
ମାପି ଦେଖ
ମୋ ସକଳଭାବର ତନ୍ମୟତାଟିକୁ ।
ସତରେ !
ପାରିବ'ତ
ପଚାରିଦେଖ
ଆମ ଜୀବନର ସବୁ ଅସମାହିତ ପ୍ରଶ୍ନ
ସେଇ କଳ୍ପିତ ଈଶ୍ୱରଙ୍କୁ.. ।

ଚିଟୈଗୁଡା, ଜୁନାଗଡ଼,
କଳାହାଣ୍ଡି-୭୬୬୦୧୪
(ମୋ)୯୦୭୮୭୭୭୧୭୪

## ତୁମେ ଓ ଜହ୍ନ

### ଶ୍ରୀ ବିଦ୍ୟାଧର ସେଠୀ



ଝର୍ଣ୍ଣା ସେପାଖେ ଜହ୍ନ
ଏପାଖରେ ତୁମେ, ମୋ ମନର ମାନସୀ
ମଝିରେ ଏ ଝର୍ଣ୍ଣା ପରି
ପଥହୁଡା ପଥିକ ମୁଁ
କାହାର ବା ହେବି
ତୁମର ନା ଜହ୍ନର.... ?

ଜହ୍ନ ଆଖି ମିଟିମିଟି କଲେ ମୁଁ
ଡ଼ଲଫିନର ତୈଳଚିତ୍ର ଆଙ୍କେ
ସାତତାଳ ଦରିଆ ବୁକୁରେ
ତୁମେ କିନ୍ତୁ ହାତଧରି
ପାଦରେ ପାଦ ମିଶାଇ ଚାଲିଛ ବୋଲିତ
ସାତଜନ୍ମର ସାଥୀ ପ୍ରିୟ ସଖୀ
ତୁମେ..... !

ଜହ୍ନ ହସିଲେ ତୁମେ ହସ
ତୁମେ ହସିଲେ ଜହ୍ନ ଲୁଚିଯାଏ
ମେଘ ଉହାଡରେ
ତୁମେ ପୁଣି ଈର୍ଷାକର ମେଘକୁ, ଜହ୍ନକୁ
ମୁଁ କିନ୍ତୁ ହାତଠାରି ଡାକେ
କବିତାର ପଂକ୍ତି ଲେଖେ
ମନର କାନଭାସରେ ରଙ୍ଗ ଭରିଦିଏ
ଝରଣାର ଗୀତ ଶୁଣେ
ଜହ୍ନ ପୁଣି ପାଶେ ଆସି କାନେ କହେ
ଅଧର ମୋ'
ବାରବାର ଚୁମିଯାଏ, କାଳେ ସେ
ତୁମର ଏ ଗୋଲାପି ଓଠରେ ।

ବ୍ୟକ୍ତିଗତ ସହାୟକ
ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର
ଓଡିଶା – ୭୫୬୦୦୧
(ମୋ)୯୯୩୭୮୩୫୮୭୭

## ପରାସ୍ତ ସ୍ୱପ୍ନ

### ରଶ୍ମୀ ସାମଲ



ନୂତନ ସ୍ୱପ୍ନ କୁ ସାଇତିଥିଲି
ରାତ୍ରିର ସେ ବିନ୍ଦୁ ବିନ୍ଦୁ କାକର ଲଗା
ସଜଫୁଟା ଫୁଲ ପରି ହାତର ପାପୁଲିରେ,
ମୂଲ୍ୟ ନ ବୁଝି ଜାବୁଡି ଥିଲି,
ଆଉ ଭାବି ଚାଲିଥିଲି
କେମିତି ପରସିବି ବୋଲି ॥

ନୀରବରେ ଆସି ଯେବେ
ଅବୋରିଥିଲ ହୃଦୟକୁ,
ଠପ ଠପ ହୋଇ
ନିଗିଡି ପଡୁଥିଲା ଗମ ଗମ ଝାଳ ସବୁ
ଥପ୍ ଥପ୍ ହୋଇ କାଲୁଆ ଥଣ୍ଡାରେ ।।
ମନ ଗହନରେ
ପରସ୍ତ ପରସ୍ତ ବତୁରା ଦେହଟା
ଭିତରେ ଖୋଜି ଚାଲିଥିଲା,
ଫଗୁଆରେ ଥିବ କାଳେ ମୋ
ପାଇଁ ଟହ ଟହ ନାଲିଆ ସିନ୍ଦୁର,
ଓଠରେ ହସଟିକିଏ ଉଙ୍କି ମାରିଥିଲା
ମୋ ଅଜାଣତରେ ।

ହେଲେ ଝାଞ୍ଜିରେ ପିଟି ହୋଇ
ଝାଉଁଳାପତ୍ର ଗୁଡିକର ବିଚ୍ଛୁରିତ
ଫିକା ରଙ୍ଗ ଦେଖି
ଛାତିଟା ଯେମିତି ଥରି ଉଠିଥିଲା,
ମୋହ ଗ୍ରସ୍ତ ଶଙ୍କାକୁଳ କଠିନ ଫାସରୁ
ଚେଷ୍ଟା କରି ମଧ୍ୟ ପାରୁ ନଥିଲି ମୁକୁଳି ॥
ଆଖିର ତତଲା ଲୁହକୁ ଆଖିରେ ମାରି
ନଜରକୁ ଫେରେଇ ନେଇଥିଲି ,
ବହୁ ପଛରେ ପଡିଗଲା ସ୍ୱପ୍ନ ,
କାହାକୁ ଦୋଷଦେବି
ଚକ୍ ଚକ୍ କରୁଥିବା ବିଶ୍ୱାସର ଚେହେରାକୁ ?
ନା ମୋ ଭାଗ୍ୟର ରେଖାକୁ
ଅବା ମୋ ଅସ୍ଥିର ମନକୁ

ଧୂଳି ଧୂସରିତ ମାଟିତଳେ ବିଞ୍ଚିଦେଲି
ନିନ୍ଦା ଆଉ ଅପବାଦ ଯେତେ,
ସେହି ପ୍ରତିଶ୍ରୁତିର ଦିନସବୁ
ଆବଶ୍ୟକ ନାହିଁ ମୋର,
ଆବଶ୍ୟକ ନାହିଁ ପୁଣି
ସେ ଆକାଶ ଜହ୍ନର ଆଲୋକ,
ଚାଲିଯାଉ....
ଚାଲିଯାଉ ସାଇତା ସେ ପରାସ୍ତ ସପନ ।

ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୫

## ଶୀତ



### ଶ୍ରୀରୂପା ମଞ୍ଜରୀ ସେନ୍

ଶୀତ, ଆସେ ପ୍ରକୃତି କୋଳରେ
ସହର, ନଗର, ଗାଁ ମାନଙ୍କରେ
ଧନିଠୁ ଗରିବଙ୍କ ଠାରେ
ଥଣ୍ଡାର ଅନୁଭବ ବାଣ୍ଟେ
ସମସ୍ତ ଜୀବ ଜଗତ ମଧ୍ୟରେ ॥

ଶୀତ ଆସେ ପ୍ରକୃତି କୋଳରେ
ପାହାଡ ପର୍ବତ ମାନଙ୍କରେ,
ବରଫ ଚଟାଣରେ,
ଦର୍ଶକ ଓ ଆଗନ୍ତୁକର
ଶୀତ ଋତୁରେ, ଭ୍ରମଣର ମଜାରେ ॥

ଶୀତ ଆସେ ବଣ ଜଙ୍ଗଲରେ
ମଠ, ମନ୍ଦିର ଓ ଆଶ୍ରମରେ
ପ୍ରତିଟି ତୀର୍ଥ ସ୍ଥାନ ମାନଙ୍କରେ,
ବ୍ରହ୍ମ ମୁହୂର୍ତ୍ତର ବେଦ ଧ୍ୱନିରେ ॥

ଶୀତ ଆସେ, ସାଧୁ ସନ୍ଥ ଓ ଧାର୍ମିକ ମାନଙ୍କର
ନଦୀ ପୁଷ୍କରିଣୀରେ, ପ୍ରାତଃ ସ୍ନାନ ବେଳେ,
ଦେବାଦେବୀମାନଙ୍କର ପୂଜାର୍ଚ୍ଚନାର
ପବିତ୍ର ଘଡ଼ି ଘଣ୍ଟା ଶବ୍ଦରେ ॥

ଶୀତ ଆସେ, ସନ୍ଥମାନଙ୍କର
ପର୍ଣ୍ଣ କୁଟୀରରେ, ଖଣ୍ଡିଏ କମ୍ବଳରେ,
ଗୋଟିଏ କମଣ୍ଡଳୁ ଓ ଯଜ୍ଞ କୁଣ୍ଡ ନିକଟରେ
କିଛି ଘୃତ ଓ ସମୀଧର ଆହୁତି
ସମୟରେ ଓଁ -କାର ଧ୍ୱନିରେ ।

ଅଙ୍ଗାରଗଡିଆ, ବାଲେଶ୍ୱର
(ମୋ)୮୮୯୫୫୭୭୮୬୦

## ପ୍ରଥମ ପ୍ରେମ

### ଡ.ଦୀପ୍ତିମୟୀ ବେହେରା



ପ୍ରଥମ ଦେଖାରେ ପ୍ରଥମ ହସରେ
ପଡ଼ିଗଲି ତୁମ ପ୍ରେମରେ
ତୁମେ କିଛି କୁହ ମୁଁ କିଛି କହେ
ମୂଲ୍ୟ ନ ଥାଏ ସେ କଥାରେ ।

କଥା ଆଉ ହସ ଭିତରେ
ପରିବେଶଟା ଦୋହଲି ଉଠେ
ଯାଉଥିବା ଲୋକ ଚାହାଁନ୍ତି ନିରେଖି
ଆମ ହୃଦେ କିନ୍ତୁ ପଦ୍ମ ଫୁଟେ ।

ମୁଁ ହସୁଥାଏ ଶିଶୁଟିଏ ପରି
ତମେ ଚାହିଁଥାଅ ମତେ
ଭାବୁଥାଅ ମୁଁ ତମକୁ ପାଇ
ଖୁସି ହୁଏ ସତେ କେତେ ?

ସେଦିନକୁ ଜମା ଭୁଲି ହୁଏନାହିଁ
ରହି ଯାଇଛି ମୋ ସ୍ମୃତି ହୋଇ
ଭାବନା ଭିତରେ ବୁଡ଼ି ରହି ମୁଁ
ଖାଲି ଝୁରି ହୁଏ ତୁମ ପାଇଁ ।

ରୁଟିନ ବନ୍ଧା ଜୀବନେ
ଆସୁଥିଲ ତୁମେ ପ୍ରତିଦିନ
ସ୍ୱପ୍ନ ରାଇଜର ସୌଧ ଗଢ଼ି
କାହିଁ ଦୂରେଇଗଲ ସବୁଦିନ ।

ତମେ ଛାଡ଼ି ଗଲାପରେ
ଜୀବନର ଜଉଘରେ
ଜଳୁଛି ମୁଁ ଶୂନ୍ୟତା ଭିତରେ
ଅନୁତାପର ଅଶ୍ରୁ ଅନଳରେ ।

ଭୁଲି ହେଉନାହିଁ ସେଦିନର
ସେହି ପ୍ରଥମ ପ୍ରେମକୁ
ହୃଦୟର ସ୍ପନ୍ଦନ ଶେଷ ହେବାଯାଏଁ
ପ୍ରତୀକ୍ଷା କରିବି ମୁଁ ତୁମକୁ
ପ୍ରତୀକ୍ଷା କରିବି ମୁଁ....
ତୁମକୁ ।

କୋଏଲ ନଗର,
ରାଉରକେଲା
ମୋ-୭୫୦୪୮୭୭୫୧୭

## ଦୂର ସିନ୍ଧୁ କେତେ ନୀଳ

### ଡ. ସ୍ନିଗ୍ଧା ପଣ୍ଡା



ଚିନ୍ତା ଆଉ ଚେତନାର ନିର୍ବେଦ ପୁରୁଷ
ନୈର୍ବ୍ୟକ୍ତିକ, ସ୍ୱୟମ୍ଭୂ, ଈଶ୍ୱର,
ମୁଁ କେମିତି କହିବି ତୁମେ ମୋର ବୋଧ ବୋଲି
ମୋର ବୁଝିବାର ପରିଧିରେ
ତୁମେ ମୋର ପ୍ରାଣାଧାର ବୋଲି
ଯେତେବେଳେ ଅନୁଭବ ସୁଦ୍ଧା
ଜାଗି ନାହିଁ ତୁମ ପାଇଁ
ଜାଗୃତିରେ ଅବା ସୁଷୁପ୍ତିରେ

ତୁମେ କାଳେ ପ୍ରଜ୍ଞାମୟ
ଜ୍ୟୋତିଷ୍ମାନ ସୃଷ୍ଟି, ସ୍ଥିତି, ପ୍ରଳୟରେ
ପରମ ଓ ଚରମ ପ୍ରାପ୍ତିଟି ସବୁ ଆକାଙ୍କ୍ଷାରେ
ମୁଁ କେମିତି ସମର୍ପିତ ହେବି
ପରମାର୍ଥ ଲାଗି ସ୍ୱଚ୍ଛନ୍ଦରେ
ଯେତେବେଳେ ଅଜ୍ଞାନ- ବନ୍ଦୀଗୃହବାସୀ ମୁଁ
ରହିଛି ପାର୍ଥିବ କାମନା ବିଳାସୀ ହୋଇ
ସବୁ ସମୟରେ
ପୂର୍ଣ୍ଣଠାରୁ ଆହୁରି ସଂପୂର୍ଣ୍ଣ
ଶୂନ୍ୟତାର ଅନ୍ତିମ ପ୍ରକାଶ
ମୁଁ କି ଜାଣେ
ମୋ ଆତ୍ମାକୁ ଶୁଭିଯାଏ ବୋଲି ତୁମ ସ୍ୱର
ତୁମେ କଣ ସେତେବେଳେ
ଆକର୍ଷୁଛ ମତେ ବାରମ୍ବାର
ଯେତେବେଳେ ନିଜକୁ ମୁଁ ଚିହ୍ନିନାହିଁ,
ବୁଝିନାହିଁ ନିଜ ଛାଇ କେତେ ଆପଣାର
କେମିତି ପାରିବି ବୁଝି
ଦୂର ସିନ୍ଧୁ କେତେ ନୀଳ, କେତେ ବି ଗଭୀର ?

ସାଗରିକା ଏନକ୍ଲେଭ, ଭୁବନେଶ୍ୱର
(ମୋ)୯୮୬୧୩୨୩୬୫୦



## ମାଆ ପରା ସିଏ

### ଶରତ ଚନ୍ଦ୍ର ଜାଲି

ମାଆ ପରା ସିଏ କରୁଣାର ସିନ୍ଧୁ
ସେନେହର ସୁଧା ପସରା
ସରଗର ସୁଖ ସେବାର ମହକ
ପରଶେ ମମତା ଅସରା ।
ଯତନେ ଗଢଇ ସଂସାରକୁ ତାର
ଯାତନାରେ ହୋଇ ଜର୍ଜର
ତା'କର ସ୍ପର୍ଶରେ ଧୂଳିସାତ ହୁଏ
ଦୁଃଖଦୁର୍ଦ୍ଦଶାର ଭୂଧର ।
ଅଶନ, ବସନ, ଭୂଷଣରେ ତାର
ସନ୍ତାନକୁ ଦିଏ ସଜେଇ
ସନ୍ତାନ ଚିନ୍ତାରେ ତା'ହୃଦ ମନ୍ଦିରେ
ଆପଣାଙ୍କୁ ଦିଏ ହଜେଇ ।
ଅଳପ କଥା ତା ଗଳପର ପେଡି
ମିଠାମିଠା ଲାଗେ ଶୁଣିଲେ
ଭବିଷ୍ୟତ ଦିବ୍ୟ ଆଲୋକେ ହସଇ
ତା ବାଣୀ ଜୀବନେ ବୁଣିଲେ ।
କୋଳେଇ ନେଲେ ସେ କୋଳକୁ ତାହାର
ବୈକୁଣ୍ଠ ଆସଇ ଓହ୍ଲେଇ
ସିଏ ସ୍ରଷ୍ଟା ସିଏ ସୃଷ୍ଟି ପରି ଜାଗେ
କ୍ଷଣଟିଏ ଦେଲେ ଝୁଲେଇ ।
ଶକ୍ତିମୟୀ ସିଏ ଭକ୍ତିର ଜୁଆର
ଅନୁକମ୍ପା ତାର ହୋଇଲେ
ବିପଦଆପଦ କଟିଯାଏ ସବୁ
ତା'ଚିନ୍ତାରେ ଚିତ୍ତ ଥୋଇଲେ ।
ତେଣୁ ତା ପୟରେ ମଥାନତ କରି
ଅଳପେ ମାଗଇ ଆଶିଷ
ଜିଇଁଥିବା ଯାଏ ତା ଦିବ୍ୟ ନିର୍ଦ୍ଦେଶେ
ଜୀବନଟା ହେଉ ଶାସିତ ।

ଶିକ୍ଷକ
ପଥରା, ଖଲ୍ଲିକୋଟ, ଗଂଜାମ
ମୋ-୮୨୪୯୫୩୪୨୭୪

## ନିର୍ବାଚନ ତାତି

### ରମେଶ ଚନ୍ଦ୍ର ନାୟକ



ନିର୍ବାଚନ ତାତି ବହୁଛି ସଂପ୍ରତି
ଗାଆଁରୁ ସହର ଯାଏ
ନେତା ମନ୍ତ୍ରୀଙ୍କର ପ୍ରତିଶ୍ରୁତି ସ୍ୱର
ଢ଼ାକବାଜି ଯନ୍ତ୍ର କୁହେ ।

ଶୁଣିଦେଇ କାନେ ଭାବେ ମନେ ମନେ
ଭୋଅଟ ଦେବି କାହାକୁ
ସବୁ ପକ୍ଷୀ ପରା ଗୋଟିଏ ଭାଡିର
ଡେଣା ନାହିଁ ଉଡ଼ିବାକୁ ।

କେତେ ରାଜନେତା ଦେଇଥା'ନ୍ତି ବାର୍ତ୍ତା
ଆଲୁଅ ଛାଇର ଖେଳ
କୁଜି ନେତା ରଡି ଖେଳନ୍ତି କବାଡି
ଖାଇ ମଦ ମାଂସ ଝୋଳ ।

ଚାକିରିକୁ ହୁଡ଼ି ମୋଟା ଅଙ୍କ ଛାଡି
କରିଥା'ନ୍ତି ରାଜନୀତି
ଅନ୍ୟର ବିନାଶ ନିଜର ବିକାଶ
ଥାଏ ତାଙ୍କ ମତି ଗତି ।

ତେଲିଆ ମୁଣ୍ଡରେ ତେଲ ଢାଳିଥା'ନ୍ତି
ଗରିବଙ୍କୁ ଦେଇ ସଜା
ପାଞ୍ଚ ପୁରୁଷକୁ ଚିନ୍ତା ତ ନଥାଏ
କରିବାକୁ ପେଟପୂଜା ।

ଅର୍ଥକୁ ନଦେଖି ପ୍ରାର୍ଥୀଙ୍କୁ ଦେଖହେ
ଭୋଟର ଜନତା ଗଣ
ଚିତ୍ରକୁ ନଦେଖି ଚରିତ୍ର ପରଖି
କର ବାରେ ମତଦାନ ।

କେଶରପୁର, ବକ୍ସି ବଜାର, କଟକ
(ମୋ) ୭୯୭୮୧୫୧୭୧୦

## ଲେଖିଦେଲି ଦୁଇପଦ

### ନିରାକାର ଚଇନି



ଧିରେ ଧିରେ ଏବେ ବଦଳିଗଲାଣି
ସମାଜର ଛବି ଆମ
ପରଧନ ଖାଇ ଆରାମ କରିବା
ହେଲାଣି ଲୋକଙ୍କ କାମ ।

ଯାହାର ନିଜର ଅଛି ଜମି ବାଡ଼ି
ଚାଷ ନକରି ସେ ନିଜେ
ଭାଗୁଆ ଦେଇକି ମାମଲତି କରେ
ପର ଘରେ ହୋଇ ବିଜେ ।

ଗାଆଁ ମଣ୍ଡପରେ ତାଆସ ଖେଳରେ
ବିତିଯାଏ ତା'ର ବେଳ
ଅଥବା ସାହିରେ ରାଜନୀତି କରେ
କରି କିଛି ଲୋକ ମେଳ ।

ଯାହାର ତ କିଛି ଜମି ବାଡ଼ି ନାହିଁ
ସିଏ ବି ମୋଡ଼ଇ ନିଶ
ଟଙ୍କାକରେ କିଲେ ଚାଉଳ ପାଇଲା
ଆଉ ତା'ର ଲୋଡ଼ା କିସ ?

ପଇସା ନିହାତି ଦରକାର ହେଲେ
ଚାଲଇ ଦାଦନ ଖଟି
କିଛିଦିନ ପରେ ଗାଆଁକୁ ଫେରଇ
ସାଙ୍ଗକୁ ମାରିକି ପଟି ।

ସମାଜ ସେବାର ନାଆଁ ନେଇ ଥୋକେ
ଚାଲନ୍ତି ଶୋଷଣ କରି
ନିରୀହ ଜନତା ମୂକ ହୋଇଯାଏ
ଶାସନ କଳକୁ ଡରି ।

ଯାହା ଦେଖାଗଲା ଆଖିକୁ ତ ମୋର
ଲେଖିଦେଲି ଦୁଇପଦ
ଦେହକୁ ନେବେନି କ୍ଷମା କରିଦେବେ
କହିଥାଏ ଯଦି ମନ୍ଦ ।

ଶିକ୍ଷକ, ସରକାରୀ ପ୍ରାଥମିକ ବିଦ୍ୟାଳୟ,
ସୁବୁଦ୍ଧିସାହି, ଗୋଳାବନ୍ଧ,
ତେଲକୋଇ, କେନ୍ଦୁଝର-୮୪
ମୋ-୮୨୪୯୩୮୭୯୭୩



## କିଏ ସେ

### ଡଃ ମାଙ୍ଗଳିକା ମହାପାତ୍ର

କିଛି କହିବ କହିବ ବୋଲି
ସେ ରିଂ କରୁଥିଲା ବାରମ୍ବାର
ରିସିଭର୍ କାନରେ ଦେଲା ବେଳକୁ
ଶୁଭୁଥିଲା ଯେ ଶବ୍ଦ କମ୍ପିତ ଓଠର...

ମୁଁ କିଛି ପଚାରିବା ପୂର୍ବରୁ ହିଁ
ଟେଲିଫୋନ କଟି ଯାଉଥିଲା
ଜାଣିବାକୁ ଚେଷ୍ଟା କରୁଥିଲି
କଟୁଥିଲା ନା କାଟି ଦିଆଯାଉଥିଲା...

ଜାଣିବା ଥିଲା ସମ୍ପୂର୍ଣ୍ଣ ଅସମ୍ଭବ
ବୋଧହୁଏ ଏହା ବିଧି ନିର୍ଦ୍ଦେଶ
ତନ୍ମଧ୍ୟରୁ କିଛି ବି ବୁଝିପାରିବା
ଥିଲା ବିସ୍ମୟ ଭରା ଅବଶୋଷ...

ଅଜଣା ସେ ଆଶାୟୀ ନୟନ
ନୀରବ ନିଶ୍ଚଳ ସବୁ କିଛି ଜାଣି
ଅପଲକ ସଜଳ ନୟନ ଯୁଗଳ
କାହାକୁ ଖୋଜିବୁଲେ କେଜାଣି ...!!!

ରେଭେନସା ବିଶ୍ୱବିଦ୍ୟାଳୟ

# ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛି ଏନଜିଓ ସଂସ୍ଥା : ବିଜେପି

ଭୁବନେଶ୍ୱର,୧୪/୨ (ନି.ପ୍ର): ଏନଜିଓ (ବେସରକାରୀ ସଂସ୍ଥା) ମାନେ ପକ୍ଷଭୁକ୍ତ ହୋଇ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର କରିବା ଆଇନ ବିରୋଧୀ ଏବଂ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ । ଶାସନ କ୍ଷମତାର ଅପବ୍ୟବହାର କରି ସରକାରୀ କର୍ମଚାରୀମାନଙ୍କୁ ଦଳୀୟ ପ୍ରଚାର କାର୍ଯ୍ୟରେ ନିୟୋଜିତ କରୁଥିବା ଶାସକ ବିଜୁ ଜନତା ଦଳ ବର୍ତମାନ ବିଭିନ୍ନ ଏନଜିଓ ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରୁଛି । ସେହିପରି ନିର୍ବାଚନ ସମୟରେ କୌଣସି ପ୍ରକାରର ନିଯୁକ୍ତି ବିଜ୍ଞାପନ ପ୍ରକାଶ କରାଯିବା ଉପରେ ରୋକ ଥିବା ସତ୍ୱେ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିବା ସଂପୂର୍ଣ୍ଣ ଆଇନ ବିରୋଧୀ ଏବଂ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ । ଏହା ପରେ ମଧ ଶାସକ ବିଜେଡିର ବିଧାୟକ ଏବଂ ତାଙ୍କ ସଂପର୍କୀୟମାନେ ଭୋଟରମାନଙ୍କୁ ଅର୍ଥଲୋଭ ଦେଇ ପ୍ରଭାବିତ କରିବା ଅତ୍ୟନ୍ତ ଲଜ୍ଜାଜନକ ଏବଂ ସୁସ୍ଥ ଗଣତନ୍ତ୍ର ପ୍ରତି କୁଠାରଘାତ । କ୍ଷମତାକୁ ଜାବୁଡି ଧରିବା ପାଇଁ ଏଭଳି ଆଇନବିରୋଧୀ ଓ ଗଣତନ୍ତ୍ରବିରୋଧୀ କାର୍ଯ୍ୟ କରି ଭୋଟରମାନଙ୍କୁ ପ୍ରବଂଚନା କରିବା ଶାସକ ବିଜେଡିର ଅଭ୍ୟାସ । ରାଜ୍ୟ ନିର୍ବାଚନ କମିଶନ ଶାସକ ବିଜେଡିର ଏଭଳି ଆଇନବିରୋଧୀ ଓ ଅଗଣତାନ୍ତ୍ରିକ କାର୍ଯ୍ୟ ଉପରେ ରୋକ ଲଗାଇବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତୀୟ ଜନତା ପାର୍ଟି ତରଫରୁ ଦାବୀ କରାଯାଇଛି ।

ଡି.ଜଗନ୍ନାଥ ରାଜୁଙ୍କ ଦ୍ୱାରା ପରିଚାଳିତ ଏସଡବ୍ଲୁଡବ୍ଲୁଏସ୍ ନାମକ ବେସରକାରୀ ସଂସ୍ଥା ଏବଂ ପୃଥ୍ୱିରାଜ ଖିଲାରଙ୍କ ଦ୍ୱାରା ପରିଚାଳିତ ଏସଟିଇପି ନାମକ ବେସରକାରୀ ସଂସ୍ଥା ଗଜପତି ଜିଲ୍ଲା ବ୍ୟାପୀ ଶାସକ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟ କରୁଛି । ଜିଲ୍ଲାର ଗ୍ରାମାଂଚଳରେ ଏସଏଚଜି ଜରିଆରେ ୨୦ରୁ ୫୦ ହଜାର ଟଙ୍କା ବଂଟନ କରି ଭୋଟରମାନଙ୍କୁ ଶାସକ ବିଜେଡି ସପକ୍ଷରେ ଭୋଟ ଦେବା ପାଇଁ ପ୍ରଭାବିତ କରୁଛନ୍ତି । ନିର୍ବାଚନ ସମୟରେ କୌଣସି ପ୍ରକାରର ନିଯୁକ୍ତି ବିଜ୍ଞାପନ ପ୍ରକାଶ କରାଯିବା ଉପରେ ରୋକ ଥିବା ସତ୍ୱେ ଖଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଗତ ୧ ତାରିଖ ଦିନ ଗେଷ୍ଟ ଫେକଲ୍ଟି ପଦବୀ ନିଯୁକ୍ତି ପାଇଁ ବିଜ୍ଞାପନ ଜାରୀ କରିଛନ୍ତି । ସେହିପରି ଖଲିକୋଟ ବିଧାୟିକାଙ୍କ ସ୍ୱାମୀ ଝାଡବନ୍ଦ ଗ୍ରାମ ପଂଚାୟତରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେଲେ ଗ୍ରାମ ମଣ୍ଡପ ନିର୍ମାଣ ପାଇଁ ବିଧାୟକ ପାଂଠିରୁ ୩ ଲକ୍ଷ ଟଙ୍କା ଦେବେ ବୋଲି କହି ସ୍ଥାନୀୟବାସିନ୍ଦାଙ୍କୁ ପ୍ରଭାବିତ କରୁଛନ୍ତି ।

ରାଜ୍ୟରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଅବାଧ, ଭୟମୁକ୍ତ ଏବଂ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ଆଇନ ଖିଲାପକାରୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତୀୟ ଜନତା ପାର୍ଟି ଦାବୀ କରିଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଲିଗାଲ ସେଲ୍‌ର ରବିଶଂକର ପଟ୍ଟନାୟକ, ଜୟନ୍ତ ଜେନା ଓ ମହେନ୍ଦ୍ର ପ୍ରଧାନ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ, ରାଜ୍ୟ ସାମାଜିକ ସଂଗଠନ ପ୍ରକୋଷ୍ଠ ସଂଯୋଜକ ରଶ୍ମୀରଂଜନ କାନୁନଗୋ ପ୍ରମୁଖ ସାମିଲ ଥିଲେ ।

# ରାଜ୍ୟରେ ପୁଣି ୨୦ ଜଣ ସଂକ୍ରମିତଙ୍କ ପ୍ରାଣହାନି : କରୋନାଜନିତ ମୃତ୍ୟୁସଂଖ୍ୟା ୮୯୦୪କୁ ବୃଦ୍ଧି

ଭୁବନେଶ୍ୱର,୧୪/୨ (ନି.ପ୍ର): ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ପୁଣି ଦୁଇ ଅଙ୍କ ଛୁଇଁଛି । ରାଜ୍ୟରେ ୨୦ କରୋନା ସଂକ୍ରମିତଙ୍କ ପ୍ରାଣହାନି ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୯୦୪କୁ ବୃଦ୍ଧି ପାଇଛି ।

ପ୍ରାପ୍ତ ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲାରୁ ସର୍ବାଧିକ ୬ ଜଣ ମୃତକ ଅଛନ୍ତି । ଅପରପକ୍ଷରେ ଯାଜପୁରରୁ ୪ ଜଣ ମୃତକ ଥିବା ବେଳେ, କଟକ ଓ ପୁରୀରୁ ୨ଜଣ ଲେଖାଏଁ କରୋନା ସଂକ୍ରମିତଙ୍କ ପ୍ରାଣହାନି ଘଟିଛି । ତେଣେ ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ଜଣେ ଲେଖାଏଁ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଏଣେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫୦୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୩୫୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧୭୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୦୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୪୫ ଜଣ, ବାଲେଶ୍ୱରରୁ ୨୧ ଜଣ, ବରଗଡ଼ରୁ ୨୧ ଜଣ, ଭଦ୍ରକରୁ ୨୧ ଜଣ, ବଲାଙ୍ଗୀରରୁ ୯ ଜଣ, ବୌଦ୍ଧ ଜିଲ୍ଲାରୁ ୨୦, କଟକରୁ ୬୫ ଜଣ, ଦେବଗଡ଼ରୁ ୯ ଜଣ, ଢେଙ୍କାନାଳରୁ ୯ ଜଣ, ଗଜପତିରୁ ୩୯, ଗଞ୍ଜାମରୁ ୧୮ ଜଣ, ଜଗତସିଂହପୁରରୁ ୧୫ ଜଣ, ଯାଜପୁରରୁ ୪୫ ଜଣ, ଝାରସୁଗୁଡ଼ାରୁ ୨୪ ଜଣ, କଳାହାଣ୍ଡିରୁ ୧୦ ଜଣ, କନ୍ଧମାଳରୁ ୮ ଜଣ, କେନ୍ଦ୍ରାପଡ଼ାରୁ ୨୫ ଜଣ, କେଉଁଝରରୁ ୧୬ ଜଣ, ଖୋର୍ଦ୍ଧାରୁ ୧୦୫ ଜଣ, କୋରାପୁଟରୁ ୭୧ ଜଣ, ମାଲକାନଗିରିରୁ ୧୨ ଜଣ, ମୟୁରଭଞ୍ଜରୁ ୧୨ ଜଣ, ନବରଙ୍ଗପୁରରୁ ୧୧, ନୟାଗଡ଼ରୁ ୧୯ ଜଣ, ନୂଆପଡ଼ାରୁ ୧୩ ଜଣ, ପୁରୀରୁ ୧୬ ଜଣ, ରାୟଗଡ଼ାରୁ ୨୯ ଜଣ, ସମ୍ବଲପୁରରୁ ୩୫ ଜଣ, ସୋନପୁରରୁ ୧୮, ସୁନ୍ଦରଗଡ଼ରୁ ୬୨ ଜଣ ଓ ଷ୍ଟେଟ ପୁଲରୁ ୨୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୭୮,୧୨୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୫୭, ୮୪୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୧, ୩୨୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

## କଟକ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜେପି ସଭାପତିଙ୍କ ପଂଚାୟତ ନିର୍ବାଚନୀ ପ୍ରଚାର

ଭୁବନେଶ୍ୱର,୧୪/୨ (ନି.ପ୍ର): ରାଜ୍ୟର ଅଧିକାଂଶ ଗ୍ରାମାଂଚଳରେ ବିଜୁଳି ଖୁଂଟ ଅଛି, କିନ୍ତୁ ଲାଇଟ ଜଳୁନାହିଁ । ଡ୍ରେନ ଓ ସ୍ୱେରେଜ ବ୍ୟବସ୍ଥା ନଥିବା କାରଣରୁ ରାସ୍ତା ଉପରେ ପାଣି ଜମା ରହୁଛି । ଆବର୍ଜନା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଫେଲ ମାରିଥିବାରୁ ଗ୍ରାମାଂଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ରାଜ୍ୟର ଗ୍ରାମାଂଚଳର ତ୍ୱରାନ୍ୱିତ ବିକାଶ ଓ ଭିତିଭୂମିକୁ ଆହୁରି ଅଧିକ ସୁଦୃଢ କରାଯିବାର ମୁଳ ଉଦ୍ଦେଶ୍ୟ ରଖି ମୋଦି ସରକାର ୧୪ଦଶ ଓ ୧୫ଦଶ ଅର୍ଥ କମିଶନ ଜରିଆରେ ପଂଚାୟତକୁ ସିଧାସଳଖ ଟଙ୍କା ଦେଲେ । ଜନସଂଖ୍ୟା ଆଧାରରେ ୨୦୧୪ ମସିହାରୁ ପ୍ରତି ବର୍ଷ ପଂଚାୟତକୁ ୪୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଦିଆଗଲା । ମାତ୍ର ଦୁର୍ଭାଗ୍ୟର ବିଷୟ, ବର୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଗ୍ରାମାଂଚଳରେ ବିକାଶ ପହଂଚି ପାରିନାହିଁ । "ଇ-ଗ୍ରାମ ସ୍ୱରାଜ" ପୋର୍ଟାଲରେ କେନ୍ଦ୍ରୀୟ ଅନୁଦାନର ସଂପୂର୍ଣ୍ଣ ତଥ୍ୟ ରହିଛି ଏବଂ ଗ୍ରାମାଂଚଳବାସୀ ନିଜ ନିଜ ଅଂଚଳର ଉଭୟ ବିକାଶ ଓ ଦୁର୍ନିତୀ ସଂପର୍କରେ ଅବଗତ ହୋଇପାରିବେ । ପଲ୍ଲୀସଭା ଓ ଗ୍ରାମସଭାକୁ ପ୍ରାୟ ବନ୍ଦ କରି ରଖାଯାଇଛି । ଶାସକ ବିଜେଡିର ସ୍ଥାନୀୟ ଜନପ୍ରତିନିଧିଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ରାଜ୍ୟ ସରକାରଙ୍କ ଜନବିରୋଧୀ ମନୋଭାବ କାରଣରୁ ରାଜ୍ୟର ଗ୍ରାମାଂଚଳରେ ସଠିକ ବିକାଶ ହୋଇପାରିଲା ନାହିଁ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଚଳିତ ପଂଚାୟତ ନିର୍ବାଚନ ପ୍ରଚାର ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି କଟକ ଜିଲ୍ଲା ବଡମ୍ବା-ନରସିଂହପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୮ ଓ ୧୯ ନମ୍ବର ଜୋନର ବାଲିଝରୀ, ବାସଳିହତା, କାନପୁର, ମୁଖାପଡା, ସାଗର, ବନ୍ଧପଡା ଆଦି ବିଭିନ୍ନ ଗ୍ରାମ ଗସ୍ତ କରି ଦଳୀୟ ପ୍ରାର୍ଥୀ ଚିନ୍ତାମଣି ମହାଲିକ ଏବଂ ସୂର୍ଯ୍ୟମଣି ଜେନାଙ୍କ ସପକ୍ଷରେ ଭୋଟ ନିବେଦନ କରିଛନ୍ତି ।

# ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୪/୨ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଆଜି ଭୁବନେଶ୍ୱର ଏବଂ ବିଭିନ୍ନ ଜିଲ୍ଲାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉତରାଖଣ୍ଡ ନିର୍ବାଚନର ପ୍ରଚାର ସମୟରେ ଜନନାୟକ ତଥା ପୂର୍ବତନ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ପ୍ରତି ଯେଉଁ ଆଶାଳୀନ ମନ୍ତବ୍ୟ ଦେଇଛନ୍ତି ତାହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଂପାଦକ ଏବଂ ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଅଂଶଗ୍ରହଣ କରିଥିଲେ । ମାଷ୍ଟରକ୍ୟାଂଟିନ ଛକରେ ଆଜି ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଏହି ବିକ୍ଷୋଭ କରାଯାଇଥିଲା । ସେଠାରେ ହିମନ୍ତ ବିଶଶର୍ମା ଏବଂ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଜଗଦିଶ ଗଜେନ୍ଦ୍ର ଏହି ପରିପ୍ରେକ୍ଷୀରେ ହିମନ୍ତ ବିଶ୍ୱଶର୍ମା ଓ ନରେନ୍ଦ୍ର ମୋଦିଙ୍କୁ ଦୃଢ଼ ସମାଲୋଚନା କରିଥିଲେ । ପ୍ରଦେଶ ଛାତ୍ର କଂଗ୍ରେସ ମୁଖ୍ୟ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ର କହିଛନ୍ତି ଯେ ହିମନ୍ତ ବିଶ୍ୱଶର୍ମାଙ୍କ ଅଶାଳୀନ ମନ୍ତବ୍ୟରେ ତାଙ୍କର ନଷ୍ଟ ଏବଂ ଅଭଦ୍ର ବ୍ୟକ୍ତିତ୍ୱର ପରିପ୍ରକାଶ ହୋଇଛି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀ ଦଳ ସରକାରଙ୍କ ସମସ୍ତ କାର୍ଯ୍ୟକୁ ସମୀକ୍ଷା ଓ ସମାଲୋଚନା କରିବାର ଅଧିକାର ରହିଛି । ସରକାରଙ୍କର କୌଣସି ପଦକ୍ଷେପ ଉପରେ ବିରୋଧି ପ୍ରଶ୍ନ କରିପାରିବ । ସରଜିକାଲ ଷ୍ଟାଇକ ଓ କରୋନା ଭାକ୍‌ସିନ୍ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ କଂଗ୍ରେସର ବିଭିନ୍ନ ପ୍ରଶ୍ନ ର ପ୍ରତିବାଦ କରିବାକୁ ଯାଇ ଉତରାଖଣ୍ଡ ନିର୍ବାଚନ ପ୍ରଚାରରେ ହିମନ୍ତ ବିଶ୍ୱଶର୍ମା ସମସ୍ତ ସାଧାରଣ ଶାଳୀନତା ଟପି କହିଲେ ଯେ ରାହୁଲ ଗାନ୍ଧୀ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପୁଅକି ନାହିଁ ଭାଜପା କେବେ ପ୍ରଶ୍ନ କରିନାହିଁ । ହିମନ୍ତ ବିଶ୍ୱଶର୍ମାଙ୍କ ଏଭଳି ମନ୍ତବ୍ୟ ତାଙ୍କର ହୀନମନ୍ୟତା ଏବଂ ଭାଜପାର ହୀନରାଜନୀତିକୁ ସ୍ପଷ୍ଟ କରୁଛି । ଗାନ୍ଧୀ ପରିବାରର ପୂର୍ବଜମାନଙ୍କୁ ଦେଶର ଗୋଡ଼ିମାଟି ଜାଣେ । ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ନେହେରୁଙ୍କ ପୁଅ ଥିଲେ ପୂର୍ବତନ ଏଆଇସିସି ସଭାପତି ମୋତିଲାଲ ନେହେରୁ ଏବଂ ତାଙ୍କ ପୁଅଥିଲେ ପଣ୍ଡିତ ଜବାହାରଲାଲ ନେହେରୁ । ପଣ୍ଡିତ ନେହେରୁଙ୍କ କନ୍ୟାଥିଲେ ଇନ୍ଦିରା ଗାନ୍ଧୀ ଏବଂ ଇନ୍ଦିରା ଗାନ୍ଧୀଙ୍କର ପୁଅ ଥିଲେ ରାଜୀବ ଗାନ୍ଧୀ । ରାଜୀବ ଗାନ୍ଧୀଙ୍କର ପୁଅ ହେଉଛନ୍ତି ଜନନାୟକ ରାହୁଲ ଗାନ୍ଧୀଜୀ । ଏକଥା ଦେଶରେ ଜଣେ ସାଧାରଣ ନାଗରିକ କହିବ । ଏଣୁ ରାହୁଲ ଗାନ୍ଧୀଙ୍କର ବୁନିଆଦି ଉପରେ ପ୍ରଶ୍ନ କରିବା ଆସାମ ମୁଖ୍ୟମନ୍ତ୍ରୀଙ୍କର ଏକ ଅଭଦ୍ରୋଚିତ ଆଚରଣ ଓ ଉଚାରଣ । ଏଣୁ ହିମନ୍ତ ବିଶ୍ୱଶର୍ମାଙ୍କ ମନ୍ତବ୍ୟ ଆସାମ ପ୍ରଦେଶର ଗରିମାକୁ ନଷ୍ଟ କରୁଛି । ଏଭଳି ଜଣେ ଅଭଦ୍ର ଲୋକଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ ପଦବୀରେ ବସାଇଥିବାରୁ ଛାତ୍ର କଂଗ୍ରେସ ଉଭୟ ଆସାମ ମୁଖ୍ୟମନ୍ତ୍ରୀ ଏବଂ ବିଜେପିର ଘୃଣ୍ୟ, ବିବେକହୀନ ଏବଂ ଅସାମାଜିକ ଆଚରଣର ଦୃଢ଼ ନିନ୍ଦା କରୁଛି । ହିମନ୍ତ ବିଶ୍ୱଶର୍ମା କେବଳ ରାହୁଲ ଗାନ୍ଧୀ ନୁହେଁ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କୁ ମଧ ତାଙ୍କ ବକ୍ତବ୍ୟରେ ଅପମାନିତ କରିଛନ୍ତି । ଏଣୁ ଛାତ୍ର କଂଗ୍ରେସ ହିମନ୍ତ ବିଶ୍ୱଶର୍ମା ଏବଂ ନରେନ୍ଦ୍ର ମୋଦି ଜନନାୟକ ରାହୁଲ ଗାନ୍ଧୀଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରୁଛି । ଏହି କାର୍ଯ୍ୟକ୍ରମରେ କାର୍ତିକେଶ୍ୱର କାଣ୍ଡି, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ନିଆଜୁଲ ଇସ୍‌ଲାମ, ମହମ୍ମଦ ସମିଉଲ, ନିତେଶ ବେହେରା, ରଣଜିତ ସେନାପତି, ସଫଳ ସମନ୍ୱୟ, ଜିତେନ୍ଦ୍ର ମଲ୍ଲିକ, ସଂଜିବ ରାଉତ, ଅଭିଜିତ ମିଶ୍ର, ତାପସ ରଞ୍ଜନ ସ୍ୱାଇଁ, ସାଇଦ୍ ସୋଏବ ଅଲ୍ଲି, ଶୁଭକାନ୍ତ ବେହେରା, ଆରିୟାନ ସାସ୍‌ମଲ, ଶୁଭମ ନନ୍ଦ, ଆଶୁତୋଷ ବେହେରା, ରାଜଦ୍ୱିପ ବେହେରା, ଜିତେନ୍ଦ୍ର ବାରିକ, ସାଇରାମ ପାଣିଗ୍ରାହୀ, ତନ୍ମୟ ଜେନା, ହଜିଫା ମନଜର, ସନ୍ତୋଷ ସ୍ୱାଇଁ, ଅଭିଷେକ ଠାକୁର, ସୈଫ ଅଲ୍ଲି ଖାନ, ଇସ୍ରାଦ ଅନ୍‌ସାରୀ, ସୌରଭ କୁମାର, ମିର ରିଆଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଭି ଏସ୍ ଏସ୍ ନଗରରେ ଚୌଧୁରୀ ଉମାକାନ୍ତ ମିଶ୍ରଙ୍କ ପାଇଁ ଶୋକସଭା

ଭୁବନେଶ୍ୱର,୧୪/୨ (ନି.ପ୍ର): ବୀର ସୁରେନ୍ଦ୍ର ସାଏ ନଗରରରେ ଉନ୍ନୟନ ପରିଷଦ, ବରିଷ୍ଠ ନାଗରିକ କମିଟି ଓ ଦୁର୍ଗାପୂଜା କମିଟି ପକ୍ଷରୁ କଲୋନୀର ମୁରବୀ ତଥା ସମସ୍ତ କମିଟିର ଉପଦେଷ୍ଟା ଚୌଧୁରୀ ଉମାକାନ୍ତ ମିଶ୍ରଙ୍କ ବିୟୋଗରେ ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦୀରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତଃ ଉମାକାନ୍ତ ମିଶ୍ରଙ୍କ ମହାନ ବ୍ୟକ୍ତିତ୍ୱରୁ ଆମ୍ଭେମାନେ କିଛି ଶିଖି ପାରିଲେ ସମାଜ ହିଂସା ମୁକ୍ତ ହେବା ସହିତ ଶାନ୍ତିର ବାତାବରଣ ସୃଷ୍ଟି ହୋଇ ପାରିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଭି ଏସ୍ ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଆବାହକ ଭାବରେ ଶୋକସଭା ପରିଚାଳନା କରିଥିବା ବେଳେ ଉନ୍ନୟନ ପରିଷଦର ଉପ-ସଭାପତି ଡ ଜୟନ୍ତ ପରିଡା, ବରିଷ୍ଠନାଗରିକ କମିଟିର ଉପ-ସଭାପତି ଅକ୍ଷୟ କୁମାର ସାହାଣୀ ଓ ସାଧାରଣ ସମ୍ପାଦକ ଇ. ସୁରେଶ ଚନ୍ଦ୍ର କର, ଦୁର୍ଗାପୁଜା କମିଟିର ଉପ-ସଭାପତି ନିମାଇଁ ଦାସ, ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ପ୍ରତାପ ନନ୍ଦ, ଧୀରେନ୍ଦ୍ର ନାଥ ଦାଶ, ଦେବେନ୍ଦ୍ର ବିଶ୍ୱାଳ, ପ୍ରକାଶ କୁମାର ଦାଶ, ଶୋଭାକର ଦାସଫତେସିଂ, ଗୌରୀ ଶଙ୍କର ପ୍ରହରାଜ ଆଦି ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ବର୍ଣ୍ଣନା କରି ସେ ଅତି ଉଚ୍ଚକୋଟିର ପରିବାରର ହୋଇଥିଲେ ମଧ୍ୟ ସେ ବହୁତ ସରଳ ଓ ଶାନ୍ତ ଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମରେନ୍ଦ୍ର ସାହୁ, ଭ୍ରମରବର ପ୍ରଧାନ, ଚିନ୍ତାମଣି ବାରିକ, ରାମଚନ୍ଦ୍ର ସାମଲ, ପ୍ରସନ୍ନ ରଥ ଓ ସମରଞ୍ଜନ ମହାନ୍ତି ଆଦି କଲୋନୀରୁ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ଶେଷରେ ଉନ୍ନୟନ ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବୈଷ୍ଣବ ପରିଡ଼ାଙ୍କ ଜୟନ୍ତୀ ସମାରୋହ ୧୫ରେ

ଭୁବନେଶ୍ୱର,୧୪/୨ (ନି.ପ୍ର): ବିଶିଷ୍ଟ ରାଜନୀତିଜ୍ଞ, ସୁସାହିତ୍ୟିକ ତଥା ଭାଷା ସୁରକ୍ଷା ସମ୍ମିଳନୀର କର୍ଣ୍ଣଧାର ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ୮୧ତମ ଜୟନ୍ତୀ ସମାରୋହ ଫେବୃଆରୀ ୧୫ ତାରିଖ ସନ୍ଧ୍ୟା ୫.୩୦ମିନିଟ୍‌ରେ ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହେବ । ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବିଶିଷ୍ଟ ଗାନ୍ଧୀବାଦୀ ବିଦ୍ୱାନ ପ୍ରହଲାଦ କୁମାର ସିଂହ । ଏଥିରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ତଥା ସୁନାମଧନ୍ୟ କବି ଡ. ହୃଷିକେଶ ମଲ୍ଲିକ ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅନ୍ତର୍ଗତ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେବେ । ଏହି ଅବସରରେ ପ୍ରଫେସର ବସନ୍ତ କୁମାର ପଣ୍ଡା 'ମାତୃଭାଷା ଓ ଜାତୀୟ ଅସ୍ମିତା' ଶୀର୍ଷକ ପ୍ରଥମ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ବୋଲି ବୈଷ୍ଣବ ପରିଡ଼ା ସ୍ମୃତି ନ୍ୟାସର ଆବାହକ ଡ. ସ୍ୱର୍ଣ୍ଣଲତା ପରିଡ଼ା ସୂଚନା ଦେଇଛନ୍ତି ।

# ସବର୍ଣ୍ଣ କେଉଟ, କୈବର୍ତ୍ତ, ଧୀବର ଜାତିଙ୍କୁ ଏସ୍.ସି ତାଲିକାରୁ ବାଦ୍ ଦିଆଯାଉ

ଭୁବନେଶ୍ୱର,୧୪/୨ (ନି.ପ୍ର): ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତିର ବାର୍ଷିକ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼େମୀଠାରେ ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅସ୍ପୃଶ୍ୟତା, ଅନଗ୍ରସରତା ଓ ତାଡ଼ନାର ଶିକାର ହେଉଥିବା ରାଜ୍ୟର ଏସ୍.ସି., ଏସ୍.ଟି.ମାନଙ୍କୁ ଦେଶର ମହାସ୍ରୋତରେ ସାମିଲ୍ କରିବା ନିମିତ ସମ୍ବିଧାନରେ ସଂରକ୍ଷଣର ବ୍ୟବସ୍ଥା କରାଯାଇଅଛି । କିନ୍ତୁ ଦୁଃଖର ବିଷୟ, ଓଡ଼ିଶାରେ ଏମାନଙ୍କ ପାଇଁ ସଂଖ୍ୟାନୁପାତିକ ୪୦ଭାଗ ସଂରକ୍ଷଣ ଥିଲେ ମଧ ତାହା ପ୍ରଶାସନର ଚକ୍ରାନ୍ତ ଦ୍ୱାରା ସିଂହଭାଗ ହଡ଼ପ ହୋଇଯାଉଅଛି । ପ୍ରକୃତରେ ଦେଖାଗଲେ ଆମେ ୪୦ ଭାଗରୁ ମାତ୍ର ୪ ଭାଗ ପାଖାପାଖି ସଂରକ୍ଷଣ ପାଇଛୁ । ଏହାର ଉଦାହରଣ ହେଉଛି କେଉଟ, କୈବର୍ତ, ଧୀବର ଆଦି ସବର୍ଣ୍ଣ ଜାତି । ଏମାନେ ଫେରାରେ ସଂରକ୍ଷଣକୁ ହଡ଼ପ କରୁଥିଲେ, ପରେ ଚକ୍ରାନ୍ତ କରି ସରକାରଙ୍କ ସହଯୋଗରେ ପଛଦ୍ୱାର ଦେଇ ଏସ୍.ସି. ତାଲିକାକୁ ୨୦୦୨ ଡ଼ିସେମ୍ବରରେ ପଶି ଆସିଛନ୍ତି । ଦୀର୍ଘଦିନ ଧରି ସେମାନଙ୍କୁ ବିରୋଧ କରାଯାଉଥିଲେ ମଧ ସରକାର ତାଙ୍କୁ ଏସ୍.ସି ତାଲିକାରୁ ବାଦ ଦେଉନାହାଁନ୍ତି । ବରଂ ତାଙ୍କୁ ସାଦୃଶ କରି ରାଢି, ନିଆରି, ଘଣି ଆଦି ସାତଟି ଜାତିକୁ ଏସ୍.ସି ତାଲିକାରେ ସ୍ଥାନ ଦେବାଲାଗି ସୁପାରିଶ କରିଛନ୍ତି । ଏହା ଏକ ବେପାରରେ ପରିଣତ ହୋଇଗଲାଣି । ଆହୁରି ତେଲି, ତନ୍ତୀ, ଭଣ୍ଡାରୀ, ବାରିକ, ଗୁଡ଼ିଆ, କମାର, କୁମ୍ଭାର, ରଙ୍ଗଣୀ ଇତ୍ୟାଦି ବହୁ ସବର୍ଣ୍ଣ ଜାତି ଅର୍ଥ ବ୍ୟୟ କରି ଓଡ଼ିଶାର ଏସ୍.ସି ତାଲିକାରେ ପଶିବା ପାଇଁ ଚକ୍ରାନ୍ତ ଚାଲିଛି । ସେହିପରି ମାହାନ୍ତ ଓ ମେହେର ଆଦି ସବର୍ଣ୍ଣ ଜାତିମାନେ ଏସ୍.ଟି ତାଲିକାରେ ସ୍ଥାନିତ ହେବା ନିମିତ ଚେଷ୍ଟା ଚଳାଇଛନ୍ତି । କିନ୍ତୁ ପରିତାପର ବିଷୟ ସମାଜର ତଳସ୍ତରରେ ଥିବା ମେହେନ୍ତର, ଝୁରିଆ ଓ ଦଳିତ ବୈଷ୍ଣବ ଜାତିମାନେ ଏହି ତାଲିକାରେ ସ୍ଥାନ ପାଇପାରୁ ନାହାଁନ୍ତି । ସେହିପରି ଆଦିମ ଯୁଗରୁ ସଅର, ସଉରା, ସବର ଜାତିକୁ ମଧ ଏସ୍.ଟି ତାଲିକାରେ ସ୍ଥାନିତ କରାଯାଉ ନାହିଁ । ଏଣୁ ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ସହ ଅନୁବନ୍ଧିତ ସର୍ବଭାରତୀୟ ଅନୁସୂଚିତ ଜାତି ଜନଜାତି ସଂଘମାନଙ୍କର ପରିଷଦ, ନାଗରିକ ଏକତା ପରିଷଦ, ଦଳିତ ଆଦିବାସୀ ସୁରକ୍ଷା ମଂଚ, ସାମାଜିକ ନ୍ୟାୟ ପରିଷଦ, ଦାଣ୍ଡିମାଳ ସେବକ ସଂଘ, ନୀଳମାଧବ ଶବର ସଂଘ, ଉତ୍କଳ ରଜକ ମହାସଂଘ, ରାଷ୍ଟ୍ରୀୟ ଦଳିତ ମହାସଭା, ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ, କାଳନ୍ଦୀ ସମାଜ, ପାସି ସମାଜ, ବାଲ୍ମିକୀ ସମାଜ, ଭେଇ ସମାଜମାନଙ୍କ ତରଫରୁ ଏହି କେଉଟ, କୈବର୍ତ, ଧୀବର ଜାତିଙ୍କୁ ତୁରନ୍ତ ଏସ୍.ସି. ତାଲିକାରୁ ହଟାଯିବା ଏବଂ ସୁପାରିଶ ହୋଇଥିବା ରାଢି, ନିଆରି, ଘଣି ଇତ୍ୟାଦି ସବର୍ଣ୍ଣ ଜାତିର ପ୍ରସ୍ତାବକୁ ପ୍ରତ୍ୟାହାର କରିବା, ମେହେନ୍ତର, ଝୁରିଆ ଓ ଦଳିତ ବୈଷ୍ଣବମାନଙ୍କୁ ଏସ୍.ସି ତାଲିକାଭୁକ୍ତ କରିବା ଓ ସଅର, ସଉରା ଜାତିକୁ ଏସ୍.ଟି ତାଲିକାଭୁକ୍ତ କରିବା ନିମିତ ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ବାର୍ଷିକ ସମ୍ମିଳନୀରେ ଦାବି କରାଯାଇଛି । ୨୦୧୫ ମସିହାରୁ କାର୍ଯ୍ୟ କରୁନଥିବା ଏସ୍.ସି/ଏସ୍.ଟି ପରାମର୍ଶଦାତା କମିଟି ରାଜ୍ୟ ସରକାର ତୁରନ୍ତ ଗଠନ କରନ୍ତୁ । ଏସ୍.ସି. ସଂରକ୍ଷଣକୁ ଚୋରି କରି ମନ୍ତ୍ରୀ ହୋଇଥିବା ତୁଷାରକାନ୍ତି ବେହେରାଙ୍କୁ ତୁରନ୍ତ ମନ୍ତ୍ରୀପଦରୁ ହଟାଯାଉ ଓ ଏସ୍.ସି/ଏସ୍.ଟି କଲ୍ୟାଣ କମିଟିରୁ ଶଶୀଭୂଷଣ ବେହେରାଙ୍କୁ ବହିଷ୍କାର କରାଯାଉ । ନକଲି କେଉଟ ସାର୍ଟିଫିକେଟ ହାତେଇଥିବା ଘଣି ଜାତିର ସୋର ବିଧାୟକ ପର୍ଶୁରାମ ଧଡା ଅସଲି ଏସ୍.ସି.ମାନଙ୍କ ଉପରେ କରୁଥିବା ଅତ୍ୟାଚାର ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ରାଜନୈତିକ ଦଳର ସଭାପତିମାନେ ଯଥା : ରଙ୍କ ବେହେରା ଓ ବିଭୁ ତରାଇଙ୍କୁ ଏସ୍.ସି ସେଲ୍‌ର ମୁଖ୍ୟ ପଦରୁ ବହିଷ୍କାର କରନ୍ତୁ । ଏସ୍.ସି/ଏସ୍.ଟି ଗବେଷଣା ସଂସ୍ଥାର ନିର୍ଦ୍ଦେଶକ ଥିବା ଏ.ବି. ଓତାଙ୍କୁ ମଧ ଏସ୍.ସି/ଏସ୍.ଟି ବିରୋଧୀ କାର୍ଯ୍ୟ ନିମନ୍ତେ ନିର୍ଯ୍ୟାତନା ସୁରକ୍ଷା ଆଇନ ଅନୁସାରେ ଚାକିରୀରୁ ବହିଷ୍କାର କରାଯାଉ । ଓ.ବି.ସି.ମାନଙ୍କୁ ରାଜ୍ୟ ସରକାର ସିଡ୍ୟୁଲ୍-୯ ଅନୁସାରେ ସଂରକ୍ଷଣ ଦେବାର ବ୍ୟବସ୍ଥା କରନ୍ତୁ । ଏସ୍.ସି/ଏସ୍.ଟି ନିର୍ଯ୍ୟାତନା ନିବାରଣ ଆଇନକୁ ତୁରନ୍ତ ସଠିକ ଭାବେ କାର୍ଯ୍ୟକାରୀ କରାଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସହିତ ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଶେଷରେ ନିର୍ବାଚନ ତଥା ସବୁ କ୍ଷେତ୍ରରେ ଏହି ଜାତିର ଲୋକମାନଙ୍କୁ ବର୍ଜନ କରାଯିବା ନିମନ୍ତେ ଦାବି ଉପସ୍ଥାପନ କରାଯାଇଛି । ଏଣୁ ଓଡ଼ିଶା ସରକାର, ସମସ୍ତ ରାଜନୈତିକ ଦଳ ଓ ଜନସାଧାରଣଙ୍କୁ ଅନୁରୋଧ, ଏ ବିଷୟରେ ଆମର ସହାୟତା କରନ୍ତୁ । ଅନ୍ୟଥା ଆମେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବୁ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ଦେହୁରୀ, ସୁନାକର ବେହେରା, ଗୋପାଳ ନାୟକ, ଲକ୍ଷ୍ମୀଧର ବେହେରା, ରବୀନ୍ଦ୍ରନାଥ ସେଠୀ, ସୁରେନ୍ଦ୍ର ନାୟକ, ପ୍ରମୋଦିନୀ ମଲ୍ଲିକ, ମାନଗୋବିନ୍ଦ ସେଠୀ, କଳ୍ପତରୁ ମଲ୍ଲିକ, ଗୋପାଳ ସେଠୀ, ଦିଲ୍ଲୀପ ମଲ୍ଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ବହୁ ସଂଗଠନର କର୍ମକର୍ତାମାନେ ଯୋଗଦାନ କରିଥିଲେ ।

# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ 'କରୋନା ଏବଂ ଟିକାକରଣ :ସତ୍ୟତା ଓ ବାସ୍ତବତା' ଆଲୋଚନା

ଭୁବନେଶ୍ୱର,୧୪/୨ (ନି.ପ୍ର): କୋଭିଡ୍ ଏକ ନୂଆ ରୋଗ ନୁହେଁ । ସାଧାରଣ ଥଣ୍ଡା, ଜ୍ୱର ଜନିତ ରୋଗକୁ କୋଭିଡ୍ ନାମକରଣ କରାଯାଇଛି । ୨୦୨୦ ମସିହା ପୂର୍ବରୁ ଏହା ଥିଲା ଓ ଆଗକୁ ରହିବ ମଧ । କିନ୍ତୁ ଏହାକୁ ନେଇ ଲୋକଙ୍କୁ ଅନ୍ଧାରରେ ରଖାଯାଇଛି । କରୋନା ପୂର୍ବରୁ ମଧ ସାଧାରଣ ଥଣ୍ଡା ଜ୍ୱର ଜନିତ ରୋଗରେ ଲୋକଙ୍କର ମୃତ୍ୟୁ ହେଉଥିଲା । ୨୦୨୦ ମସିହା ପୂର୍ବରୁ ପ୍ରତ୍ୟେକ ଦେଶ ପାଖରେ ଏହାର ତଥ୍ୟ ରହୁଥିଲା । କିନ୍ତୁ ୨୦୨୦ ମସିହା ପରେ ଏସବୁ ସଂକ୍ରାନ୍ତରେ ଦେଶଗୁଡ଼ିକ ତଥ୍ୟ ରଖିନାହାନ୍ତି । ଥଣ୍ଡା, ଜ୍ୱର ଜନିତ ରୋଗରେ ମୃତ୍ୟୁ ହେଉଥିବା ସଂଖ୍ୟା କୁଆଡ଼େ ଗଲା ? ସେହିପରି ଯେଉଁଠି ପ୍ରାକୃତିକ ରୋଗ ନିରୋଧ ଶକ୍ତି ଲୋକମାନଙ୍କ ଭିତରେ ତିଆରି ହୋଇସାରିଛି, ସେଠାରେ ଟିକା ଦେବାର ଆବଶ୍ୟକତା ନାହିଁ । କିନ୍ତୁ ଲୋକଙ୍କୁ ପ୍ରଥମ, ଦ୍ୱିତୀୟ ଡୋଜ୍ ପରେ ଏବେ ବୁଷ୍ଟର ଡୋଜ୍ ପାଇଁ କୁହାଯାଉଛି । ସବୁ କମ୍ପାନି କ୍ଷତିରେ ଚାଲୁଥିବା ବେଳେ ଫାଇଜର, ମଡର୍ଣ୍ଣା ଭଳି ଟିକା ତିଆରି କରୁଥିବା କମ୍ପାନି ସେକେଣ୍ଡ ପିଛା ୭୦ ହଜାର ଟଙ୍କା ରୋଜଗାର କରୁଛନ୍ତି । ସରକାର ଖୋଲାଖୋଲି ଲୋକମାନଙ୍କ ଟଙ୍କା ଲୁଟ୍ କରି ଟିକା କମ୍ପାନିଙ୍କୁ ଟେକି ଦେଉଛନ୍ତି । କୋଭିଡ୍ ଓ ଟିକାକରଣକୁ ନେଇ ଆଜି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୟୁନିଟ୍-୪ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ସଭାଗୃହରେ 'କରୋନା ଏବଂ ଟିକାକରଣ :ସତ୍ୟତା ଓ ବାସ୍ତବତା' ଶୀର୍ଷକ ଆଲୋଚନାଚକ୍ରରେ ଏଭଳି ଭିନ୍ନ ମତ ପ୍ରକାଶ ପାଇଛି । ଭାରତ ନବନିର୍ମାଣ ଅଭିଯାନ ଏବଂ ଆୱାକେନ୍ ଇଣ୍ଡିଆ ମୁଭ୍‌ମେଣ୍ଟ ସହଯୋଗରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ନବନିର୍ମାଣ କୃଷକ ସଙ୍ଗଠନର ଜାତୀୟ ଆବାହକ ଅକ୍ଷୟ କୁମାର ସଂଯୋଜନା କରିଥିଲେ । ଏଥିରେ ସୁପ୍ରିମ୍‌କୋର୍ଟର ଆଇନଜୀବୀ ନିଲେଶ ଓଝା ମୁଖ୍ୟ ଅତିଥି, ନୂଆଦିଲ୍ଲୀ ଏମ୍‌ସ୍‌ର ପ୍ରଫେସର ଡ. ସଂଜୟ ରାୟ ମୁଖ୍ୟବକ୍ତା, ଡ. ବିଶ୍ୱରୂପ ରାୟ ଚୌଧୁରୀ ବିଶିଷ୍ଟ ବକ୍ତା ଓ ରବି କୋହର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

## ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ ବିଶ୍ୱ ରେକର୍ଡ଼ଧାରୀ ଓଡ଼ିଆପୁଅ ସଚିନ



ଭୁବନେଶ୍ୱର,୧୪/୨ (ନି.ପ୍ର): ଭାରତର ନିଷ୍ଠାଇକର ଭାବରେ ସୁପରିଚିତ ସଚିନ ବେହେରା ପାଞ୍ଚକେଜି ଏଙ୍କେଲ ୱେଟ୍ ବାନ୍ଧି ତିନି ମିନିଟ ଆଣ୍ଠୁ ପ୍ରଘାତ ବା ନିଷ୍ଠାଇକ କରି ପୂର୍ବରୁ ପାକିସ୍ତାନର ମୁଷ୍ଟିଯୋଦ୍ଧା ମହମ୍ମଦ ରସିଦଙ୍କ ନାମରେ ଥିବା ୧୭୮ ନିଷ୍ଠାଇକକୁ ଭାଙ୍ଗି ୨୦୪ ଆଣ୍ଠୁ ପ୍ରଘାତ କରି ନୂତନ ଗିନିଜ୍ ବୁକ୍ ରେକର୍ଡ଼ ସ୍ଥାପନ କରିଛନ୍ତି । ତାଙ୍କର ଏହି କୃତିତ୍ୱ ପାଇ ସାରା ଓଡ଼ିଶାର କୋଣ ଅନୁକୋଣରୁ ସଚିନଙ୍କ ପାଖକୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟିଥିଲା ବେଳେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ସଚିନ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ରାଜଭବନରେ ସଚିନଙ୍କୁ ଭେଟି ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରି ଗିନିଜବୁକ୍ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏଥିସହିତ କ୍ରୀଡ଼ା ପାଇଁ ସଚିନଙ୍କୁ ସବୁପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଗଣେଶୀଲାଲ କହିଥିଲେ ଯେ, କ୍ରୀଡ଼ା କ୍ଷେତ୍ରରେ ସଚିନ ଯେଭଳି ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି, ଆଜିର ଯୁବ ଖେଳାଳୀମାନେ ସଚିନଙ୍କ ପରି ନିଷ୍ଠା ଓ ପରିଶ୍ରମ କରିପାରିଲେ, ସଚିନଙ୍କ ଭଳି ଅନେକ ପ୍ରତିଭା ଓଡ଼ିଶା ପାଇଁ ଗୌରବ ଆଣିପାରିବେ । ରାଜ୍ୟପାଳଙ୍କ ଠାରୁ ସମ୍ବର୍ଦ୍ଧିତ ହେବା ପରେ ସଚିନ ଭବିଷ୍ୟତରେ ଆହୁରି ଅନେକ ବିଶ୍ୱ ରେକର୍ଡ଼ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି । ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ଲରକା ଗ୍ରାମର ପିତା ଲକ୍ଷ୍ମୀପ୍ରସାଦ ବେହେରା ଏବଂ ଆରତୀ ବେହେରାଙ୍କ ପୁତ୍ର ସଚିନ ବେହେରା ବର୍ତ୍ତମାନ ହାଇଟେକ କଲେଜ ଅଫ ଫିଜିଓଥେରାପିରେ ଇଣ୍ଟର୍ଣ୍ଣସିପ୍ କରୁଛନ୍ତି । ପିଲାଟି ବେଳରୁ ପାଠ ପଢିବା ସମୟରେ ଖେଳ ପ୍ରତି ରଚି ରଖିଥିଲେ । ଏଥିପାଇଁ ପିତାମାତା ସଚିନକୁ ପ୍ରୋତ୍ସାହନ ଦେଇ ଆସୁଥିଲେ । ତେଣୁ ସଚିନ ଖେଳରେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରୁଥିଲେ । ପ୍ରଥମେ ସେ ୧୦୦ ମିଟର ଧାବକ ଭାବରେ ପରିଚିତ ଥିଲେ । ଖାଲି ସେତିକି ନୁହେଁ ସଚିନଙ୍କ ଇଚ୍ଛା ଥିଲା ସେ ଆଣ୍ଠୁ ପ୍ରଘାତରେ ବିଶ୍ୱରେକର୍ଡ଼ କରି ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିବେ ।

# ରବୀନ୍ଦ୍ର ମଣ୍ଡପରେ ରାଜ୍ୟସ୍ତରୀୟ ସ୍ମୃତିସଭା

## ଲତା ଓ ଦାମୋଦରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୧୪/୦୨ (ନି.ପ୍ର): ଭାରତୀୟ ସଙ୍ଗୀତ ଜଗତର କିମ୍ବଦନ୍ତୀ ଗାୟିକା, କୋକିଳକଣ୍ଠୀ, ଭାରତରତ୍ନ ଲତା ମଙ୍ଗେସ୍କର ଏବଂ ଓଡ଼ିଶାର ପ୍ରଖ୍ୟାତ ଶାସ୍ତ୍ରୀୟ ସଙ୍ଗୀତଗୁରୁ ଡଃ ଦାମୋଦର ହୋତାଙ୍କ ମହାପ୍ରୟାଣରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ମୃତିସଭାରେ ସେମାନଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଦୁଇ ପ୍ରତିଭାଙ୍କ ତିରୋଧାନ ସଙ୍ଗୀତ କ୍ଷେତ୍ରରେ ବିରାଟ ଶୂନ୍ୟତା ସୃଷ୍ଟି କରିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍' ଏବଂ 'ସଂସ୍କୃତି ଓ ସଂସ୍କୃତି' ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଆୟୋଜିତ ଏହି ସ୍ମୃତି ସମାରୋହରେ ରାଜ୍ୟର ଅନେକ ପ୍ରବୀଣ ଓ ନବୀନ କଣ୍ଠଶିଳ୍ପୀ ସଂଗୀତ ମାଧ୍ୟମରେ ଲତା ଓ ଡଃ ହୋତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । କନ୍ଧମାଳର ସାଂସଦ ତଥା 'କିଟ୍ ଓ 'କିସ୍'ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । 'କାଦମ୍ବିନୀ'ର ସମ୍ପାଦିକା ଡଃ ଇତି ସାମନ୍ତ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ ସୁବୋଧ ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଦୁଇ ଦିବଙ୍ଗତ ପ୍ରତିଭାଙ୍କ ସ୍ମୃତିଚାରଣ କରିଥିଲେ । ଅନୁଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବା ସ୍ଥଳେ ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଉତ୍ସବରେ କିଶୋର କଳାକାର ରାକେଶ ବିଶ୍ୱାଳ ଭାଓଲିନ୍‌ରେ ଲତାଙ୍କ ସଙ୍ଗୀତର ସ୍ୱର ପରିବେଷଣ କରିଥିବା ବେଳେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଲୋଭା ବିଶ୍ୱାଳ, ଛନ୍ଦା ମିଶ୍ର, ସୀମା ମହାନ୍ତି, ପ୍ରୀତିନନ୍ଦା ରାଉତରାୟ, ପ୍ରତିଭା ପ୍ରଧାନ, ଅଚ୍ୟୁତ ମିଶ୍ର, ଅରୋଶିଷ ପାଣି, ଅର୍ଣ୍ଣବ ପଣ୍ଡା, କୈଳାସ ମଲ୍ଲିକ, ଆଶିଷ ଦତ୍ତ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ । ସଂଗୀତଜ୍ଞ ଅବନୀକାନ୍ତ ଦାସ ସଂଗୀତ ସନ୍ଧ୍ୟାକୁ ସଂଯୋଜନା କରିଥିବାବେଳେ ଉପସ୍ଥାପନ କରିଥିଲେ ଅଭିଷେକ । ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ, ମଣ୍ଟୁ ମହଲା ପ୍ରମୁଖ ପରିଚାଳନ ସହଯୋଗ କରିଥିଲେ ।

## ଜଗତିପୁର ପଞ୍ଚାୟତ ର ସ୍ୱାଧୀନ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

ଲଙ୍ଗଳେଶ୍ୱର, ୧୪/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗତିପୁର ପଞ୍ଚାୟତ ର ସ୍ୱାଧୀନ ଭାବେ ଲଢୁଥିବା ସରପଞ୍ଚ ପ୍ରାର୍ଥୀ ସଂଗ୍ରାମ କେଶରୀ ପରିଡା ଏବଂ ସମିତି ସଭ୍ୟ ପ୍ରାର୍ଥୀ ଯତୀନ୍ଦ୍ର ଗିରି ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ନିଜ ସମର୍ଥିତ କର୍ମୀ ମାନଙ୍କୁ ନେଇ ବଗଦା, ରାଣୀଖୁଡି, କରଞ୍ଜ, ବାଇସିଡା, ଇତ୍ୟାଦି ଗ୍ରାମର ଘରକୁ ଘର ବୁଲି ଲୋକଙ୍କୁ ଭୋଟ ଭିକ୍ଷା, କରିଛନ୍ତି। ବିଭିନ୍ନ ଗ୍ରାମରେ ନିଜର ଦକ୍ଷତା ଏବଂ ସେବା କରିବାର ପ୍ରତିଶୃତି ଦେଇଛନ୍ତି ।ପ୍ରଚାରର ମଙ୍ଗ ଧରିଛନ୍ତି ନିର୍ମଳ ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ବିଜୟ ପଢି, ପୂର୍ବତନ ସରପଞ୍ଚ ଗୁଣକର ପରିଡା, ପ୍ରଦୀପ ବେହେରା, ବଂଶୀଧର ସାହୁ, ସୁବଳ ଜେନା, ଦୀପକ ବିଶ୍ୱାଳ, ଅମଲ ଦାସ, କାଳିଚରଣ ପଣ୍ଡା, ସଞ୍ଜୟ ବାରିକ, ହୃଷିକେଶ ବାରିକ, ଦୀପକ ଦାସ, ପପୁ ବିଶ୍ୱାଳ, ଟୁଟୁ ବେହେରା ପ୍ରମୁଖ।

## ଇସ୍ରୋକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ରାଡ଼ାର ଚିତ୍ରୋତଳନକାରୀ ଉପଗ୍ରହ ଇଓଏସ୍ ୦୪ ସମେତ ଦୁଇଟି ଯାତ୍ରୀବାହୀ ଉପଗ୍ରହ ବହନ କରିପାରୁଥିବା ପିଏସ୍‌ଏଲ୍ ଭିସି୫୨ର ସଫଳ ଉତ୍କ୍ଷେପଣ ନିମନ୍ତେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସବୁଦିନିଆ ପାଗ ଅନୁକୂଳ ଇଓଏସ୍ ୫୦୪ ପ୍ରସ୍ତୁତ ଚିତ୍ରଗୁଡ଼ିକ କୃଷି, ଜଙ୍ଗଲ ଓ ବୃକ୍ଷରୋପଣ, ମୃତିକା ଆର୍ଦ୍ରତା, ହାଇଡ୍ରୋଲୋଜି ଏବଂ ବନ୍ୟା ମ୍ୟାପିଂରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ।

# ଅଳାଡିହାରେ ବିଜେଡିର ପ୍ରଚାର



ଲଙ୍ଗଳେଶ୍ୱର, ୧୪/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅଳାଡିହା ପଞ୍ଚାୟତ ର ଚାନ୍ଦମଣି, ବାଲିବିଲ, ଗ୍ରାମରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ କମଳ ଲୋଚନ କର ଏବଂ ସମିତି ସଭ୍ୟ ପ୍ରାର୍ଥୀ ସନ୍ତୋଷ ମହାଳିକ ପ୍ରଚାରକୁ ଜୋରଦାର କରିଛନ୍ତି।ପ୍ରତିଦିନ ସାହି ସାହି ରେ ବୈଠକ ସମେତ ନିଜ ସମର୍ଥକଙ୍କୁ ନେଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ପେଟ୍ରୋକେମିକଲ ପ୍ରକଳ୍ପ ଏବଂ ବନ୍ଦର ବିରୋଧୀ ହାଓ୍ୱା ଥିଲେବି। ନବୀନ ପଟ୍ଟନାୟକଙ୍କ ସଫଳ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରି ପ୍ରଚାର କରୁଛନ୍ତି ।ଏଇ ନିର୍ବାଚନୀ ମଙ୍ଗ ଧରିଛନ୍ତି ବିଜେଡିର ପୁରୁଖା କର୍ମୀ ପୂର୍ଣଚନ୍ଦ୍ର ଜେନା, ବିନୋଦ ଗିରି, ବଂଶୀ ପରିଡା, କାର୍ତ୍ତିକେଶ୍ୱର ପରିଡା, ଜଗବନ୍ଧୁଜେନା, ଗୌତମ ଜେନା, ସୁଶୀଲ ଦାସ, ରାମକୃଷ୍ଣ ପାତ୍ର, ଯଦୁନାଥ ନାୟକ, ଅକ୍ଷୟ ଦାସ ଅଧିକାରୀ, ବିଜୟ ପାତ୍ର, ଗଣେଶ ପାତ୍ର, ଜୟ କୃଷ୍ଣ ଜେନା, ପରମାନନ୍ଦ ଜେନା, ଚିତ ଜେନା, ଆଦିକନ୍ଦ ରାଉତ, ଶକୁନ୍ତଳା ଜେନା, ମିନତୀ ପରିଡା, ଶାନ୍ତିଲତା ନାୟକ, ଜୟନ୍ତୀ ବିଶ୍ୱାଳ ପ୍ରମୁଖ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୦୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୩୦,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## କରୋନା ବିରୋଧି ଟୀକାକରଣ ଅଭିଯାନରେ ଦିଆଗଲାଣି ୧୭୨.୯୫ କୋଟି ଟିକା

ନୂଆଦିଲ୍ଲୀ, ୧୪/୦୨ : କରୋନା ବିରୋଧି ଟୀକାକରଣ ଅଭିଯାନରେ ଦେଶରେ ଗତ ୨୪ ଘଂଟା ମଧ୍ୟରେ ସମୁଦାୟ ୧୧ ଲକ୍ଷ ୬୬ ହଜାର ଟୀକା ଦିଆଯାଇଛି । ଏହା ସହିତ ଦେଶରେ ଆଜି ସୁଦ୍ଧା ୧୭୨.୯୫ କୋଟି ଟୀକା ଦେବା ସଂଖ୍ୟା ପାରି କରିସାରିଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ ସୋମବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ ୧୭୧.୧୭ କୋଟି ଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଅଛି । ରାଜ୍ୟ ମାନଙ୍କ ପାଖରେ ଆଜି ସୁଦ୍ଧା ୧୨.୨୫ କୋଟି ଟୀକା ମହଜୁତ ଥିବା ଖବର ମିଳିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗୃହରାଷ୍ଟ୍ର ମନ୍ତ୍ରୀଙ୍କର ସଂପୃକ୍ତି....

୧୨ ତାରିଖରୁ ମନ୍ତ୍ରୀ ଆତ୍ମଗୋପନ କଲେ। ସୂଚନାଅଧିକାର ଆଇନବଳରେ ମଗାଯାଇଥିବା ସୂଚନା ଅନୁସାରେ ମନ୍ତ୍ରୀଙ୍କର ୧୨ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଗସ୍ତକୁ ଦିଆଯାଉ ନାହିଁ। ଏହି ସମୟରେ ମନ୍ତ୍ରୀ ସରକାରୀ କାମରେ ଯାଇଥିଲେ ନା ବ୍ୟକ୍ତିଗତ କାମରେ ଯାଇଥିଲେ ତାହା ସ୍ପଷ୍ଟ କରନ୍ତୁ । ଏହି ସମ୍ବେଦନଶୀଳ ଦୋଷୀଙ୍କୁ ଦଣ୍ଡିତ କରିବାପାଇଁ ପୋଲିସ ଉଦ୍ୟମ କରିବା ପରିବର୍ତ୍ତେ ଦୋଷୀ ଖସିଯିବାପାଇଁ ବାଟ ତିଆରି କରାଯାଇଛି। ମା'କୁ ସମ୍ମାନର ନାରା ଦେଉଥିବା ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିଥିବା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର, ପୋଲିସ ପ୍ରଶାସନ ଓ ବ୍ୟବସ୍ଥା ମମିତା ମେହେରଙ୍କୁ ନ୍ୟାୟ ଦେଇ ପାରିବ କି ନାହିଁ ତାହା ସଂଦେହ ଘେରରେ ଯାହା ସଭ୍ୟସମାଜ ପାଇଁ ଲଜ୍ଜାଜନକ ଓ ଦୁଃଖଦାୟକ ଘଟଣା ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

## ସବୁ ନଗର ନିଗମ ଆସନ....

ଆସନସୋଲ, ଚନ୍ଦନନଗର ଓ ସିଲିଗୁଡ଼ି ନଗର ନିଗମରେ ଏକ ତରଫା ବିଜୟ ହାସଲ କରିଛନ୍ତି। ଆଜି ଭୋଟ ଗଣତି ଆରମ୍ଭରୁ ଟିଏମସି ସବୁ ଆସନରେ ଆଗରେ ରହିଥିଲା। ଯାହା ଜଣାପଡୁଥିଲା ଟିଏମସି ପ୍ରାର୍ଥୀମାନେ ପୂର୍ବଭଳି ୩ଟି ନଗର ନିଗମରେ ବେଶ ଆରାମରେ ଜିତିବେ। ହେଲେ ପ୍ରଥମଥର ପାଇଁ ଟିଏମସି ସିଲିଗୁଡ଼ି ଆସନକୁ ମଧ୍ୟ ନିଜ ଅକ୍ତିଆରକୁ ନେଇଛି। ବିଧାନନଗରରେ ଥିବା ୪୧ଟି ଆସନରୁ ଟିଏମସି ୩୯ଟିରେ ଜିତିଥିବା ବେଳେ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଲେଖାଏ ସ୍ଥାନରେ ଜିତିଛନ୍ତି। ବିଧାନନଗରର ପୂର୍ବତନ ମେୟର ସବ୍ୟସଚ୍ଚ ଦତ୍ତ ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପିରେ ମିଶିଥିଲେ। ହେଲେ ନିର୍ବାଚନରେ ହାରିବା ପରେ ସେ ପୁଣିଥରେ ଟିଏମସିକୁ ଫେରିଥିଲେ। ଟିଏମସିକୁ ଆସିବା ପରେ ସେ ବିଧାନନଗର ପୌର ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ଏବେ ସେ ଏଠାକାର ଗୋଟିଏ ଆସନରେ ଜିତିଛନ୍ତି। ଚନ୍ଦନନଗରର ୩୨ଟି ଆସନରୁ ଟିଏମସି ୩୧ ଓ ସିପିଆଇଏମ ଗୋଟିଏ ସ୍ଥାନରେ ଜିତିଛି। ଆସନସୋଲର ୧୦୬ ଆସନରୁ ଟିଏମସି ୮୧, ବିଜେପି ୭, ସିପିଆଇଏମ ୨ଟି, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ୩ଟି ଲେଖାଏ ଆସନରେ ବାଜିମାତ କରିଛନ୍ତି। ବିଧାନସଭା ନିର୍ବାଚନ ବେଳେ ବିଜେପିର ଅଗ୍ନିମିତ୍ର ପଲ ଟିଏମସିର ସାୟନି ଘୋଷଙ୍କୁ ଆସନସୋଲରୁ ପରାସ୍ତ କରିଥିଲେ। ହେଲେ ଏବେ ଟିଏମସି ଏଠାକାର ପୌର ନିର୍ବାଚନରେ ଜବରଦସ୍ତ ପ୍ରଦର୍ଶନ କରିଛି। ବାମପନ୍ଥୀଙ୍କ ଶେଷ ଗଡ଼ ଭାବେ ପରିଚିତ ସିଲିଗୁଡ଼ିରେ ମଧ୍ୟ ମମତାଙ୍କ ଜଲୱା ଦେଖିବାକୁ ମିଳିଛି। ଏଠାରେ ଟିଏମସି ୩୭ଟି, ବିଜେପି ୫ଟି, ସିପିଆଇଏମ ୪ଟି ଓ କଂଗ୍ରେସ ଗୋଟିଏ ଆସନ ଜିତିଛି। ବାମପନ୍ଥୀ ମେଣ୍ଟର ମେୟର ଅଶୋକ ଭଟ୍ଟାଚାର୍ଯ୍ୟ ଓ ନିକଟରେ ବିଜେପି ଟିକେଟରୁ ବିଧାୟକ ହୋଇଥିବା ଶଙ୍କର ଘୋଷ ପୌର ନିର୍ବାଚନରେ ହାରିଛନ୍ତି। ୨୦୨୧ ବିଧାନସଭା ନିର୍ବାଚନରେ ହାରିଥିବା ଗୌତମ ଦେବ କିନ୍ତୁ ପୌର ନିର୍ବାଚନରେ ଜିତିଛନ୍ତି। ଟିଏମସି ତାଙ୍କୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେଇଥିଲା। ଟିଏମସିର ଏପରି ବିପୁଳ ବିଜୟ ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମସ୍ତ ପ୍ରାର୍ଥୀ ଓ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମତଦାନରେ ରେକର୍ଡ କଲା....

ସହ ଟେଲେଇଗୋ ନିର୍ବାଚନମଣ୍ଡଳୀର ବୁଥ୍ ନମ୍ବର ୧୫କୁ ଯାଇ ଭୋଟ ଦେଇଥିଲେ। ସେହିପରି ହିମାଚଳ ପ୍ରଦେଶର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆରଲେକର ଓ ତାଙ୍କ ପତ୍ନୀ ଗୋଆର ଭାସ୍କୋଡାଗାମା ଆସନର ୭ ନମ୍ବର ବୁଥିରେ ଭୋଟ ଦେଇଛନ୍ତି। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୧୦୦ଟି ବୁଥ୍ କରାଯାଇଥିଲା। ଗୋଆରେ ବିଜେପି, କଂଗ୍ରେସ, ଟିଏମସି ଓ ଆପ୍ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେଉଛି। ଗୋଆର ୪୦ଟି ଆସନରେ ୩୦୧ ପ୍ରାର୍ଥୀ ଲଢୁଛନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶର ଭୋଟିଂ ବେଳେ ନକଲି ଭୋଟର ଧରାପଡ଼ିଛନ୍ତି। ରାମପୁରରେ ଥିବା ଗୋଟିଏ ପୋଲିଂ ବୁଥରୁ ସୁରକ୍ଷା ଅଧିକାରୀମାନେ ୬ ଜଣ ନକଲି ଭୋଟରଙ୍କୁ ପରିଚୟପତ୍ର ସହ ଧରିଛନ୍ତି। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ରହିଥିଲେ। ଏହି ଘଟଣା ପରେ ବିଜେପି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇ ଭୋଟରଙ୍କ ଉପଯୁକ୍ତ ଯାଞ୍ଚ କରିବାକୁ ଦାବି କରିଛି। ଉତ୍ତରାଖଣ୍ଡର ଦୁଇଟି ଗାଁର ଲୋକେ ଭୋଟ ପ୍ରକ୍ରିୟାକୁ ବର୍ଜନ କରିଛନ୍ତି। ଜାଗି ଭଗବାନ ଓ ଚିଲାଉଣ୍ଡ ଗାଁର ଲୋକମାନେ ରାସ୍ତା ନିର୍ମାଣ ହୋଇ ନଥିବାରୁ ମତାଧିକାର ସାବ୍ୟସ୍ତ କରିନାହାନ୍ତି। ଗାଁ ଲୋକମାନେ ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି କରି ଆସୁଥିଲେ। ହେଲେ କେହି ବି ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଚିଲାଉଣ୍ଡର ୨୨୫ ଭୋଟର ଓ ଜାଗି ଭଗବାନ ଗାଁର ୩୭୬ ଜଣ ଭୋଟର ମତଦାନ କରି ନାହାନ୍ତି। ଗାଁ ଲୋକଙ୍କୁ ଭୋଟ କେନ୍ଦ୍ରକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଆଡିସନାଲ ଜିଲ୍ଲା ମାଜିଷ୍ଟ୍ରେଟ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ସେମାନେ କିଛି ବି ଶୁଣି ନଥିଲେ।

## ୧୬ ତାରିଖରେ ବଡ଼ ନେତାଙ୍କର....

ପଟୁ ସେତିକି ଅଡୁଆ ରହିଛି । ସେପଟେ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ପ୍ରଚାର ଠାରୁ ଦୂରେଇ ରହିଛନ୍ତି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଏଯାଏଁ ପ୍ରଚାରକୁ ଓହ୍ଲାଇ ନାହାନ୍ତି । ବିଜେପି ପାଇଁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କିଛି କିଛି ଯାଗାରେ ପ୍ରଚାର କରିଛନ୍ତି । ପୂର୍ବତନ ମନ୍ତ୍ରୀ ଜୁଏଲ ଓରାମ ଓ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ମଧ୍ୟ ଘନଘନ ଜିଲ୍ଲା ଗସ୍ତ କରିଛନ୍ତି । ହେଲେ କଂଗ୍ରେସ କ୍ୟାମ୍ପ ଆରମ୍ଭରୁ ପଛରେ ପଡିଯାଇଛି । ପ୍ରାର୍ଥୀ ଓ ଦଳର ବରିଷ୍ଠ ନେତାମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ବଖାଣି ଭୋଟରଙ୍କ ମନ ଜିଣିବାକୁ ପ୍ରୟାସ କରିଛନ୍ତି ।

## ଡାକ୍ତର କହି ୧୪ ମହିଳାଙ୍କୁ ....

ଡାଇରେକ୍ଟର ଜେନେରାଲ୍ ଭାବରେ ପରିଚୟ ଦେବା ସହ ନିଜକୁ ଅବିବାହିତ ବୋଲି ପରିଚୟ ଦେଇ ବିଭିନ୍ନ ମାଟ୍ରିମୋନିଆଲ୍ ସାଇଟରେ ବିଭିନ୍ନ ପରିଚୟରେ ତାଙ୍କର ବାୟୋଡାଟା ପୋଷ୍ଟ କରୁଥିଲେ। ସେ ମୁଖ୍ୟତଃ ଅଧିକ ବୟସର ଏକାକୀ ରହୁଥିବା କର୍ମଜୀବୀ ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ତାଙ୍କର ମୂଳ ଉଦ୍ଦେଶ୍ୟ ଥିଲା ନିଜର ଲାଭ ପାଇଁ ସେମାନଙ୍କର ପଇସା ହଡପ କରିବା ଅଭିଯୁକ୍ତଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପ୍ରକ୍ରିୟାରେ ୧୯୮୨ ମସିହାରୁ ଆଜି ପର୍ଯ୍ୟନ୍ତ ସେ ୧୪ ଜଣ ମହିଳାଙ୍କୁ ବିବାହ କରିଛନ୍ତି ଯେଉଁଥିରୁ କମିଶନରେଟ ପୋଲିସ୍ ୯ ଜଣ ମହିଳାଙ୍କୁ ସମ୍ପର୍କ କରିଛି ଏବଂ ଏ ସମ୍ପର୍କରେ ଅଧିକ ଅନୁସନ୍ଧାନ ଚାଲିଛି। ସେ ୧୯୮୨ ମସିହାରୁ ୨୦୦୨ ମସିହା ମଧ୍ୟରେ ଦୁଇ ଜଣ ମହିଳାଙ୍କୁ ବିବାହ କରିଥିଲେ। ତାପରେ ୨୦୦୨ ମସିହାରୁ ୨୦୨୦ ମସିହା ମଧ୍ୟରେ ସେ ଆହୁରି ୧୨ ଜଣ ମହିଳାଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କଠାରୁ ସେମାନଙ୍କର ମୂଲ୍ୟବାନ ସାମଗ୍ରୀ ଏବଂ ଟଙ୍କା ଠକି ନେଇଯାଇଥିଲେ। ସେ ପଞ୍ଜାବର ସିଏପିଏଫର ଜନୈକା ଅଧିକାରୀଙ୍କୁ ବିବାହ କରିଥିଲେ ଏବଂ ତାଙ୍କଠାରୁ ୧୦ଲକ୍ଷ ଟଙ୍କା ନେଇଥିଲେ ଏବଂ ଏକ ଗୁରୁଦ୍ୱାର ନାମରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନୁମତି ପ୍ରଦାନ କରିବା ନିମନ୍ତେ ଗୁରୁଦ୍ୱାରରୁ ୧୧ ଲକ୍ଷ ଟଙ୍କା ମଧ୍ୟ ଠକି ନେଇଥିଲେ।

# ମଧୁପୁରା ପଂଚାୟତରେ କଂଗ୍ରେସ ଫେରିବା ନେଇ ଅନୁମାନ

ବାଲିଆପାଳ, ୧୪/୦୨ (ନି.ପ୍ର): ବାଲିଆପାଳ ବ୍ଲକର ଏକ ଚର୍ଚ୍ଚିତ ପଂଚାୟତ ହେଲା ମଧୁପୁରା ପଂଚାୟତ। କଂଗ୍ରେସର ଗଡ ଭାବେ ଏହି ପଂଚାୟତ ବେଶ ପରିଚିତ । ସମଗ୍ର ବ୍ଲକର ରାଜନୀତିକୁ ଏହି ପଂଚାୟତ ଫଳାଫଳ ପ୍ରଭାବିତ କରିଥାଏ । ୧୯୮୪ରୁ ୨୦୧୭ ପର୍ଯ୍ୟନ୍ତ ଏହି ପଂଚାୟତ କଂଗ୍ରେସ ଦଳ ହାତରେ ଥିଲା ସେଥିରୁ ସର୍ବାଧିକ ସମୟ ବରିଷ୍ଠ କଂଗ୍ରେସ ନେତା ମୁରଲୀମୋହନ ସାହୁ ଏହି ପଂଚାୟତରେ ସରପଂଚ ଥିଲେ । ୨୦୧୭ରେ କିନ୍ତୁ ବିଜେଡି ଏଠାରେ କଂଗ୍ରେସ ସଂଗଠନକୁ ଭେଦକରି ପଂଚାୟତ ଦଖଲ କରିପାରିଥିଲା । ୨୧ଟି ୱାର୍ଡକୁ ନେଇ ଗଠିତ ଏହିଁ ପଂଚାୟତର ଭୋଟର ସଂଖ୍ୟା ୯ହଜାରୁ ସାମାନ୍ୟ ଅଧିକ । ଚଳିତ ପଂଚାୟତ ନିର୍ବାଚନରେ ଏହି ପଂଚାୟତର ସରପଂଚ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ସଦସ୍ୟ ପଦବୀ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ବିଜେଡିରୁ ଗୀତାରାଣୀ ମାହାନା ସରପଂଚ ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସରୁ ଜ୍ୟୋସ୍ନାରାଣୀ ଗଙ୍ଗାଇ ଓ ବିଜେପିରୁ ଜ୍ୟୋସ୍ନାରାଣୀ ଜେନା ସରପଂଚ ପ୍ରାର୍ଥୀ ହୋଇଛନ୍ତି । ତେବେ ଏଠାରେ ବିଜେଡି ଏବଂ କଂଗ୍ରେସ ମଧ୍ୟରେ କଡାମୁକାବିଲା ହେବ ବୋଲି ଲକ୍ଷ୍ୟ କରାଯାଉଛି । । କଂଗ୍ରେସ ପ୍ରାର୍ଥୀ ଜ୍ୟୋସ୍ନାରାଣୀ ଗଙ୍ଗାଇ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଏହି ପଂଚାୟତରେ ସରପଂଚ ଥିଲେ । ପୂର୍ବ ଅଭିଜ୍ଞତା ଦୃଷ୍ଟିରୁ ଅନ୍ୟ ଦୁଇ ପ୍ରାର୍ଥୀଙ୍କ ଅପେକ୍ଷା ସେ ଆଗରେ ଅଛନ୍ତି । ଅଭିଜ୍ଞ ପୂର୍ବତନ ସରପଂଚ ମୁରଲୀମୋହନ ସାହୁଙ୍କ ନେତୃତ୍ୱରେ ସେ ନିର୍ବାଚନ ବୈତରଣୀ ପାର କରିବାର ଲକ୍ଷ୍ୟ ରଖିଛନ୍ତି । ଏହି ପଂଚାୟତରେ ବାଲିଆପାଳ ବ୍ଲକର ସବୁଠାରୁ ବଡ ବ୍ୟବସାୟୀଙ୍କ ପେଣ୍ଠ ସିମୁଳିଆ ମାର୍କେଟ ରହିଛି। ଏହି ମାର୍କେଟରେ ଏକ ହଜାରରୁ ଉର୍ଦ୍ଧ୍ୱ ସ୍ଥାୟୀ ଦୋକାନ ରହିଛି। ପ୍ରତିଦିନ ଏଠାରେ ବସୁଥିବା ଦୈନିକ ମାର୍କେଟକୁ ବିଭିନ୍ନ ଅଂଚଳର ହଜାର ହଜାର ଲୋକ ଆସିଥାନ୍ତି । ଅର୍ଥିକ ଦୃଷ୍ଟିରୁ ଏହି ପଂଚାୟତଟି ବ୍ଲକର ସବୁଠାରୁ ବିତଶାଳୀ ପଂଚାୟତ । ସବୁ ଦଳ ଏହି ପଂଚାୟତକୁ ଦଖଲ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ତେବେ ପାରମ୍ପରିକ ପ୍ରତିଦ୍ୱନ୍ଦୀ କଂଗ୍ରେସ ଓ ବିଜେଡି ମଧ୍ୟରେ କଡାମୁକାବିଲ ହେଉଛି । ବିଜେପି ମଧ୍ୟ ପଛରେ ପଡିନାହିଁ । କଂଗ୍ରେସ ପ୍ରାର୍ଥୀ ଜ୍ୟୋସ୍ନାରାଣୀ ଗଙ୍ଗାଇ ବିଗତ ୨୨ ବର୍ଷର ବିଜେଡି ଶାସନରେ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ବିଶୁଦ୍ଧ ପାନୀୟ ଜଳ ଆଦି ଉପଲବ୍ଧ ହୋଇନାହିଁ ବୋଲି ବୁଝାଇବା ସହ ବିଗତ ପାଂଚ ବର୍ଷରେ ମଧୁପୁରା ପଂଚାୟତର ବ୍ୟାପକ ଦୁର୍ନିତି ସଂପର୍କରେ ଲୋକଙ୍କୁ ଅବଗତ କରାଇବା, ସିମୁଳିଆ ବଜାର ଟ୍ରାଫିକ ସମସ୍ୟା, ଶୌଚାଳୟ, ପାର୍କିଂଙ୍ଗ ବ୍ୟବସ୍ଥା, ଦୈନିକ ମାଛ ଓ ସାପ୍ତାହିକ ମାର୍କେଟର ଉନ୍ନତି ପାଇଁ ପ୍ରତିଶୃତି ଦେବା ସହ କଂଗ୍ରେସ ସରକାର ସମୟରେ ଏହି ପଂଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଦୃଷ୍ଟାନ୍ତ ରୂପେ ସେ ଲୋକଙ୍କ ଆଗରେ ରଖୁଛନ୍ତି । ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ଗୀତାରାଣୀ ମାହାନା ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଲୋକଙ୍କୁ ଅବଗତ କରାଇବା ସହ ପଂଚାୟତର ଉନ୍ନତ ପାଇଁ ପ୍ରତିଶୃତି ଦେଇ ଭୋଟ ଭିକ୍ଷା କରିଛନ୍ତି । ବିଜେପି ପ୍ରାର୍ଥୀ ଜ୍ୟୋସ୍ନାରାଣୀ ଜେନା ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକ ପ୍ରିୟତା ତଥା ବିଭିନ୍ନ କେନ୍ଦ୍ରୀୟ ଯୋଜନା ବାବଦରେ ଲୋକଙ୍କୁ ଅବଗତ କରାଇ ଭୋଟ ଭିକ୍ଷା କରୁଛନ୍ତି । ତେବେ କଂଗ୍ରେସ ପ୍ରାର୍ଥୀ ଏଥର ଦଳର ସମସ୍ତ ନେତୃମଣ୍ଡଳୀ ଓ କର୍ମୀଙ୍କୁ ଏକଜୁଟ କରି ନିଜର ଗଡକୁ ରକ୍ଷା କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି । ତେବେ ପୂର୍ବ ଅପେକ୍ଷା ବିଜେପିର ଭୋଟହାର ବଢିଥିବାରୁ ଏହା ଉଭୟ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ନିର୍ଣ୍ଣାୟକ ହେବ ବୋଲି ଅନୁମାନ କରାଯାଉଛି ।

# ପୁଲୱାମାରେ ସହିଦଙ୍କ ପାଇଁ ଦୀପ ଜାଳିଲା ଏବିଭିପି

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭୁବନେଶ୍ୱର ମହାନଗର ତରଫରୁ ପୁଲୱାମା ସହିଦ ଦିବସ ପାଳନ ହୋଇଛି। ୨୦୧୯ ମସିହା ଫେବ୍ରୁଆରୀ ୧୪ ରେ ଯେତେବେଳେ ସାରା ବିଶ୍ୱ ପ୍ରେମର ଦିନ ପାଳନ କରୁଥିଲା ସେତେବେଳେ ସନ୍ଧ୍ୟା ୭.୦୦ ଟା ସମୟରେ ଦେଶରେ ଆତଙ୍କବାଦୀ ମାନେ ଛାତି ଥରିଲା ଭଳି ଘଟଣା ଘଟାଇଥିଲେ । ଏହି ଆତଙ୍କବାଦୀ ଆକ୍ରମଣ ରେ ଦେଶର ବୀର ୪୦ ଯବାନ ସହୀଦ ହୋଇଥିଲେ। ଏହି ଦିନକୁ ବିଦ୍ୟାର୍ଥୀ ପରିଷଦ ପୁଲୱାମା ସହିଦ ଦିବସ ରୂପେ ପାଳନ କରେ। ଆଜି ପୁଲୱାମା ସହିଦ ଦିବସ ରେ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ମାନେ ଶ୍ରୀରାମ ମନ୍ଦିର ସମ୍ମୁଖରେ "ସହିଦ ଯବାନ ମାନଙ୍କ ପାଇଁ ଦୀପ ଟିଏ" କାର୍ଯ୍ୟକ୍ରମ ରେ ଆମର ସହିଦ ଜ୍ୟୋତି ରେ ୧୭୫ ଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି, ମହାନଗର ସମ୍ପାଦକ ପ୍ରିୟ ରଂଜନ ରାଉତ, ମହାନଗର ସହ ସମ୍ପାଦକ ରଜିତ ନାୟକ, ପାୟଲ ସେଠୀ, କବିତା କହଁର, ବର୍ଷାରାଣୀ ଦାସ, ବିକ୍ରମ ଛୋଟରାୟ, ସନ୍ଧ୍ୟାରାଣୀ ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟକର୍ତ୍ତା ମାନେ ଭୁବନେଶ୍ୱରର ବିଭିନ୍ନ କ୍ୟାମ୍ପସ ରେ ମଧ୍ୟ ପୁଲୱାମା ସହିଦ ଦିବସ ପାଳନ କରିଥିଲେ।


# ବିବେକାନନ୍ଦ ଶିକ୍ଷା କେନ୍ଦ୍ର

## ବିବେକାନନ୍ଦ ବିହାର, ଚନ୍ଦନେଶ୍ୱର, ବାଲେଶ୍ୱର

ନାମଲେଖା ଚାଲିଛି — ଶିକ୍ଷାବର୍ଷ-୨୦୨୨-୨୩ — ନାମଲେଖା ଚାଲିଛି

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶିଶୁ ପ୍ରବେଶ(K.G-1) ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ। ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ବିବେକାନନ୍ଦ ବିହାର, ଚନ୍ଦନେଶ୍ୱର, ବାଲେଶ୍ୱର

ଯୋଗାଯୋଗ: ୯୩୩୭୯୪୨୧୮୭, ୮୧୧୭୯୭୭୯୭୧


## ଗଣେଶ୍ୱର ଜେନାଙ୍କ ନିଆରା ପ୍ରଚାର

ନୀଳଗିରି, ୧୪/୦୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତନିର୍ବାଚନରେ ନୀଳଗିରି ବ୍ଲକର ୧୩ନଂ. ଜୋନରେ ସ୍ୱାଧୀନ ଜିଲ୍ଲା ପରିଷଦ ପ୍ରାର୍ଥୀ ଗଣେଶ୍ୱର ଜେନା (ଧୁଡୁ) ଚଳିତ ପଂଚାୟତ ନିର୍ବାଚନରେ ନିଆରା ଢ଼ଙ୍ଗରେ ଜୋରଦାର ପ୍ରଚାର ରେ ଲାଗିପଡ଼ିଛନ୍ତି । ଯେଉଁଦିନ ପ୍ରଚାର ମଇଦାନକୁ ଓହ୍ଲାଇଲେ ତା ପୂର୍ବରୁ ନିଜର ଇଷ୍ଟଦେବୀ ମା'ସିନ୍ଦୁରା ଗୌରା ଠାକୁରାଣୀ ପୀଠକୁ ଯାଇ ପୂଜାଅର୍ଚ୍ଚନା କରି ପ୍ରଚାର ମଇଦାନକୁ ପଳାଇ ଯାଇଥିବା ବେଳେ ପିନ୍ଧିଥିବା ଜୋତାଟିକୁ ଭୁଲବଶତଃ ଛାଡ଼ି ପଳାଇ ଯାଇଥିଲେ । ଏହାମାଆଙ୍କର ଆଶୀର୍ବାଦ ଭାବି ସେହି ଦିନ ଠାରୁ ଏଯାବତ୍ ଖାଲି ପାଦରେ ବୁଲି ବୁଲି ଭୋଟ ଭିକ୍ଷା କରୁଛନ୍ତି । ଉକ୍ତ ଜୋନରେ ୮ଟି ପଂଚାୟତ ଥିବା ବେଳେ ଧୁଡୁ ଭାଇ ନିଜର ସମର୍ଥକଙ୍କୁ ଧରି ଖାଲି ପାଦରେ ପ୍ରଚାର କରୁଛନ୍ତି । ଏଥିଷର ଗଣେଶ୍ୱରଙ୍କର କୌଣସି ଅସୁବିଧା ହେଉ ନ ଥିବା ବେଳେ ମାଆଙ୍କ ଆଶୀର୍ବାଦ ଥିଲେ ନିର୍ବାଚନ ବୈତରଣୀ ପାରିହେବାର ଆଶ ଭରସା ରଖିଛନ୍ତି । ରାଜନୀତି କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଖାଲି ପାଦରେ ପ୍ରଚାର କରୁଛନ୍ତି । ନିଜର ହାରମୋନିୟମ ଚିହ୍ନକୁ ନେଇ ପ୍ରତି ପଂଚାୟତରେ ହାରମୋନିୟମ ବଜାଇ ବଜାଇ ଅଭିନବ ଢ଼ଙ୍ଗରେ ପ୍ରଚାରକୁ ଭୋଟରମାନେ ଆକୃଷ୍ଟ ହେବାରେ ଲାଗିଛନ୍ତି । ଗଣେଶ୍ୱର ଜେନାଙ୍କ ଉପଦେଷ୍ଟାଭାବେ ୨୫ବର୍ଷ ଧରି ରାଜନୀତିରେ ରାଜୁତି କରୁଥିବାବେଳେ ରବି ନାରାୟଣବେହେରା ପୂର୍ଣ୍ଣ ସହଯୋଗ କରୁଥିବା ଜଣାପଡ଼ିଛି ।

## ଯିଏ ବ୍ୟବହାର କରିବ ନାହିଁ ପାଇଖାନା ତାଙ୍କୁ ଭୋଟ ଦେବାନି : ଆଶିଷ



ଉଦଳା, ୧୪/୦୨ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଜୋରଦାର ଚାଲିଥିବା ବେଳେ ସାମାଜିକ କର୍ମୀ ଆଶିଷ ମଲ୍ଲିକ ଗାଁକୁ ଗାଁ ବୁଲି, 'ଯିଏ ବ୍ୟବହାର କରିବ ନାହିଁ ପାଇଖାନା, ଭୋଟ ଦେବାନି ତାକୁ ଜମା' ସ୍ଲୋଗାନ ଦେଇ ଭୋଟର ମାନଙ୍କୁ ପ୍ରଭାବିତ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏ ବାବଦରେ ଆଶିଷଙ୍କୁ ପଚାରିବାରୁ ସେ କହିଲେ ମୁଁ ଓଡ଼ିଶାର ଅନ୍ୟ ଅଞ୍ଚଳ କଥା କହୁନାହିଁ, ମୁଁ ମୋର ଜନ୍ମସ୍ଥାନ ମୟୂରଭଞ୍ଜର କଥା କହୁଛି । ଏଠାରେ ନିର୍ବାଚନ ଲଢୁଥିବା ଅଧିକାଂଶ ପ୍ରାର୍ଥି ପାଇଖାନା ବ୍ୟବହାର ନକରି ନିୟମିତ ମଳତ୍ୟାଗ ପାଇଁ ପଦାକୁ ଯାଉଛନ୍ତି । ଏପରିକି କିଛି ପ୍ରାର୍ଥି ପାଇଖାନା ଗୃହଟିକୁ ଗୁହାଳ ଘରରେ ପରିଣତ କରି ଦେଇଛନ୍ତି । ଏପରି ପ୍ରାର୍ଥିଙ୍କୁ ଆଦୌ ଭୋଟ ଦେବା ଉଚିତ ନୁହେଁ ବୋଲି ଆଶିଷ ଲୋକଙ୍କୁ ବୁଝାଉଛନ୍ତି। ଆଉ କେତେକ ଏପରି ପ୍ରାର୍ଥିଙ୍କର ନିର୍ବାଚନ ଲଢ଼ିବାର ଯୋଗ୍ୟତା ନାହିଁ ବୋଲି ମତ ଦେଉଥିବାର ଶୁଣିବାକୁ ମିଳୁଛି । ଆଶିଙ୍କର ଏତାଦୃଶ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହିତ ଏହାଦ୍ୱାରା ଅନେକ ଭୋଟର ପ୍ରଭାବିତ ହେବେ ବୋଲି ଅନୁମାନ କରାଯାଉଛି । ଗାଁ ଗହଳରେ ବସବାସ କରୁଥିବା ମହିଳା ଭୋଟର ମାନେ ସ୍ୱେଚ୍ଛାସେବୀ ଆଶିଙ୍କର ଏଭଳି ପ୍ରୟାସକୁ ବହୁଳ ଭାବରେ ସମର୍ଥନ କରୁଥିବାର ଦେଖିବାକୁ ମିଳୁଛି ।

# ଗୋଟିଏ ଦିନରେ ୮୫୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୫୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୮୧୨୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୭୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୫୬୭୮୪୦ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୩୨୪ ରହିଛି । ଆଜି ଚିହ୍ନଟ ହୋଇଥିବା ୮୫୯ ଜଣଙ୍କ ମଧ୍ୟରୁ ୫୦୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୦୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୪୫, ବାଲେଶ୍ୱର ଜିଲ୍ଲାରୁ ୨୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨୦, କଟକରୁ ୬୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୩୯, ଗଂଜାମ ଜିଲ୍ଲାରେ ୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୫, ଯାଜପୁରରୁ ୪୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୮, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୧୬, ଖୋର୍ଦ୍ଧାରୁ ୧୦୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ‘ଅରୁନ୍ଧତୀର ଗପ’ ଚିତ୍ରନାଟକ ଲୋକାର୍ପିତ



ଭୁବନେଶ୍ୱର, ୧୪/୦୨ (ନି.ପ୍ର): ସଫଳ ଚଳଚ୍ଚିତ୍ର ଗୁଡ଼ିକର ଚିତ୍ରନାଟ୍ୟ ପୁସ୍ତକର ଆବଶ୍ୟକତା ଓଡ଼ିଆ ସାହିତ୍ୟରେ ରହିଛି । ଆଗାମୀ ପିଢ଼ୀର ଚଳଚ୍ଚିତ୍ର ଲେଖକମାନଙ୍କୁ ଏହା ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ୨୦୨୧ରେ ମୁକ୍ତିପ୍ରାପ୍ତ ସଫଳ ଓଡ଼ିଆ ଚଳଚ୍ଚିତ୍ର ‘ଅରୁନ୍ଧତୀ’ର ଚିତ୍ରନାଟକ ‘ଅରୁନ୍ଧତୀର ଗପ’ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଡ.ରଜନୀ ରଞ୍ଜନଙ୍କ ରଚିତ ଓ ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଲୋକାର୍ପଣ ଉତ୍ସବରେ ଖ୍ୟାତନାମା ଚଳଚ୍ଚିତ୍ର ନିର୍ମାତା ଡ. ସବ୍ୟସାଚୀ ମହାପାତ୍ର, କାଦମ୍ବିନୀର ସଂପାଦିକା ଡ. ଇତି ସାମନ୍ତ, ଓଡ଼ିଆ ସିନେକ୍ରିଟିକ୍ ଆସୋସିଏସନ୍‌ର ସମ୍ପାଦକ ଦିଲ୍ଲୀପ ହାଲି ଏବଂ ବିଶିଷ୍ଟ କଥାକାର ଡ. ଅଜୟ ସ୍ୱାଇଁ ଚଳଚ୍ଚିତ୍ର ପ୍ରଯୋଜକ ରମେଶ ବାରିକ, ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ‘ଅରୁନ୍ଧତୀ’ ଚଳଚ୍ଚିତ୍ରର କିଛି କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ନୂତନ ଓଡ଼ିଆ ଚଳଚ୍ଚିତ୍ର ‘ଡିୟର ଲଭ୍’ର ଘୋଷଣା କରାଯାଇଥିଲା । ଉତ୍ସବଟିକୁ ପରିଚାଳନା କରିଥିଲେ ବନୋଜ ତ୍ରିପାଠୀ ।

# ଗୋଟିଏ ଜିଲ୍ଲାକୁ ଛାଡ଼ି ଆଉ ସବୁ ଜିଲ୍ଲାରେ ପଜିଟିଭ ରେଟ୍ ୫% ତଳେ

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ଏବେ ହଜାର ତଳେ ରହିଛି । ରାଜ୍ୟ ପାଇଁ ଖୁସି ଖବର । କେବଳ ଗୋଟିଏ ଜିଲ୍ଲାକୁ ଛାଡ଼ି ଆଉ ସବୁ ଜିଲ୍ଲାରେ ଟେଷ୍ଟ ପଜିଟିଭ ରେଟ ୫ ପ୍ରତିଶତ ତଳେ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି । ସେ କହିଛନ୍ତି ଯେ ସର୍ଭିଲାନ୍ସ ଚାଲିଛି । ୬୦ ହଜାର ଉପରେ ଟେଷ୍ଟିଂ କରାଯାଉଛି । ଏପଟେ ଯେହେତୁ ସଂକ୍ରମଣ କମୁଛି, ସେପଟେ କୋଭିଡ ସାର୍ଟିଫିକେଟ ବାଧ୍ୟତାମୂଳକ ନା ନାହିଁ, ସେ ନେଇ ସରକାର ସାମଗ୍ରିକ ଭାବେ ନିଷ୍ପତି ନେବେ ।

# ସ୍ମଗ୍ଲିଂ ସିଣ୍ଡିକେଟ ଦ୍ୱାରା ଜିଲ୍ଲାରେ ଚୋରା ବାଲି ଚାଲାଣ ଅଭିଯୋଗ

ବାଲେଶ୍ୱର,୧୪/୦୨ (ନି.ପ୍ର): ବାଲେଶ୍ୱର ଜିଲାରେ ସ୍ୱତନ୍ତ୍ର ସ୍ମଗଲିଂ ସିଣ୍ଡିକେଟ ସହାୟତାରେ ବଭିନ୍ନ ନଦୀରୁ ମାଫିଆମାନେ ଶହ ଶହ କୋଟି ଟଙ୍କାର ବାଲିକୁ ବିକ୍ରି କରି ଚାଲିଛନ୍ତି ବୋଲି ଅଭିଯୋଗ ଆଣିଛି କଂଗ୍ରେସ । ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମିଡିଆ ସେଲ ଆବାହକ ସତ୍ୟ ପ୍ରକାଶ ନାୟକ ଯୋଗଦେଇ ବେଆଇନ ବାଲି ଉତ୍ତୋଳନ ଓ ଚୋଚାଲାଣ ସିଣ୍ଡକେଟରେ ପ୍ରଶାସନର ପ୍ରଚ୍ଛନ ହାତ ଅଛି ବୋଲି ଆରୋପ କରିଛନ୍ତି । ବାଲି ଚୋରା ଚାଲାଣରୁ ହେଉଥିବା ଆୟର ସିଂହଭାଗ ବିଜେଡିର ଦଳୀୟ ପାଣ୍ଠିକୁ ଯାଉଛି ବୋଲି ସେ କହିଛନ୍ତି । ଖାସ ସେଇଥି ପାଇଁ ଏନଜିଟିକୁ ସର୍ଭେ ରିପୋର୍ଟ ପ୍ରଦାନ ବେଳେ ବାଲେଶ୍ୱର ଜିଲାପାଳ କୌଣସି ବିଭାଗୀୟ ଅଧିକାରୀଙ୍କ ସହ ଯୋଗା ଯୋଗ କରି ନଥିଲେ । ଜନୈକ ଘରୋଇ ପରାମର୍ଶଦାତା ସଂସ୍ଥାଙ୍କ ତିଆରି ରିପୋର୍ଟକୁ ସେ ଏନଜିଟିକୁ ପ୍ରଦାନ କରିଛନ୍ତି । ଉଲେଖନୀୟ ବିଷୟ ହେଲା ସରକାରୀ ନିୟମ ଅନୁସାରେ ଜିଲାସ୍ତରୀୟ କମିଟିର ସଦସ୍ୟ ଥିବା ଜଳସମ୍ପଦ ବିଭାଗ, ରାଜସ୍ୱ ବିଭାଗ ଏମିତିକି ପ୍ରଦୂଷଣ ବିଭାଗୀୟ ଅଧିକାରୀଙ୍କ ସହ ବିଚାର ବିମର୍ଷ କରି ରିପୋର୍ଟ ପ୍ରଦାନ କରିବା କଥା । ମାତ୍ର ଜିଲାପାଳ କୌଣସି ବିଭାଗ ସହ ସମନ୍ୱୟ ନ ରଖି ମାଫିଆମାନଙ୍କୁ ସୁହାଇଲା ଭଳି ରିପୋର୍ଟ ପ୍ରଦାନ ସହ ବିଭିନ୍ନ ନଦୀର ବାଲି ସୈରାତକୁ ନିଲାମ ଦେଇଥିବା ଶ୍ରୀ ନାୟକ ଅଭିଯୋଗ ଉଠାଇଛନ୍ତି । ଏମିତିକି ନିଲାମ ପାଇଥିବା ବ୍ୟକ୍ତି ଓ ମାଫିଆମାନେ ଦୈନିକ ଧାର୍ଯ୍ୟ ପରିମାଣର ବାଲି ପରିବର୍ତ୍ତେ ଶହେଗୁଣ ଉତ୍ତୋଳନ ସହ ବାହାରକୁ ଚାଲାଣ କରି ଚାଲିଛନ୍ତି । ରାଜ୍ୟର ମୁଖ୍ୟ ଖଣିଜ ପଦାର୍ଥ ଉପରେ କେନ୍ଦ୍ରର କଟକଣା ଲାଗିବା ପରେ ରାଜ୍ୟ ସରକାର ଏବେ ବାଲି, ମାଟି, ମୋରମ ଓ ପଥର ଆଦି ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହା ଦଳୀୟପାଣ୍ଠି ବୃଦ୍ଧିରେ ସହାୟକ ହୋଇଛି । ସେଇଥି ପାଇଁ ଦୀର୍ଘଦିନ ପରେ ବି ଜଣେ ହେଲେ ବାଲି ମାଫିଆଙ୍କୁ ଗିରଫ କରାଯାଇ ନାହିଁ କିମ୍ବା ବେଆଇନ ବାଲି ଉତ୍ତୋଳନ କରୁଥିବା ମେସିନ, ଚାଲାଣ କରୁଥିବା ଟ୍ରକ ପ୍ରଭୃତିକୁ ଜବତ ପାଇଁ ଜିଲାପାଳ ନିର୍ଦ୍ଦେଶ ଜାରି କରିନଥିବା ଶ୍ରୀ ନାୟକ କହିଛନ୍ତି । ଏହି ବାଲି ମହାଦୁର୍ନୀତିରେ ମୁଖ୍ୟ ଅଭିଯୁକ୍ତ ଭାବେ ବାଲେଶ୍ୱର ଜିଲାପାଳଙ୍କ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ସହ ତାଙ୍କ ବିପକ୍ଷରେ ଫୌଜଦାରୀ ମାମଲା ରୁଜୁ ପାଇଁ ସେ ଦାବି କରିଛନ୍ତି । ଅନ୍ୟପକ୍ଷରେ ସବୁ ଜାଣି ଚୁପ ହୋଇ ବସିଥିବା ରାଜ୍ୟ ସରକାର ତୁରନ୍ତ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଭାରତୀୟ ଜାତୀୟ କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ନାୟକଙ୍କ ସମେତ ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି, ବରିଷ୍ଠ କଂଗ୍ରେସ ନେତା ଗୋପୀନାଥ ପାଢ଼ୀ ଓ ପଶୁପତି ଉପାଧ୍ୟାୟ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।

# ୧୯ରେ ମହାପ୍ରଭୁଙ୍କ ଦର୍ଶନ କରିବେ ରାଷ୍ଟ୍ରପତି

ପୁରୀ,୧୪/୦୨ (ନି.ପ୍ର): ଦୁଇଦିନିଆ ପୁରୀଗ୍ରସ୍ତରେ ଆସୁଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୧୯ ତାରିଖ ଦିନ ଶ୍ରୀମନ୍ଦିରକୁ ଯାଇ ଗର୍ଭଗୃହରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିବେ । ୧୯ତାରିଖ ଅପରାହ୍ନ୫ଟାରୁ ୫ଟା ୪୫ପର୍ଯ୍ୟନ୍ତ ରାଷ୍ଟ୍ରପତି ଶ୍ରୀମନ୍ଦିରରେ ରହିବେ । ରାଷ୍ଟ୍ରପତିଙ୍କ ଗ୍ରସ୍ତ ଦୃଷ୍ଟିରୁ ୧୯ତାରିଖ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଡକ୍ଟର କ୍ରିଷନ୍ କୁମାର କହିଛନ୍ତି । ରାଷ୍ଟ୍ରପତିଙ୍କ ଗ୍ରସ୍ତସୂଚୀକୁ ଆଖିଆଗରେ ରଖି ଶ୍ରୀମନ୍ଦିର ବ୍ୟବସ୍ଥା ବଳୀ ସମ୍ପର୍କରେ ଆଲୋଚନା ଲାଗି ଆଜି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଗଣମାଧ୍ୟମକୁ କହିଥିଲେଯେ, ୧୯ତାରିଖ ଅପରାହ୍ନ୫ଟାର ସପରିବାର ଶ୍ରୀମନ୍ଦିର ପରିଦର୍ଶନ କରିବେ । ରାଷ୍ଟ୍ରପତି ଗର୍ଭଗୃହରେ ଦାରୁବିଗ୍ରହମାନଙ୍କୁ ଦର୍ଶନ କରିବେ । ଶ୍ରୀମନ୍ଦିରରେ ସେ ୪୫ମିନଟ୍ ସମୟ ଅତିବାହିତ କରିବେ । ମୁଖ୍ୟପ୍ରଶାସକ କହିଥିଲେ ରାଷ୍ଟ୍ରପତିଙ୍କ ଗ୍ରସ୍ତସୂଚୀ ଅନୁଯାୟୀ ଅର୍ଥାତ ତାଙ୍କ ସହିତ ଶ୍ରୀମନ୍ଦିରକୁ ଯିବାକୁଥିବା ଲୋକମାନଙ୍କୁ ଅବଗତ କରାଯାଇଥିବା ମୁଖ୍ୟପ୍ରଶାସକ କହିଥିଲେ ।

# ସଂକଳ୍ପ ପରିବାର ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୧୪/୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସଙ୍ଗଠନ ‘ସଂକଳ୍ପ’ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ପ୍ରତିଷ୍ଠାତା ସଦସ୍ୟ ସମାଜସେବୀ ସଲିମ ରାଜାଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ସାମ୍ପ୍ରତିକ ସ୍ଥିତିରେ ପଞ୍ଚାୟତ ନିର୍ବାଚନ ପାଇଁ ଜିଲାର ଗ୍ରାମାଞ୍ଚଳମାନଙ୍କରେ ରକ୍ତଦାନ ଶିବିର ଆୟୋଜନ ବନ୍ଦ ରହିଥିବା ବେଳେ ରକ୍ତର ଅଭାବକୁ ଗୁରୁତ୍ୱ ଦେଇ ଏହି ଶିବିର ଆୟୋଜନ କରାଯାଇଛି ବୋଲି ଶ୍ରୀ ରାଜା କହିଛନ୍ତି । ଆନନ୍ଦ କୁନିଆ, ଜ୍ୟୋତି ପ୍ରକାଶ ଦେ, ସରୋଜ ତରେଇ, ଶେଖ ଖଲିଦ, ବିଶ୍ୱଜିତ ବେହେରା ପ୍ରମୁଖ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ । ସଂକଳ୍ପର ସଦସ୍ୟ ସଦସ୍ୟାଙ୍କ ସମେତ ଡାକ୍ତରଖାନାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ଼ ଏବଂ ନିଗମ ହସପିଟାଲର କର୍ମଚାରୀମାନେ ଏହି ଶିବିରରେ ରକ୍ତଦାନ କରିଥିଲେ ।

# ପୁଲୱାମା ସହିଦ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୪/୦୨ (ନି.ପ୍ର): ସନ୍ତ୍ରାସବାଦୀଙ୍କ ଆକ୍ରମଣରେ ଗତ ୨୦୧୯ ମସିହା ଆଜିର ଦିନରେ ପୁଲୱାମାଠାରେ ସହିଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଓଡ଼ିଶା ସାମ୍ବାଦିକ ୟୁନିୟନ, ବାଲେଶ୍ୱର ଜିଲା ଶାଖା ପକ୍ଷରୁ ଫକୀର ମୋହନ ଗୋଲେଇଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ଜିଲା ସଭାପତି ଗଙ୍ଗାଧର ରାଉତ ଏଥିରେ ପୌରୋହିତ୍ୟ କରିବା ସହ ସହିଦ ଅମର ଯବାନ ଦେଶ ପାଇଁ ଗୌରବ ହୋଇଛନ୍ତି ବୋଲି କହିଥିଲେ । ସଂଗଠନର ସମ୍ପାଦକ ବିବେକାନନ୍ଦ ଦାସ, ଦେବବ୍ରତ



ପାଣିଗ୍ରାହୀ, ମନୋଜ ରାଉଳ, ଅଜିତ କୁମାର ମହାନ୍ତି, ପ୍ରସନ୍ନଜିତ ଆଶ, ଲୋକନାଥ ପିରି, ଆଶୁତୋଷ ମିଳିକ, ଲକ୍ଷ୍ମୀଧର ବାରିକ, ଗଣେଶ ସେଠୀ, ବିନାୟକ ମହାପାତ୍ର, ଆଜିମ ବାଲେଶ୍ୱରରୀ, ଅରୂପ ନାରାୟଣ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ସହିଦଙ୍କ ଉଦ୍ଦେଶ୍ୟରେ ମହମବତୀ ଜାଳିବା ସହ ନିରବ ପ୍ରାର୍ଥନା କରି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ପିତୃ ପୂଜନ ଉତ୍ସବ ପାଳିତ

ବାଲେଶ୍ୱର, ୧୪/୦୨ (ନି.ପ୍ର): ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ ରସାଲପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପୂର୍ବାହ୍ନ ରେ ମାତୃ ପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିରକ୍ଷା ବିଭାଗରୁ ଅବସର ନେଇଥିବା ସ୍ଥାନୀୟ ସମାଜସେବୀ ଶିବାଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିବା ସହିତ ନିଜ ବକ୍ତବ୍ୟରେ ଭାରତୀୟ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଉପସ୍ଥିତ ମାତାପିତାଙ୍କୁ ଆହ୍ୱାନ କରିଥିଲେ ଓ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଯୋଗ ବେଦାନ୍ତ ସେବା ସମିତିର ଅନ୍ୟତମ ସଦସ୍ୟ ନାରାୟଣ ଭାଇ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ଅନୁଷ୍ଠାନର ସଂପାଦକ ଶମ୍ଭୁନାଥ ଯାଦବଙ୍କ ପରିଚାଳନାରେ ଆୟୋଜିତ



ଉତ୍ସବରେ ସ୍ଥାନୀୟ ଅଞ୍ଚଳରୁ ବହୁ ସଂଖ୍ୟକ ମାତାପିତା ଉପସ୍ଥିତ ରହି ଏହି ପୂଜନ ଉତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଗଣେଶ ଚନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ପାତ୍ର ଓ ଝିଲିମୟୀ ଦାସଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା’ ଓ ସେବୀକା ଉତ୍ସବ ପରିଚାଳନାରେ ବିଶେଷ ସହଯୋଗ କରିଥିଲେ ।

# ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ କଳା ଦିବସ ପାଳିତ

ନୀଳଗିରି, ୧୪/୦୨ (ନି.ପ୍ର): ଗତ ୨୦୧୯ ମସିହା ଫେବୃଆରୀ ୧୪ ତାରିଖ ଅପରାହ୍ନରେ ପୁଲୱାମା ଠାରେ ଭାରତୀୟ ସେନା ଉପରେ ହୋଇଥିଲା ଆତ୍ମଘାତି ବୋମା ବିସ୍ଫୋରଣ । ଏହି ବିସ୍ଫୋରଣରେ ୪୦ ରୁ ଅଧିକ ଯବାନ ସହୀଦ ହୋଇଥିବା ବେଳେ ୭୦ରୁ ଅଧିକ ଯବାନ ଗୁରୁତର ହୋଇଥିଲେ । ସେହିଦିନର ବଳିଦାନକୁ ମନେ ପକାଇ ଭାରତୀୟମାନେ ଏହି ଦିବସକୁ କଳାଦିବସ ଭାବେ ପାଳନ କରି ଆସୁଛନ୍ତି । ଆଜି ଦୁର୍ଗାମଣ୍ଡପ ଠାରେ ନୀଳଗିରି ରେ ଥିବା ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରଦୀପ ଜାଳି ସହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଛନ୍ତି । ସହୀଦ ଅମର ରହେ, ଭାରତ ମାତାକୀ ଜୟ ଆଦି ସ୍ଲୋଗାନଦେଇଥିଲେ । ଜାତୀୟ କଳା ଦିବସ ପାଳନ ଅବସରରେ ନିରଂଜନ ବେହେରା, ଅସିତ ନାୟକ,ମଦନ ନାଥ, ପ୍ରଭାଷିତ ପତି, ରେବତୀ ସିଂ, ସାଜିରା ସୋରେନ, ମଧୁସ୍ମିତା ସେଠୀ ଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ବାଗଚୀ ଦମ୍ପତ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ବେଙ୍ଗାଲୁରୁ ଠାରେ ଏକ ସ୍ନାତକୋତର ଭେଷଜ ବିଦ୍ୟାଳୟ ସମେତ ଏକ ମଲ୍‌ଟି ସ୍ପେଶାଲିଟି ହସ୍‌ପିଟାଲ୍ ପ୍ରତିଷ୍ଠା ହେବାକୁ ଯାଉଛି । ଏଥି ନିମନ୍ତେ ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ, ସ୍କିଲଡ୍ ଇନ୍ ଓଡ଼ିଶାର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ, ଏନ୍.ଏସ୍. ପାର୍ଥ, ଶ୍ରୀମତୀ ରାଧା ପାର୍ଥସାରଥି ବେଙ୍ଗାଲୁରୁସ୍ଥିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସହ ହାତ ମିଳାଇଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସେମାନଙ୍କୁ ପ୍ରଶଂସା କରିଛନ୍ତି । ଏପରି ବଦାନ୍ୟ ପ୍ରୟାସ ଅନ୍ୟମାନଙ୍କୁ ଜନସେବା ନିମନ୍ତେ ଅନୁପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ବାଗ୍‌ଚୀ ଦମ୍ପତି ଭୁବନେଶ୍ୱରଠାରେ ଏକ ଅତ୍ୟାଧୁନିକ କ୍ୟାନସର ହସ୍‌ପିଟାଲ୍ ଓ ଏକ ହୃଦରୋଗ ପ୍ରଯନି କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଅକୁଣ୍ଠ ଅବଦାନ ରଖିଛନ୍ତି । ମୋ ସ୍କୁଲ, ଓଡ଼ିଶା ଓ ସ୍କିଲଡ୍ ଓଡ଼ିଶା ଜରିଆରେ ସେମାନଙ୍କର ବଦାନ୍ୟତା ଓ ସ୍ୱେଚ୍ଛାକୃତ ଅବଦାନ ଅନ୍ୟମାନଙ୍କୁ ପ୍ରେରଣା ଦେଉଥିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଶ୍ରୀମନ୍ଦିର ପ୍ରବେଶ ଲାଗି ଲୋଡ଼ା ନାହିଁ ଟିକା ନେବା ପ୍ରମାଣପତ୍ର

ପୁରୀ,୧୪/୦୨ (ନି.ପ୍ର): ମହାମାରୀ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଲାଗି ବାଧ୍ୟତାମୂଳକ କରାଯାଇଥିବା ଦୁଇଡ଼ୋଜ ଟିକା ନେବାର ପ୍ରମାଣପତ୍ର କଟକଣାକୁ କୋହଳ କରାଯିବ । ତେବେ କୋହଳ ହେବାକୁ ଥିବା ଏହି କଟକଣା ଆସନ୍ତା ୨୧ ତାରିଖରୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଡକ୍ଟର କ୍ରିଷନ୍ କୁମାର କହିଛନ୍ତି । ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ୍ କୁମାରଙ୍କ ଏହି ସୂଚନା ଦେଇଛନ୍ତି । ଗଣାମଧ୍ୟକୁ ସୂଚନା ଦେଇ ମୁଖ୍ୟପ୍ରଶାସକ କହିଛନ୍ତିଯେ, କରୋନ ସଂକ୍ରମଣ ହ୍ରାସ ପାଉଛି । ଇତି ମଧ୍ୟରେ ଅଧିକାଂଶ ଲୋକ ଦୁଇ ଡ଼ୋଜ ଟିକା ନେଇ ସାରିଛନ୍ତି । କିନ୍ତୁ କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ବିଲୋପ ଘଟି ନଥିବାରୁ ଏଥିପାଇଁ ସତର୍କ ରହିବା ଆବଶ୍ୟକ । ତେବେ ପୂର୍ବ ପରି ପ୍ରତ୍ୟେକ ରବିବାର ଶ୍ରୀମନ୍ଦରିରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମୁଖ୍ୟପ୍ରଶାସକ କହିଥିଲେ । ଆସନ୍ତା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ । ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବାକୁଥିବା ବୈଠକରେ ରବିବାର ଶ୍ରୀମନ୍ଦରିରେ ସର୍ବସାଧାରଣ ଦର୍ଶନ ବନ୍ଦ ସମ୍ପର୍କିତ ନିଷ୍ପତ୍ତିର ପୁନଃ ବିଚାର କରାଯିବ ବୋଲି ସେ କହିଥିଲେ । ଟିକାନେବା ସହିତ କୋଭିଡ଼ କଟକଣା ମାନିବା ଲାଗି ସମସ୍ତ ଦର୍ଶନାର୍ଥୀମାନଙ୍କୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଥିଲେ ।

# ଧିନିକା ନନାଙ୍କ ସାହାଯ୍ୟ ଭୁଲି ନାହାନ୍ତି ଭୋଟର

ନୀଳଗିରି, ୧୪/୦୨ (ନି.ପ୍ର): ନୀଳଗିରି ବ୍ଲକର ଅଯୋଧ୍ୟା ପଂଚାୟତରେ ନିର୍ବାଚନ ସରଗରମ ଚାଲିଥିବା ବେଳେ ବିଜେପି ସମର୍ଥୀତ ପ୍ରାର୍ଥୀଙ୍କ ପ୍ରଚାର ଆଗରେ ବିରୋଧି ଘାଇଲା ହୋଇ ପଡ଼ିଛନ୍ତି । ଉକ୍ତ ପଂଚାୟତରେ ଜାତି ଧର୍ମବର୍ଣ୍ଣ ନିର୍ବିଶେଷରେ ରାଜନୀତିରେ ଉର୍ଦ୍ଧ୍ୱରେ ଥାଇ ଲୋକଙ୍କୁ ସାହାଯ୍ୟ କରି ଆସୁଥିବା ଅନିରୁଦ୍ଧ ଦାଶ ଓରଫ ଧିନିକା ନନା ଙ୍କ ଅକାଳବିୟୋଗ ଯୋଗୁଁ ପଂଚାୟତବାସୀ ଏକ ଭଗବାନଙ୍କୁ ହରାଇଲେ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା । ଚଳିତ ପଂଚାୟତ ନିର୍ବାଚନରେ ଅଯୋଧ୍ୟା ପଂଚାୟତର ଧିନିକାନନାଙ୍କ ଶୂନ୍ୟସ୍ଥାନକୁ ଭୋଟର ଭୁଲି ନ ଥିବାବେଳେ ତାଙ୍କ ପ୍ରତି ଥିବା ସ୍ନେହ,ଶ୍ରଦ୍ଧା, ଭଲ ପାଇବାକୁ ଭୋଟର ଭୁଲି ପାରୁ ନ ଥିବା ବେଳେ ବିଜେପି ଦଳ ସମର୍ଥନରେ ଛିଡ଼ା ହୋଇଥିବା ସରପଂଚ ତାରିଣୀ ସିଂ ଓ ସମିତିସଭ୍ୟ ଶୁକଦେବ ସିଂ,ଜିଲ୍ଲା ପରିଷଦ ସଭ୍ୟ ଅନୀତା ସିଂ ଙ୍କ ପ୍ରତି ଭୋଟର ସମର୍ଥନ କରୁଛନ୍ତି । ଶାସକ ଦଳ ପକ୍ଷରୁ ପ୍ରସାର ଓ ପ୍ରଚାରରେ ସେପରି ଆଖିଦୃଶିଆ ନ ଥିବା ବେଳେ ଭୋଟର ପଦ୍ମଦଳିଆଙ୍କ ପ୍ରତି ଆକୃଷ୍ଟ ହେବାକୁ ଲାଗିଛନ୍ତି ।

# ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୫୮ ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୧୪/୦୨ (ନି.ପ୍ର): ପୂର୍ବତନ ବିଧାୟକ, ଯୁବନେତା, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ଲଲଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୫୮ତମ ଜନ୍ମଜୟନ୍ତୀ କାର୍ଯ୍ୟକ୍ରମ ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଭୁବେନେଶ୍ୱର ୟୁନିଟ୍-୯ ସ୍ଥିତ ରାଧାକୃଷ୍ଣ ମନ୍ଦିର ଠାରେ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମୃତି କମିଟିର ଅଧକ୍ଷ ଶୁଭେନ୍ଦୁ ମହାନ୍ତି ଅଧକ୍ଷତା କରିଥିଲେ ଏବଂ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭଉଦଘାଟନ କରିଥିଲେ । ଉପସ୍ଥିତ ଅତିଥି ମାନଙ୍କୁ ସ୍ୱର୍ଗତ ଲୁଲୁ ବାବୁଙ୍କ ଜୀବନୀ, ବ୍ୟକ୍ତିତ୍ୱ ଓ ଆଦର୍ଶକୁ ଆଜିର ଯୁବ ସମାଜ ଅନୁକରଣ କରିବାକୁ ଶ୍ରୀ ହରିଚନ୍ଦନ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ଦାଶ, ଶ୍ରୀନିବାସ ରାଉତରାୟ, ଆଲୋକ ମହାନ୍ତି, ମାନସ ଆଚାର୍ଯ୍ୟ, ତରୁଣକାନ୍ତ ମିଶ୍ର, ଘନଶ୍ୟାମ ମହାନ୍ତି, ମନୋଜ ସାହୁ, କୀର୍ତ୍ତନାନନ୍ଦ ଦାସ, ସୁଦୀପ ସାମଲ, ହିମାଂଶୁ ଲେଙ୍କା,ଖଗେଶ୍ୱର ମଲ୍ଲିକ, ପ୍ରମୁଖ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ମୃତି କମିଟିର ସାଧାରଣ ସଂପାଦକ ଦୀପକ କୁମାର ସାହୁ ପରିଚାଳନା କରିଥିଲେ ।

# ଇନ୍ଦିପଡ଼ାରେ ବିଜେଡିର ମିଶ୍ରଣ ସଭା



ଲଙ୍ଗଳେଶ୍ୱର, ୧୪/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତ ର ଇନ୍ଦିପଡା ଗ୍ରାମରେ ବିଜେଡିର ମିଶ୍ରଣ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସମିତି ସଭ୍ୟ ତଥା ବିଜେଡି ନେତା ଦୁର୍ଜ୍ଜୟ କୁମାର ମହାନ୍ତି ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏଇ ସଭାରେ ଜିଲ୍ଲା ବିଜୁ କୃଷକ ଜନତା ଦଳ ର ସଭାପତି ଅଜୟ ସାମଲ,ଜିଲ୍ଲା ହରିଜନ ସେଲ ର ସଭାପତି ତଥା ପର୍ଯ୍ୟବେକ୍ଷକ ପ୍ରଫେସର ଶତ୍ରୁଘନ ମଲ୍ଲିକ ଯୋଗ ଦେଇ ନୂଆଭାବେ ଯୋଗ ଦେଇଥିବା କର୍ମୀଙ୍କୁ ସ୍ୱାଗତ କରିଥିଲେ । ଅଶ୍ୱନି ଦାସ, ନାରାୟଣ ଦାସ, ଶ୍ରୀବତ୍ସ ପାଣିଗ୍ରାହୀ,ଦଇତାପତି ଦଳାଇ, ରାଧାନାଥ ମହାଳିକ, ଜୟନ୍ତ ମଲ୍ଲିକ, ପ୍ରମୁଖ ଅନ୍ୟ ଦଳ ଛାଡି ବିଜେଡି ରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ ।

# ପ୍ରଥମ ପର୍ଯ୍ୟାୟ ମତଦାନ ଲାଗି ୮୩୮ଟି ବୁଥ୍‌କୁ ପୋଲିଂ ଦଳ ପ୍ରେରଣ

ଭଦ୍ରକ, ୧୪/୦୨ (ନି.ପ୍ର): ରିଖ । ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତା ୧୬-୨-୨୨ରେ ଅନୁଷ୍ଠିତ ହେଉଥିବା ୧ମ ପର୍ଯ୍ୟାୟ ମତଦାନରେ ଭଦ୍ରକ ଜିଲ୍ଲାର ଭଦ୍ରକ ଓ ବନ୍ତ ବ୍ଲକ ପାଇଁ ନିର୍ବଚାନ କରାଯାଉଛି । ଏଥି ଉପଲକ୍ଷେ ଆଜି ଭଦ୍ରକ ବ୍ଲକର ୩୬ଟି ପଞ୍ଚାୟତ ପାଇଁ ସମୁଦାୟ ୫୦୦ ବୁଥ ଓ ବନ୍ତ ବ୍ଲକର ୨୫ଟି ପଞ୍ଚାୟତ ପାଇଁ ୩୩୮ଟି ବୁଥକୁ ପୋଲିଂ ଦଳ ପ୍ରେରଣ କରାଯାଉଛି । ଭଦ୍ରକ ବ୍ଲକ ପାଇଁ ଭଦ୍ରକ କଲେଜ ଓ ବନ୍ତ ବ୍ଲକ ପାଇଁ ବ୍ଲକ ପରିସରରେ ବିତରଣ କେନ୍ଦ୍ର ଖୋଲାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ତ୍ରିଲୋଚନ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲୁ ରହିଛି । ଏସ୍.ପି. ଚରଣ ସିଂ ମୀନା ମଧ୍ୟ ଏହି କେନ୍ଦ୍ରମାନଙ୍କରେ ଉପସ୍ଥିତ ରହି ପୋଲିସ ବିଭାଗୀୟ କାର୍ଯ୍ୟକୁ ତଦାରଖ କରୁଛନ୍ତି । ପ୍ରତି ବୁଥ ପାଇଁ ଜଣେ ପ୍ରିଜାଇଡ଼ିଂ ଅଧିକାରୀ, ଜଣେ ୧ମ ପୋଲିଂ ଓ ଜଣେ ଦ୍ୱିତୀୟ ପୋଲିଂ ଅଧିକାରୀ ସହ ଜଣେ ପୋଲିସ୍ କର୍ମଚାରୀ ପ୍ରେରଣ କରାଯାଉଛି । ଉତ୍ତେଜନା ପ୍ରବଣ ବୁଥ ପାଇଁ ଦୁଇଜଣ ପୋଲିସ କର୍ମଚାରୀ ନିୟୋଜିତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରାଯାଇପାରେ କି ଭଦ୍ରକ ବ୍ଲକରେ ୬୮ଟି ଓ ବନ୍ତ ବ୍ଲକରେ ୫୮ଟି ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ କରାଯାଇଛି । ସେହିପରି ବୁଥମାନଙ୍କରେ ମତଦାନ କାର୍ଯ୍ୟର ସୁପରିଚାଳନା ପାଇଁ ଭଦ୍ରକ ବ୍ଲକ୍‌ର ୩୬ ଗ୍ରା.ପ. ପାଇଁ ୩୬ ଜଣ ସେକ୍ଟର ଅଫିସର ଓ ବନ୍ତ ବ୍ଲକ ପାଇଁ ୨୫ଜଣ ସେକ୍ଟର ଅଫିସର ନିୟୋଜିତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟକି ପ୍ରତି ବ୍ଲକ ସଦର ମହାକୁମାରେ ୨ଟି ଲେଖାଏଁ ମହିଳା ବୁଥ୍ କରାଯାଇଛି । ସେଥିରୁ ଗୋଟିଏ ବୁଥ୍‌ରେ ପୋଲିସ ସହ ସମସ୍ତ ପୋଲିଂ କର୍ମଚାରୀ ମହିଳା ରହିବେ ଏବଂ ଅନ୍ୟଟିରେ ଅତିକମ୍‌ରେ ୨ଜଣ ମହିଳା ପୋଲିଂ କର୍ମଚାରୀ ରହିବେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo